

'ରାମାୟଣ'ର ଭିଡିଓ ଲିକ୍
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-10 ♦SATURDAY ♦04 JULY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୦ ♦ଶନିବାର ♦୦୪ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୧୦ ବୌଦ୍ଧ ସନ୍ନ୍ୟାସୀଙ୍କୁ ଗାଡ଼ି ଚଢ଼ାଇଦେଲା ନାବାଳକ

■ ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଥାଇଲ୍ୟାଣ୍ଡର ମୁକ୍‌ଦାହାନ ସହରରେ ଏକ ସ୍ତବ୍ଧ କଲାଭଳି ଦୁର୍ଘଟଣା ଘଟିଛି । ଜଣେ ୧୧ ବର୍ଷର ବାଳକ ନିଜ ପରିବାରର ପିକ୍‌ଅପ୍ ଭ୍ୟାନ୍‌କୁ ବିନା ଅନୁମତିରେ ପ୍ରାୟ ୧୦ କିଲୋମିଟର ଚଲାଇ ନେଇ ରାସ୍ତାରେ ଯାଉଥିବା ବୌଦ୍ଧ ସନ୍ନ୍ୟାସୀ (ଭିକ୍ଷୁ)ଙ୍କ ଶୋଭାଯାତ୍ରା ଉପରେ ଚଢ଼ାଇ ଦେଇଛି । ଏହି ଦୁର୍ଘଟଣାରେ ଅତିକମରେ ୧୦ ଜଣ ସନ୍ନ୍ୟାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରାୟ ୩୫ ଜଣ ସନ୍ନ୍ୟାସୀ ଓ ୫ ଜଣ ଭକ୍ତ ପଦଯାତ୍ରାରେ ଏକ ମନ୍ଦିରରୁ ଅନ୍ୟ ଏକ ମନ୍ଦିରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ୫ ଜଣଙ୍କର ଏବଂ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ଅନ୍ୟ ୫ ଜଣଙ୍କର ମୃତ୍ୟୁ ହୋଇଛି । ଦେହ ଖରାପ ଥିବାରୁ ସେଦିନ ବାଳକଟି ସ୍କୁଲ ଯାଇ ନ ଥିଲା ଏବଂ ଘରେ ଏକା ଥିଲା । ସେ ଅଜାଣତରେ ଗାଡ଼ି ନେଇ ପଳାଇବା ପରେ ପରିବାର ଲୋକେ ପୁଲିସକୁ ଗାଡ଼ି ହଜିବା ନେଇ ସୂଚନା ଦେଇଥିଲେ । ପୁଲିସ ସୂଚନା ଅନୁସାରେ ବାଳକ ଜଣକ



ମାନସିକ ସ୍ତରରେ ଅସୁସ୍ଥ ଥାଇପାରେ । ସେ ବର୍ତ୍ତମାନ ଭୟଭୀତ ଥିବାରୁ ତା ବିରୋଧରେ କୌଣସି ମାମଲା ରୁଜୁ ହୋଇନାହିଁ ଏବଂ ଡାକ୍ତର ଓ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଚାଲିଛି ।

## ପାକିସ୍ତାନରେ ଖାଇକୁ ଖସିଲା ବସ୍; ୪୦ ମୃତ

■ ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ପାକିସ୍ତାନର ଦକ୍ଷିଣ-ପଶ୍ଚିମ ପ୍ରଦେଶ ବେଲୁଚିସ୍ତାନରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ଯାତ୍ରୀ ବସ୍ ନିୟନ୍ତ୍ରଣ ହରାଇ ରାଜପଥରୁ ଗଭୀର ଖାଇକୁ ଖସିପଡ଼ିବାରୁ ଅତିକମରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ବସ୍‌ଟି କ୍ୱେଟାରୁ ଜାତୀୟ ରାଜଧାନୀ ଇସଲାମାବାଦ ଯାଉଥିବା ବେଳେ ଶେରାନୀ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ବସ୍‌ଟିରେ ପ୍ରଥମେ ୩୬ ଜଣ ଯାତ୍ରୀ ଥିଲେ । ମାତ୍ର ବାଟରେ ଖରାପ ହୋଇଯାଇଥିବା ଅନ୍ୟ ଏକ ବସ୍‌ର ଯାତ୍ରୀମାନଙ୍କୁ ଏଥିରେ ବସାଯାଇଥିଲା । ଏହି କାରଣରୁ ଗାଡ଼ିଟିରେ କ୍ଷମତାଠାରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ, ଜରୁରୀକାଳୀନ ଚିକିତ୍ସା ଦଳ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ୪୦ଟି ମୃତଦେହ ଉଦ୍ଧାର



କରିଥିବା ବେଳେ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସା କେନ୍ଦ୍ରକୁ ପଠାଇଛନ୍ତି । ବସ୍‌ଟି କେଉଁ ପରିସ୍ଥିତିରେ ଏବଂ କିଭଳି ଦୁର୍ଘଟଣାଗ୍ରସ୍ତ ହେଲା, ସେନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି ।

### ଗୋପାଳପୁର ଓ ପାରାଦୀପରେ ଗ୍ରୀନ୍ ଆମୋନିଆ କାରଖାନା

# ଓଡ଼ିଶା ହେବ ଗ୍ଲୋବାଲ୍ ଗ୍ରୀନ୍ ହବ୍

■ ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାକୁ ଶିଳ୍ପ ତଥା ସବୁଜ ଅର୍ଥନୀତି କ୍ଷେତ୍ରରେ ସମୃଦ୍ଧ ଭାବେ ଗଢ଼ିତୋଳିବା କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛନ୍ତି ରାଜ୍ୟ ସରକାର । ଶୁକ୍ରବାର ଲୋକସେବା ଭବନର ସମ୍ମିଳନୀ କକ୍ଷଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଜାପାନର ଶିଳ୍ପ ବ୍ୟବସାୟିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏସିଏମ୍‌ଇ ଗ୍ରୁପ ଓ ଆଇଏଚ୍‌ଆଇ କର୍ପୋରେସନ ସହିତ ରାଜ୍ୟ ସରକାର ଏକ ସହଯୋଗ ପତ୍ର ବା ଏମଓସି ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ । ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ୩ଟି ପ୍ରକଳ୍ପରେ ପ୍ରାୟ ୬୭,୦୦୦ କୋଟି ଟଙ୍କା ନିବେଶ କରିବେ ।

ଗୋପାଳପୁରରେ ପ୍ରସ୍ତାବିତ ୦.୪ ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ । ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି




ଏସିଏମ୍‌ଇ-ଆଇଏଚ୍‌ଆଇ କର୍ପୋରେସନ ସହଯୋଗପତ୍ର ସ୍ୱାକ୍ଷରିତ

ବିହୀନ ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ । ଏହାସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ । ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ । ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡ଼ିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ । ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି । ଏହାଦ୍ୱାରା ରାଜ୍ୟକୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବ । ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର 'ଇସ୍ପାତ ରାଜଧାନୀ' ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଇଏଚଆଇ କର୍ପୋରେସନ୍‌କୁ ରାଜ୍ୟରେ ଏକ 'ଜାପାନୀ ଗ୍ରୀନ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ୍ ସେଣ୍ଟର' ଏବଂ ମିତ୍‌ସୁବିଶି କର୍ପୋରେସନ୍‌କୁ ଗ୍ରୀନ୍ କେମିକାଲ୍ସ ଓ ସ୍ଥାୟୀ ଇନ୍ଧନ କ୍ଷେତ୍ରରେ ନିବେଶ ପାଇଁ ବିଶେଷ ଆମନ୍ତ୍ରଣ ଜଣାଇଛନ୍ତି ।

ଆଲୋଚନାରେ ଆଇଏଚ୍‌ଆଇ କର୍ପୋରେସନ୍‌ର ଅଧ୍ୟକ୍ଷ ତଥା ସିଇଓ ଓଡ଼ିଶାର ସବୁଜ ଶକ୍ତି ନୀତି ଏବଂ ପୁଞ୍ଜିନିବେଶ ପରିବେଶକୁ ଉଚ୍ଚ ▶ପୃଷ୍ଠା-୭

## ବିଦ୍ରୋହୀଙ୍କ କବ୍‌ଜାରେ ଟିଏମ୍‌ସି ମୁଖ୍ୟାଳୟ



ମିଟିଂ କଲେ, ତାଲା ପକାଇଲେ

ଅଫିସରେ କେନ୍ଦ୍ରୀୟ ଓ ରାଜ୍ୟ ପୁଲିସ ମୁତୟନ

■ କୋଲକାତା, ୩।୭ (ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧ ଆଜି ନୂଆ ମୋଡ଼ ନେଇଛି । ପ୍ରକୃତ ଟିଏମ୍‌ସି କିଏ ତାହାକୁ ନେଇ ନିର୍ବାଚନ କମିସନରେ ଶୁଣାଣି ଚାଲିଥିବା ବେଳେ ବିରୋଧୀ ଦଳ ନେତା ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତାସ୍ଥିତ ଦଳର ମୁଖ୍ୟ କାର୍ଯ୍ୟାଳୟରେ ପଶି ଏହାକୁ କବଜା କରିନେଇଛନ୍ତି । ମମତା ବାନାର୍ଜୀଙ୍କ ସମର୍ଥକ ଏହାର ପ୍ରତିବାଦ କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ମୁଖ୍ୟାଳୟରେ ଏବେ କେନ୍ଦ୍ର ଏବଂ ରାଜ୍ୟ ପୁଲିସକୁ ମୁତୟନ କରାଯାଇଛି ।

ଦିଲ୍ଲୀରେ ନିର୍ବାଚନ କମିସନଙ୍କୁ ଭେଟିବା ପରେ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତା ଫେରିବା ପରେ ଏହାର ନେତାମାନେ ସମର୍ଥକମାନଙ୍କୁ ଧରି ସିଧା ଟିଏମ୍‌ସି ମୁଖ୍ୟାଳୟ ତୃଣମୂଳ ଭବନରେ ପଶିଥିଲେ । ଏହାପରେ ସେଠାରେ ଏକ ବୈଠକ ହୋଇଥିଲା । ଏଥିରେ ରତବ୍ରତ ବାନାର୍ଜୀଙ୍କ ସମେତ ବିଦ୍ରୋହୀ ଗୋଷ୍ଠୀର ଅନ୍ୟ ନେତା ଫିରହାଦ ହାକିମ, ଜାଭେଦ ଖାନ ଏବଂ ଆଖରୁଜ୍ଜମାନ ମଧ୍ୟ ଉପସ୍ଥିତ ଥିଲେ । ବୈଠକରେ ସେମାନେ ନିଜକୁ ପ୍ରକୃତ ତୃଣମୂଳ କଂଗ୍ରେସ ବୋଲି ଦାବି କରିଥିଲେ । ଏହାପରେ ସେମାନେ ମୁଖ୍ୟାଳୟରେ ତାଲା ପକାଇ ବାହାରିଯାଇଥିଲେ । ସେମାନେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଯେଉଁ ବିଲଡିଂରେ ଟିଏମ୍‌ସି ମୁଖ୍ୟାଳୟ ରହିଛି, ତାହାର ମାଲିକ ସହିତ ▶ପୃଷ୍ଠା-୭

## ସରକାରଙ୍କ ନାଲିଆଖିକୁ ବେଖାତିର୍ ଡାକ୍ତର ଆନ୍ଦୋଳନ ଜାରି

■ ଭୁବନେଶ୍ୱର, ୩।୭ (ସମିସ): କ୍ରମାଗତ ତୃତୀୟ ଦିନ ପାଇଁ ଶୁକ୍ରବାର ରାଜ୍ୟବ୍ୟାପୀ ଡାକ୍ତରମାନେ ନିଜର ଆନ୍ଦୋଳନ ଜାରି ରଖିଛନ୍ତି । ଏପରିକି ଓଏମ୍‌ଏଚ୍‌ଏସ୍ କ୍ୟାଡର ଡାକ୍ତରଙ୍କ ଦରମା ବନ୍ଦ ନିର୍ଦ୍ଦେଶ ସହ କାର୍ଯ୍ୟରେ



ଆଲୋଚନା ପାଇଁ ଡାକିଲା ସ୍ୱାସ୍ଥ୍ୟ ବିଭାଗ

ଅନୁପସ୍ଥିତ ଠିକା ଡାକ୍ତରଙ୍କୁ ଆବଶ୍ୟକ ନୋଟିସ୍ ଦେଇ ସେମାନଙ୍କୁ ବରଖାସ୍ତ କରିବା ନେଇ ସରକାରଙ୍କ ଚେତାବନୀ ମଧ୍ୟ ସେମାନଙ୍କୁ କାବୁ କରିନାହିଁ । ଫଳରେ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ କଡ଼ା ଅସନ୍ତୋଷ ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ହଟାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓମସା (ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ) ସଭାପତିଙ୍କୁ ଏକ ଚିଠି ଲେଖାଯାଇଛି । ଶନିବାର ଓମସା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ସରକାର ଆଗଭର ଅଛନ୍ତି ବୋଲି ଚିଠିରେ ଉଲ୍ଲେଖ ରହିଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟାଳୟରେ ଶନିବାର ସାଢ଼େ ୧୧ଟା ବେଳେ ବୈଠକ ଧାର୍ଯ୍ୟ କରାଯାଇଥିବା ବେଳେ ଏଥିରେ ଓମସା କର୍ତ୍ତୃପକ୍ଷଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି ।

### ସାରା ରାଜ୍ୟରେ ଲଘୁଚାପ ବର୍ଷା


## ୧୨ ଜିଲ୍ଲାରେ ଭୀଷଣ ବର୍ଷା

■ ଭୁବନେଶ୍ୱର, ୩।୭ (ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖାପାଖ ଅଞ୍ଚଳ ଉପରେ ସକ୍ରିୟ ରହିଛି । ଏହା ପ୍ରଭାବରେ ରାଜ୍ୟରେ ଗତ ଦୁଇ ଦିନ ହେବ ବର୍ଷା ଜାରି ରହିଛି । ୧୨ଟି ଜିଲ୍ଲାରେ ଭୀଷଣ ବର୍ଷା ହେଉଥିବା ବେଳେ ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ ଓ କନ୍ଧମାଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି । ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ମଧ୍ୟ ଭୀଷଣ ବର୍ଷା ▶ପୃଷ୍ଠା-୭

୫ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଆଶଙ୍କା

## ରାମ ମନ୍ଦିର ଚାନ୍ଦା ଚୋରି ସନ୍ଦେହଘେରରେ ଟ୍ରଷ୍ଟ କର୍ମକର୍ତ୍ତା

■ ଅଯୋଧ୍ୟା, ୩।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ ମାମଲାର ତଦନ୍ତ ଯେତିକି ଆଗକୁ ବଢ଼ୁଛି, ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସେତିକି ସାମ୍ନାକୁ ଆସୁଛି । ମନ୍ଦିର ଅର୍ଥ ଲୁଟ୍ ପାଇଁ ବହୁତ ଆଗରୁ ଷଡ଼ଯନ୍ତ୍ର ରଚାଯାଇଥିଲା ଏବଂ ଏଥିରେ ପ୍ରଭାବଶାଳୀ ଟ୍ରଷ୍ଟ କର୍ମକର୍ତ୍ତା ଜଡ଼ିତ ଥିବା ଜଣାପଡ଼ିଛି । ମନ୍ଦିର ହୁଣ୍ଡିରେ ପଡୁଥିବା ଦାନ ଅର୍ଥ ଗଣିବା ଲାଗି ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଦାୟିତ୍ୱ ମିଳିଥିଲେ ମଧ୍ୟ ଏହାର ଆଉଟସୋର୍ସିଂ ପାଇଁ କେତେକ ଟ୍ରଷ୍ଟ କର୍ମକର୍ତ୍ତା ବ୍ୟାଙ୍କ ଉପରେ ଚାପ ପକାଇଥିଲେ । କେବଳ ଏତିକି ନୁହେଁ, ସେମାନେ ସୈନିକ ସିକ୍ୟୁରିଟି ସର୍ଭିସ ନାମକ ଘରୋଇ ସଂସ୍ଥାର ନାମ ମଧ୍ୟ ସୁପାରିସ କରିଥିଲେ । ସେମାନଙ୍କ ଚାପରେ ବ୍ୟାଙ୍କ ଏହି ସଂସ୍ଥାକୁ ଆଉଟସୋର୍ସିଂ କରିଥିଲା ।



ଆଉଟ୍‌ସୋର୍ସିଂ ପାଇଁ ଷ୍ଟେଟ ବ୍ୟାଙ୍କ ଉପରେ ଚାପ ପକାଇଥିଲେ

ମନ୍ଦିରରେ ଚାକିରି ପାଇଁ ନିଆଯାଉଥିଲା କମିସନ!

ଗତ ୫ ବର୍ଷର ଆକାଉଣ୍ଟର ପୁନଃଯାଞ୍ଚ କରିବ ଏସ୍‌ଆଇଟି

ଏହି ସଂସ୍ଥାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସଂପର୍କୀୟ ଓ ପରିଚିତ ଲୋକଙ୍କୁ ନିଯୁକ୍ତି ମିଳିଥିଲା । ତେବେ ସେମାନଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ସେମାନଙ୍କର ପୁଲିସ ଯାଞ୍ଚ ପାଇଁ ବ୍ୟାଙ୍କ ଅଧିକାରୀ ତିନି ମାସ ତଳେ କହିଥିଲେ । କିନ୍ତୁ ଏହାକୁ ବିରୋଧ କରି ଯାଞ୍ଚ କରାଇ ଦେଇନଥିଲେ କେତେକ ଟ୍ରଷ୍ଟ କର୍ମକର୍ତ୍ତା । ତେଣୁ ଗଣତି ବେଳେ ବେଧଡ଼କ ଟଙ୍କା ଲୁଟ୍ ନିୟମିତ ବ୍ୟାପାର ପାଲଟିଯାଇଥିଲା ବୋଲି କୁହାଯାଉଛି ।

ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି)ର ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ, ମନ୍ଦିରରେ ନିଯୁକ୍ତ ପ୍ରାୟ ୧୨୫ ଜଣ କର୍ମଚାରୀ ଟ୍ରଷ୍ଟ କର୍ମକର୍ତ୍ତା ଅନିଲ ମିଶ୍ରଙ୍କ ସୁପାରିସ କ୍ରମେ ଚାକିରି ପାଇଥିଲେ, ଯେଉଁଥିରେ ତାଙ୍କର ▶ପୃଷ୍ଠା-୭

## ଗୁଣି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା !

■ କେନ୍ଦୁଝର, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଦୈତାରୀ ଅଞ୍ଚଳରେ ଜଣେ ଦମ୍ପତିଙ୍କୁ ହତ୍ୟା ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଗୁଣିଗାରେଡ଼ି ସନ୍ଦେହରେ ଏହି ଦମ୍ପତିଙ୍କୁ ହତ୍ୟା କରି ଏକ କୂଅରେ ପକାଇ ଦିଆଯାଇଥିଲା । ୭ ଦିନ ପରେ ସେହି ପରିତ୍ୟକ୍ତ କୂଅରୁ ଦମ୍ପତିଙ୍କର ଶବ ଆଜି ଉଦ୍ଧାର କରାଯାଇଛି । ୫ ଜଣ ସନ୍ଦିଗ୍ଧଙ୍କୁ ଦୈତାରି ଥାନା ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁସାରେ, ଗତ ମାସ ୨୫ ତାରିଖରୁ ନିଖୋଜ ଥିଲେ ଉକ୍ତ ଦମ୍ପତି । ସେମାନଙ୍କୁ ଖୋଜିବା ଲାଗି ଉଦ୍ୟମ ଚାଲିଥିବା ବେଳେ ଆଜି ବଳିପର୍ବତ ହୁର୍ଲାବାହାଳୀ ଗାଁର ଏକ ପରିତ୍ୟକ୍ତ କୂଅରୁ ଖଗେଶ୍ୱର ସୋରେନ୍ ଓ ସ୍ତ୍ରୀ ଟୁନି ସୋରେନ୍‌ଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଛି । ମୃତଦେହ ଉଦ୍ଧାର ପରେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବ ମୁଣ୍ଡା ଏବଂ ଅନ୍ୟ ୪ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି ପୁଲିସ । ତଦନ୍ତ ଅଧିକ ବଢ଼ାଇବା ପାଇଁ ଘଟଣାର ଦୃଶ୍ୟାବତରଣ କରାଇଥିବା ଜଣାପଡ଼ିଛି । ମୃତ ଖଗେଶ୍ୱର ଗାଁରେ




କାହାକୁ ଜ୍ୱର ହେଲେ ଝଡାଫୁଙ୍କା କରୁଥିଲେ । ଗତ ୨୦୧୯ରେ ଶିବ ମୁଣ୍ଡାର ଭଉଣୀର ଦେହ ଖରାପ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ତାଙ୍କର ମୃତ୍ୟୁ ଘଟିବାରୁ, ଖଗେଶ୍ୱର ଗୁଣିଗାରେଡ଼ି କରି ତାଙ୍କ ଭଉଣୀକୁ ହତ୍ୟା କରିଥିବା ସନ୍ଦେହ କରୁଥିଲା ଶିବ ମୁଣ୍ଡା । ଗତ ୨୫ ତାରିଖରେ ଶିବ ମୁଣ୍ଡା, ଅନ୍ୟମାନଙ୍କ ସହ ମିଶି ଉକ୍ତ ଦମ୍ପତିଙ୍କୁ ହତ୍ୟା କରି ମୃତଦେହରେ ପଥର ବାନ୍ଧି କୂଅରେ ପକାଇ ଦେଇଥିବା ଅଭିଯୋଗ ହେଉଛି । ପୁଲିସ ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ ।

# ଅସ୍ମିତାକୁ 'ପଖାଳ' ଚାପୁଡ଼ା

## ଓଡ଼ିଆଙ୍କୁ ପଖାଳର ହିତ ବୁଝାଇବାକୁ ଅଣଓଡ଼ିଆଙ୍କୁ ନିମନ୍ତ୍ରଣ



■ ଭୁବନେଶ୍ୱର, ୩।୭ (ସମିସ): ଶହଶହ ବର୍ଷ ଧରି ଓଡ଼ିଆ ଜନଜୀବନ ସହ ପଖାଳ ଜଡ଼ିତ । ମା'କୁ ମାମୁଁ ଘର କଥା କହିବା ଯାହା ଓଡ଼ିଆଙ୍କୁ ପଖାଳ କଥା ଶୁଣାଇବା ସେଇଆ ବୋଲି ଅନେକ କହନ୍ତି । ବିଶ୍ୱର ଯେଉଁଠି ଓଡ଼ିଆ ଅଛନ୍ତି, ପଖାଳ ସେଠି ତାର ସାମ୍ରାଜ୍ୟ ମେଲାଇଛି । ଅଷ୍ଟ୍ରେଲିଆରୁ ରୁଷ, ଆମେରିକାରୁ ଜାପାନ ପର୍ଯ୍ୟନ୍ତ ସବୁଠି ଓଡ଼ିଆ ପଖାଳକୁ ନିଜର ଅନ୍ୟତମ ପରିଚୟ ଭାବରେ ପରିପ୍ରକାଶ କରିଛି । ବିଦେଶରେ ଥିବା ଓଡ଼ିଆମାନେ ସାମାଜିକ ଗଣମାଧ୍ୟମରେ ପଖାଳ ଭୋଜି କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଓଡ଼ିଶାରେ ଗରିବ ଲୋକଙ୍କ ପାଇଁ ପଖାଳ ନିତିଦିନର ଖାଦ୍ୟ ଓ ଧନୀକମାନଙ୍କ ପାଇଁ ବିଳାସର କଥା । ମାତ୍ର ଓଡ଼ିଆଙ୍କ ଜୀବନଚର୍ଯ୍ୟା ସହ ଓତଃପ୍ରୋତ ଜଡ଼ିତ ପଖାଳ ଦିବସ ପାଳନ ପାଇଁ ପର୍ଯ୍ୟଟନ ବିଭାଗ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟ କରିବା ଏବେ ସାଧାରଣ ଲୋକମାନେ ହଜମ କରିପାରୁ ନାହାନ୍ତି । ବିଶେଷ କରି ପଖାଳର ଗୁଣବତ୍ତା ଓ ଏହାର ଖାଦ୍ୟମାନ ସମ୍ପର୍କରେ ବୁଝାଇବା ପାଇଁ ପର୍ଯ୍ୟଟନ ବିଭାଗ ଅନ୍ୟ ରାଜ୍ୟରୁ ଅଣଓଡ଼ିଆ ରୋଷେଇଆ (ସେଫ୍) ଓ ବ୍ଲଗରମାନଙ୍କୁ ନିମନ୍ତ୍ରଣ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିବା ସହଜରେ ବୁଝି ହେଉନାହିଁ ।

ଅତିଥିମାନଙ୍କ ପାଇଁ ଆଠ କ୍ୱିଣ୍ଟାଲ ଚାଉଳରେ ପଖାଳ ଓ ୩୫୬ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ । ଏହାକୁ ଗିନିଜ ବୁକ୍ ରେକର୍ଡରେ ସ୍ଥାନ ଦେବା ପାଇଁ ୩୩ ଲକ୍ଷ ଟଙ୍କା ବ୍ୟୟ କଲେ । ଦେଢ଼ ଲକ୍ଷ ଟଙ୍କାର କଂସାବାସନ, ଦେଢ଼ ଲକ୍ଷ ଟଙ୍କାର ମାଟି ପାତ୍ର କିଣାଗଲା । ଅତିଥିଙ୍କୁ ପଖାଳ ପରଷିବା ପାଇଁ ନିଯୁକ୍ତ ବ୍ୟକ୍ତି (ୱେଟର)ଙ୍କ ପାଇଁ ୧୮୦ଟି ସମ୍ବଲପୁରୀ ଜ୍ୟାକେଟ୍ (ୱେଷ୍ଟକୋଟ୍) କିଣାଗଲା । ୩୩୦୦ ଟଙ୍କା ମୂଲ୍ୟର ୧୩୦ଟି, ୨୭୬୦ ଟଙ୍କା ମୂଲ୍ୟର ୨୩ଟି, ୩୦୩୦ ଟଙ୍କା ମୂଲ୍ୟର ୧୩ଟି, ୨୫୫୦ ଟଙ୍କା ମୂଲ୍ୟର ୧୪ଟି ଜ୍ୟାକେଟ ଓଟିଡ଼ିସି କର୍ତ୍ତୃପକ୍ଷଙ୍କ ଜରିଆରେ କିଣାଯାଇଥିବା ତଥ୍ୟ ଏବେ ବାହାରକୁ ଆସିଛି । ୫.୬୭ ଲକ୍ଷ ଟଙ୍କାର ଏହି ଜ୍ୟାକେଟ କିଣାରେ ୧.୧୩ ଲକ୍ଷ ଟଙ୍କା ରିଆତି ପରେ ୪ଲକ୍ଷ ୨୯ ହଜାର ୮୩ ଟଙ୍କା ପଇଠ ହୋଇଛି । ମାତ୍ର ଓଟିଡ଼ିସିରେ ୧୮୦ ଜଣ ୱେଟର ନ ଥିବାବେଳେ ଏହି ଜ୍ୟାକେଟ୍ କାହାପାଇଁ କିଣା ଯାଇଥିଲା, ସେ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସଚିବ ବଲ୍‌ୱନ୍ତ ସିଂହ ରହସ୍ୟମୟ ଭାବରେ ନିରବ ।

ସେହିପରି ପଖାଳ ଦିବସରେ ଯୋଗ ଦେବାକୁ କୋଲକାତା, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ଗୋଆ, ନାସିକ, ଜୟପୁରରୁ ଅନେକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏହି ବ୍ୟକ୍ତିମାନେ କିଏ ଓ ପଖାଳ ସହ ସେମାନଙ୍କର କି ସମ୍ପର୍କ ଅଛି , ତାହା ଏଯାଏ ଅସ୍ପଷ୍ଟ । କୌତୂହଳର କଥା ହେଉଛି ଯେ ଏମାନଙ୍କ ମଧ୍ୟରେ କେହି ଜଣେ ବି ଓଡ଼ିଆ ନାହାନ୍ତି । ମୁଖାର୍ଜୀ, ଗିଲ୍, ବଥିଜା, ଜୈନ, ▶ପୃଷ୍ଠା-୭

୪.୨୯ ଲକ୍ଷରେ କ୍ରୟ ୧୮୦ ଜ୍ୟାକେଟ ଏବେ କେଉଁଠି ?



# ଦେଶ ବିଦେଶ







## ଚୀନ୍-ମୁକ୍ତ ତିବ୍ବତ ପାଇଁ ଜାତିସଂଘ ଅଫିସ ସମ୍ମୁଖରେ ଆତ୍ମଦାହ

ନ୍ୟୁୟର୍କ, ୩।୭(ଏଜେନ୍ସି): ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଜଣେ ୫୨ ବର୍ଷୀୟ ବ୍ୟକ୍ତି ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ତିବ୍ବତ ମୁକ୍ତି ଆନ୍ଦୋଳନ ସହ ଜଡ଼ିତ ଏକ ପ୍ରତିବାଦ ସ୍ୱରୂପ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି। ନିଆଁ ଲଗାଇବା ପୂର୍ବରୁ ବୌଦ୍ଧ ସନ୍ନ୍ୟାସୀଙ୍କ ଭଳି ପୋଷାକ ପିନ୍ଧିଥିବା ଏହି ବ୍ୟକ୍ତି ଜଣକ ରାସ୍ତାକଡ଼ରେ ଏକ ତିବ୍ବତୀୟ ପତାକା ରଖିଥିଲେ। ଘଟଣାସ୍ଥଳରୁ ପୋଲିସ କିଛି ପତ୍ରିକା/ପୋଷ୍ଟର ଜବତ କରିଛି, ଯେଉଁଥିରେ 'ଚୀନ୍ ଆଉଟ୍ ଅଫ୍ ତିବ୍ବତ' (ତିବ୍ବତରୁ ଚୀନ୍ ହଟାଅ) ବୋଲି ଲେଖାଯାଇଥିଲା। ୨୦୦୯ ମସିହାରୁ ଏପର୍ଯ୍ୟନ୍ତ ଚୀନ୍ ଶାସନ ବିରୋଧରେ ଏବଂ ତିବ୍ବତର ସାଂସ୍କୃତିକ-ଧାର୍ମିକ ସ୍ୱାଧୀନତା ଦାବି କରି ୧୫୦ରୁ ଅଧିକ ତିବ୍ବତୀୟ (ସନ୍ନ୍ୟାସୀ ଓ ସାଧାରଣ ନାଗରିକ) ଆତ୍ମଦାହ କରି ପ୍ରାଣ ହରାଇ ସାରିଛନ୍ତି। ୧୯୫୯ ମସିହାରେ ଚୀନ୍ ବିରୋଧୀ ବିଦ୍ରୋହ ବିଫଳ ହେବା ପରେ ଚତୁର୍ଦ୍ଦଶ ଦଲାଇଲାମା ଭାରତରେ ଆଶ୍ରୟ ନେଇଥିଲେ ଏବଂ ହିମାଚଳ ପ୍ରଦେଶର ଧର୍ମଶାଳାରେ ତିବ୍ବତର ନିର୍ବାସିତ ସରକାର ଚାଲୁଛି। ଭାରତ ଆନୁଷ୍ଠାନିକ ଭାବେ ତିବ୍ବତକୁ ଚୀନର ଅଂଶ ବୋଲି ସ୍ୱୀକାର କରେ, କିନ୍ତୁ ମାନବିକତା ଦୃଷ୍ଟିରୁ ଦଲାଇଲାମା ଓ ତିବ୍ବତୀୟ ଶରଣାର୍ଥୀଙ୍କୁ ନିଜ ମାଟିରେ ଆଶ୍ରୟ ଦେଇଛି।




## ଜଳିଗଲା ଏଲ୍‌ପିଜି ଟାଙ୍କର; ୫ ମୃତ

କୌଶାମ୍ବୀ, ୩।୭(ଏଜେନ୍ସି): ଉତ୍ତରପ୍ରଦେଶର କୌଶାମ୍ବୀ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାନପୁରରୁ ବାରାଣସୀ ଯାଉଥିବା ଏକ ଏଲପିଜି ଗ୍ୟାସ୍ ଟାଙ୍କର ନିୟନ୍ତ୍ରଣ ହରାଇ ଏକ ଟୋଲ୍ ପ୍ଲାଜା ନିକଟରେ ଡିଭାଇଡର ସହ ପିଟି ହେବା ଫଳରେ ସେଥିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୨୬ ତାରିଖ ସକାଳେ କୋଖରାଜ ଥାନା ଅନ୍ତର୍ଗତ ସିହୋରୀ ଟୋଲ୍ ପ୍ଲାଜା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗ୍ୟାସ୍ ଟାଙ୍କରଟି ଦ୍ରୁତ ଗତିରେ ଆସି ଡିଭାଇଡର ସହ ଧକ୍କା ହେବା ମାତ୍ରେ ସେଥିରୁ ଗ୍ୟାସ୍ ନିର୍ଗତ ହୋଇ ସମଗ୍ର ଅଞ୍ଚଳକୁ ନିଆଁ ବ୍ୟାପି ଯାଇଥିଲା, ଯାହାର ସିସିଟିଭି ଚିତ୍ର ଏବେ ସାମ୍ନାକୁ ଆସିଛି। ଦୁର୍ଘଟଣା ପରେ ମିର୍ଜାପୁରର ବାସିନ୍ଦା ତଥା ଗାଡ଼ି ଚାଳକ ଧର୍ମେନ୍ଦ୍ର ଦ୍ୱିବେଦୀ ଗାଡ଼ି ଭିତରୁ ବାହାରି ନପାରି ଘଟଣାସ୍ଥଳରେ ହିଁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହା ସହିତ ଟୋଲ୍ ପ୍ଲାଜାରେ କାର୍ଯ୍ୟରତ ୫ ଜଣ କର୍ମଚାରୀ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ସେମାନଙ୍କୁ ତୁରନ୍ତ ପ୍ରୟାଗରାଜର ସ୍ୱରୂପ ରାନୀ ନେହେରୁ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପରଦିନ ଆଲୋକ ସିଂହ ନାମକ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ଦିନ ହିରାମଣି ସିଂହ ଏବଂ କୃଷ୍ଣପାଲ ମୌର୍ଯ୍ୟ ନାମକ ଆଉ ଦୁଇ କର୍ମଚାରୀ ପ୍ରାଣ ହରାଇଛନ୍ତି। ଫଳରେ ଏହି ଦୁର୍ଘଟଣାରେ ମୋଟ ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଛି। ଅନ୍ୟ ଦୁଇ ଜଣ ଆହତ କର୍ମଚାରୀଙ୍କ ଚିକିତ୍ସା ଏବେ ମଧ୍ୟ ଜାରି ରହିଛି। ସ୍ଥାନୀୟ ଥାନା ଅଧିକାରୀ ଚନ୍ଦ୍ର ଭୂଷଣ ମୌର୍ଯ୍ୟ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିବା ବିଷୟ ନିଶ୍ଚିତ କରିଛନ୍ତି। ପୁଲିସ ସମସ୍ତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟଣାର ଆଇନଗତ ତଦନ୍ତ ଜାରି ରଖିଛି।

### କୋର୍ଟ ଅବମାନନା ମାମଲା

## ଶପଥପତ୍ର ଦାଖଲ ପାଇଁ ମମତାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା, ୩।୭(ଏଜେନ୍ସି): ରାଲି ସମୟରେ କୋଲକାତାର ମୁଖ୍ୟ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଅଭିଯୋଗରେ ଦାୟର ହୋଇଥିବା ଏକ କୋର୍ଟ ଅବମାନନା ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶପଥପତ୍ର (ଆଫିଡେଭିଟ୍) ଦାଖଲ କରିବାକୁ କଲିକତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅରିଜିତ ବାନାର୍ଜୀ ଏବଂ ଜଷ୍ଟିସ ଅପୂର୍ବ ସିହ୍ନା ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ଅଗଷ୍ଟ ମାସରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୫ ଜୁଲାଇ ୨୧ ରେ କୋଲକାତାର ଧର୍ମତଲାଠାରେ ଟିଏମସି ପକ୍ଷରୁ ଆୟୋଜିତ 'ସହିଦ ଦିବସ' ସମାବେଶ ସମୟରେ କୋର୍ଟଙ୍କ ନିୟମ ଉଲ୍ଲଂଘନ କରି ସହରର ପ୍ରମୁଖ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏହାକୁ ନେଇ କୋର୍ଟରେ ଏକ ଅବମାନନା ଆବେଦନ ଦାଖଲ ହୋଇଥିଲା, ଯେଉଁଥିପାଇଁ ଗତ ଜୁନ୍ ୧୯ ରେ କୋର୍ଟ ମମତା ବାନାର୍ଜୀ ଓ ଅଭିଷେକ ବାନାର୍ଜୀଙ୍କୁ ନୋଟିସ ଜାରି କରିଥିଲେ।

## ଚୀନ୍ ସହ ଜଡ଼ିତ ୩ଟି ଆପ୍‌କୁ ବ୍ୟାନ୍ କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ଇ-ରିକ୍ସା ଚାଳକଙ୍କ ପାଇଁ ବଡ଼ ସମସ୍ୟା ସାଜିଥିବା ଚୀନ ସହ ଜଡ଼ିତ ୩ଟି ମୋବାଇଲ୍ ଆପ୍‌କୁ ଆପ୍ ଷ୍ଟୋର୍‌ରୁ ହଟାଇବା ପାଇଁ କେନ୍ଦ୍ର ଆଇଟି ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ସୋସିଆଲ ମିଡିଆରେ 'ଟିର୍ରି ଟ୍ରେଣ୍ଡ' ନାମରେ କିଛି ଭାଇରାଲ୍ ପ୍ରାଙ୍କ୍ ଭିଡିଓ ସାମ୍ନାକୁ ଆସିବା ପରେ ସରକାର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିଛି ଦୁର୍ବୃତ୍ତ ଏହି ଆପ୍‌ଗୁଡ଼ିକର ସାହାଯ୍ୟରେ ଚଳନ୍ତା ଇ-ରିକ୍ସାର ବ୍ୟାଟେରୀକୁ ବ୍ଲୁଟୁଥ୍ ମାଧ୍ୟମରେ ଦୂରରୁ ବନ୍ଦ କରିଦେଉଥିଲେ। ଏହାଦ୍ୱାରା ଚାଳକମାନେ ନାହିଁ ନଥିବା ହଇରାଣ ହେଉଥିଲେ ଏବଂ ରାସ୍ତାରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଥିଲା। ଏହି ଆପ୍ କେବଳ ସେହି ଇ-ରିକ୍ସା ଉପରେ କାମ କରୁଥିଲା, ଯେଉଁଥିରେ ବ୍ଲୁଟୁଥ୍ ସପୋର୍ଟ ଥିବା ଲିଥିୟମ୍-ଆୟନ୍ ବ୍ୟାଟେରୀ ଲାଗିଥିଲା ଏବଂ ଯେଉଁଥିରେ କୌଣସି ପାସୱାର୍ଡ ସେଟ୍ ହୋଇନଥିଲା। ପୁରୁଣା ଲେଡ୍-ଏସିଡ୍ ବ୍ୟାଟେରୀ ଥିବା ଇ-ରିକ୍ସାଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ବ୍ୟାଟେରୀ ପ୍ରସ୍ତୁତକାରୀ କମ୍ପାନୀ ଏହି ଆପ୍‌କୁ ସୋଲାର୍ ପାୱାର୍ ଏବଂ ବୋଟ୍ ବ୍ୟାଟେରୀର ସ୍ୱାସ୍ଥ୍ୟ ମନିଟରିଂ ପାଇଁ ତିଆରି କରିଥିଲେ।

## ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ: ୪ ପଡ଼ୋଶୀ ଗିରଫ


ଦୁର୍ଗାପୁର, ୩।୭(ଏଜେନ୍ସି): ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜଣେ ଆଦିବାସୀ ନାବାଳିକାକୁ ଜଙ୍ଗଲ ଭିତରକୁ ଟେକିନେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ସ୍ଥାନୀୟ କୋର୍ଟ ସେମାନଙ୍କୁ ୬ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି। ବୁଧବାର ରାତିରେ ନାବାଳିକା ଜଣକ କମଲପୁର ଅଞ୍ଚଳରେ ଏକ ସ୍ଥାନୀୟ ମେଳା ଦେଖିବାକୁ ଯାଇଥିଲେ। ସେଠାରେ ସେ ଏକା ଥିବାର ସୁଯୋଗ ନେଇ ୪ ଜଣ ଯୁବକ ତାଙ୍କୁ ଜବରଦସ୍ତି ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ଗଣଦୁଷ୍କର୍ମ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ପୀଡ଼ିତାଙ୍କ ପଡୋଶୀ ଅଜୟ ସୋରେନ, ଲକ୍ଷ୍ମଣ ରାବିନ ବାସ୍କେ, ବୁଧନ ଟୁଡୁ ଏବଂ ରାଜୁ ମାଣ୍ଡି। ପୀଡ଼ିତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଦୁର୍ଗାପୁର ସବ୍-ଡିଭିଜନାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କର ଚିକିତ୍ସା ଚାଲିଛି।

### ଅପହରଣ, ଗଣଦୁଷ୍କର୍ମ ଅଭିଯୋଗ

## ପାକ୍ ଉପ-ପ୍ରଧାନମନ୍ତ୍ରୀଙ୍କ ନାତି ଗିରଫ

ଲାହୋର, ୩।୭(ଏଜେନ୍ସି): ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସହାକ ଦାର୍‌ଙ୍କ ନାତି ମହମ୍ମଦ ରଜା ଦାର୍‌ଙ୍କ ସମେତ ୪ ଜଣଙ୍କୁ ଦୁଇ ବିଦେଶୀ ମହିଳାଙ୍କୁ ଗଣଦୁଷ୍କର୍ମ ଓ ଅପହରଣ କରିବା ଅଭିଯୋଗରେ ଲାହୋର ପୁଲିସ ଗିରଫ କରିଛି। କୋର୍ଟ ଅଭିଯୁକ୍ତମାନଙ୍କୁ ୫ ଦିନିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି। ନେଦରଲ୍ୟାଣ୍ଡ ଓ ଭେନେଜୁଏଲାର ଦୁଇ ଜଣ ମହିଳା କ୍ରିପ୍ଟୋକରେନ୍ସି ବ୍ୟବସାୟ ପାଇଁ ଗତ ୨୦୨୫ ଅକ୍ଟୋବରରେ ସିଙ୍ଗାପୁରରେ ରଜା ଦାର୍‌ଙ୍କୁ ଭେଟିଥିଲେ। ରଜା ସେମାନଙ୍କୁ ପାକିସ୍ତାନ ଆସିବାକୁ ନିମନ୍ତ୍ରଣ କରି ବିଜନେସ୍ ଭିସା ବ୍ୟବସ୍ଥା କରିଥିଲେ। ଜୁନ୍ ୨୯ରେ ମହିଳା ଦ୍ୱୟ ଲାହୋରରେ ପହଞ୍ଚିବା ମାତ୍ରେ ରଜା ଏବଂ ତାଙ୍କର ୪ ସହଯୋଗୀ ସେମାନଙ୍କୁ ଅପହରଣ କରି ଏକ ଘରକୁ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ଗଣଦୁଷ୍କର୍ମ କରାଯିବା ସହ ମୁକ୍ତି ପାଇଁ କୋଟି କୋଟି ଟଙ୍କା ମଗାଯାଇଥିଲା। ପୀଡ଼ିତାଙ୍କ ମଧ୍ୟରୁ ଜଣଙ୍କ ପିତା ସ୍ପେନ୍‌ରୁ ପୁଲିସକୁ ଫୋନ୍ କରି ସୂଚନା ଦେବା ପରେ ଲାହୋର ପୁଲିସ ଚଢ଼ାଉ କରି ମହିଳାମାନଙ୍କୁ ଉଦ୍ଧାର କରିଥିଲା। ମାମଲାର ମୁଖ୍ୟ ଅଭିଯୁକ୍ତ ରଜା ଦାର୍ ବୋଲି ପୀଡ଼ିତାମାନେ କୋର୍ଟରେ ଚିହ୍ନଟ କରିଛନ୍ତି।

# ଆତଙ୍କବାଦ ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ମିଳିବ ନାହିଁ



ନୂଆଦିଲ୍ଲୀ, ୩।୭(ଏଜେନ୍ସି): ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) କୁ ନେଇ ଭାରତ ସରକାର ଶୁକ୍ରବାର ଦିନ ନିଜର ଆଭିମୁଖ୍ୟ ପୁନର୍ବାର ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ନକରିବା ପର୍ଯ୍ୟନ୍ତ ଏହି ଚୁକ୍ତି ସ୍ଥଗିତ ରହିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରକାଶ କରିଛି। ଏହା ସହିତ ଆଫଗାନିସ୍ତାନ ଉପରେ ପାକିସ୍ତାନର ସାମରିକ ଆକ୍ରମଣକୁ ଭାରତ ନିନ୍ଦା କରିଛି ଏବଂ ଭେନେଜୁଏଲାରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାବି କରିଛି। ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ୍ ମଲିକ ଧମକପୂର୍ଣ୍ଣ ସ୍ୱରରେ କହିଥିଲେ ଯେ, ଯଦି କେହି ସିନ୍ଧୁ ଚୁକ୍ତି ଅନୁଯାୟୀ ପାକିସ୍ତାନ ଭାଗର ପାଣି ରୋକିବାକୁ ଚେଷ୍ଟା କରିବ, ତେବେ ତାର 'ହାତ କାଟି ଦିଆଯିବ'। ଅନ୍ୟପଟେ ପାକିସ୍ତାନର ସୂଚନା ମନ୍ତ୍ରୀ ଅଟ୍ଟାଉଲ୍ଲା ତାରାର କହିଛନ୍ତି ଯେ ୧୯୬୦ ମସିହାର ଏହି ଚୁକ୍ତି ଆଇନଗତ ଭାବେ ବାଧ୍ୟତାମୂଳକ ଏବଂ ଏହାକୁ ଏକପାଖିଆ ଭାବେ ବଦଳାଯାଇପାରିବ ନାହିଁ। ଏହାର ଜବାବରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ, ଭାରତର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ପାକିସ୍ତାନ ଆତଙ୍କବାଦକୁ ପ୍ରଶ୍ରୟ ଦେବା ବନ୍ଦ କରୁ ବୋଲି ଭାରତ ଚାହେଁ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବରୁ କହିଥିଲେ ଯେ, 'ରକ୍ତ ଏବଂ

### ପାକିସ୍ତାନକୁ ଜବାବ ଦେଲା ଭାରତ

ପାଣି ଏକାଠି ବହିପାରିବ ନାହିଁ।' ଭାରତର ଯୁକ୍ତି ହେଉଛି ଯେ ସମୟ ବଦଳିବା ସହ ଏହି ଚୁକ୍ତି ଅସମାନ ହୋଇଯାଇଛି, କାରଣ ଭାରତର ଜଳ ଆବଶ୍ୟକତା ବଢୁଥିଲେ ମଧ୍ୟ ପାକିସ୍ତାନକୁ ପଶ୍ଚିମ ନଦୀଗୁଡ଼ିକ ଉପରେ ଅଧିକ ସ୍ୱାଧିକାର ମିଳିଛି। ପାକିସ୍ତାନ ଏହାକୁ ବେଆଇନ ବୋଲି କହି ଜାତିସଂଘ ଏବଂ ଆନ୍ତର୍ଜାତୀୟ ସ୍ତରରେ ଭାରତ ବିରୋଧରେ ପ୍ରଚାର କରୁଛି। ସେହିପରି ଆଫଗାନିସ୍ତାନ ସୀମା ଭିତରେ ପାକିସ୍ତାନ କରିଥିବା ସାମରିକ ଆକ୍ରମଣକୁ ଭାରତ ତୀବ୍ର ସମାଲୋଚନା କରିଛି। ଏହି ଆକ୍ରମଣରେ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଭାରତ ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ସମର୍ଥନ କରେ ଏବଂ ସେଠାରେ ମାନବୀୟ ସହାୟତା ଓ ବିକାଶମୂଳକ କାର୍ଯ୍ୟ ଜାରି ରଖିବ ବୋଲି ମନ୍ତ୍ରଣାଳୟ କହିଛି। ଅନ୍ୟଏକ ଘଟଣା କ୍ରମରେ ଭେନେଜୁଏଲାରେ ଭାରତୀୟ ନାବିକ ରାକେଶ ଚୌହାନଙ୍କ ମୃତ୍ୟୁ ଏବଂ ତାଙ୍କ ଶରୀରରୁ କିଛି ଅଙ୍ଗ ଗାୟବ ଥିବା ଅଭିଯୋଗ ଉପରେ ଭାରତ ଚିନ୍ତା ପ୍ରକଟ କରିଛି। କାରାକାସ୍‌ରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଭେନେଜୁଏଲା ପ୍ରଶାସନକୁ ଅନୁରୋଧ କରିଛି। ଭାରତ ସ୍ପଷ୍ଟ କରିଦେଇଛି ଯେ ଆଲୋଚନା ଏବଂ ଆତଙ୍କବାଦ ଏକାଠି ଚାଲିପାରିବ ନାହିଁ। ପାକିସ୍ତାନର କୌଣସି ପ୍ରକାର ଗୀଦଡ଼ ଭବାଲି କିମ୍ବା ଆନ୍ତର୍ଜାତୀୟ ଚାପ ଆଗରେ ଭାରତ ନିଜ ଜାତୀୟ ସୁରକ୍ଷା ଓ ଜଳ ଅଧିକାରକୁ ନେଇ କଦାପି ମୁଣ୍ଡ ନୁଆଁଇବ ନାହିଁ।

## ଆରମ୍ଭ ହେଲା ଅମରନାଥ ଯାତ୍ରା, ପ୍ରତି ୨ କିମିରେ ଅକ୍ସିଜେନ୍ ବୁଥ୍



ନୂଆଦିଲ୍ଲୀ, ୩।୭(ଏଜେନ୍ସି): ହିମାଳୟର ଉଚ୍ଚ ଉପତ୍ୟକାରେ ଆଜିଠାରୁ 'ବାବା ବର୍ଫାନୀ'ଙ୍କ ଜୟ ସ୍ଲୋଗାନ ସହ ଚଳିତ ବର୍ଷର ପବିତ୍ର ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୫୭ ଦିନ (ଅଗଷ୍ଟ ୨୮ ପର୍ଯ୍ୟନ୍ତ) ଧରି ଚାଲିବାକୁ ଥିବା ଏହି ଯାତ୍ରାରେ ଚଳିତ ବର୍ଷ ୪ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ସାମିଲ ହେବାର ସମ୍ଭାବନା ରହିଛି। ପ୍ରଥମ ଦଳରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୨୫୯ଟି ଗାଡ଼ିରେ ୪, ୮୨୨ ଜଣ ଶ୍ରଦ୍ଧାଳୁ (୩୭୦୭ ପୁରୁଷ, ୮୧୬ ମହିଳା, ୧୬ ଶିଶୁ ଏବଂ ୨୪୬ ସାଧୁ) ବାଲ୍‌ଟାଲ୍ ଓ ପହଲଗାମ୍ ରୁଟ୍ ଦେଇ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ୩, ୮୮୮ ମିଟର ଉଚ୍ଚରେ ଥିବା ପବିତ୍ର ଗୁମ୍ଫାରେ ପ୍ରାକୃତିକ ବରଫ ଶିବଲିଙ୍ଗଙ୍କ ଦର୍ଶନ କରିବେ। ବାଲ୍‌ଟାଲ୍ ରୁଟ୍‌ର ଭୂସ୍ଖଳନ ପ୍ରବଣ ଅଞ୍ଚଳକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ୧୨ଟି ୱାଟରପ୍ରୁଫ୍ (ବର୍ଷା ନିରୋଧୀ) ଡୋମ୍ ଏବଂ ବଡ଼ ଜରୁରୀକାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ଡିଜିଟାଲ୍ ସ୍କ୍ରିନ୍ ମାଧ୍ୟମରେ ଲାଇଭ୍ ପାଣିପାଗ ଅପଡେଟ୍ ଦିଆଯାଉଛି। ପାର୍ବତ୍ୟ ଅଞ୍ଚଳରେ ଶ୍ୱାସକ୍ରିୟାରେ ସମସ୍ୟା ଭୋଗୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତି ୧ରୁ ୨ କିଲୋମିଟର ବ୍ୟବଧାନରେ ଅକ୍ସିଜେନ୍ ବୁଥ୍ ସ୍ଥାପନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମନ୍ତବ୍ୟ ଦେଇ ଡିଏମ୍‌କେ ବିଧାୟକ ଗିରଫ

ଚେନ୍ନଇ, ୩।୭(ଏଜେନ୍ସି):ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତ୍ତିଜନକ ଓ ଉତ୍ତେଜନାମୂଳକ ମନ୍ତବ୍ୟ ଦେବା ଅଭିଯୋଗରେ ଡିଏମକେ ଦଳର ବରିଷ୍ଠ ବିଧାୟକ ଅନିଥା ଆର ରାଧାକ୍ରିଷ୍ଣନଙ୍କୁ ଶୁକ୍ରବାର ଦିନ ପୁଲିସ ଗିରଫ କରିଛି। ମାଡ୍ରାସ ହାଇକୋର୍ଟ ତାଙ୍କର ଅଗ୍ରିମ ଜାମିନ ଆବେଦନକୁ ଖାରଜ କରିବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୨୦ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ କରୁଣାନିଧିଙ୍କ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ରାଧାକ୍ରିଷ୍ଣନ ଏହି ବିବାଦୀୟ ବୟାନ ଦେଇଥିଲେ। ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଚେହେରା ଏବଂ ଚଳଚ୍ଚିତ୍ର ଜଗତରୁ ରାଜନୀତିକୁ ତାଙ୍କର ଆଗମନକୁ ନେଇ କଟାକ୍ଷ କରିଥିଲେ। ବିଧାନସଭାରେ ଏକ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଆଚରଣକୁ ଜଣେ ଗ୍ରାହକଙ୍କ ସହ ତୁଳନା କରି ସେ ପରିହାସ କରିଥିଲେ, ଯାହାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ ଜଣେ ନିର୍ବାଚିତ ଜନପ୍ରତିନିଧି ଭାବରେ ଏଭଳି ଅଶୋଭନୀୟ ମନ୍ତବ୍ୟ ଦେବା ଜମାରୁ ଉଚିତ ନୁହେଁ। ତାମିଲନାଡୁରେ ୧୯୬୭ ମସିହାରୁ ସିନେମା ଜଗତର ବ୍ୟକ୍ତିମାନଙ୍କୁ ଜନସାଧାରଣ ଭୋଟ୍ ଦେଇ ନେତା ଭାବେ ବାଛୁଥିବାରୁ ଏଭଳି ମନ୍ତବ୍ୟ ଅନାବଶ୍ୟକ ବୋଲି କୋର୍ଟ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଡିଏମକେ ସାଂସଦ କନିମୋଝି ଏହି ଗିରଫଦାରୀକୁ ତୀବ୍ର ନିନ୍ଦା କରିବା ସହ ଏହାକୁ ସରକାରଙ୍କ ଦମନମୂଳକ ଓ ଏକଛତ୍ରବାଦୀ ନୀତି ବୋଲି ଅଭିହିତ କରିଛନ୍ତି।


# ଇରାନୀ ନେତାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରିଥିଲା ଇସ୍ରାଏଲ

ୱାସିଂଟନ, ୩।୭(ଏଜେନ୍ସି): ଇରାନର ଶୀର୍ଷସ୍ତରୀୟ ଶାନ୍ତି ଆଲୋଚନାକାରୀଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ରଚିଥିବା ଏକ ଗୁପ୍ତ ଷଡ଼ଯନ୍ତ୍ର ବାବଦରେ ଆମେରିକା ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଚଳିତ ବର୍ଷ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଯୁଦ୍ଧବିରତି ପ୍ରକ୍ରିୟାକୁ ରକ୍ଷା କରିବା ପାଇଁ ଆମେରିକା ମଧ୍ୟପ୍ରାଚ୍ୟର କେତେକ ଦେଶ ଜରିଆରେ ଇରାନକୁ ଏହି ସାଙ୍ଘାତିକ ଖବର ପହଞ୍ଚାଇଥିବା ଜଣାପଡ଼ିଛି। ଇସ୍ରାଏଲର ଏହି ସମ୍ଭାବ୍ୟ ଆକ୍ରମଣ ଯୋଜନାର ମୁଖ୍ୟ ଟାର୍ଗେଟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏବଂ



- ଇରାନକୁ ସତର୍କ କଲା ଆମେରିକା
- ଶାନ୍ତି ଆଲୋଚନା ବିଗାଡ଼ିବାକୁ କରିଥିଲା ଯୋଜନା

ସଂସଦ ଅଧ୍ୟକ୍ଷ ମହମ୍ମଦ ବାଘେର ଗାଲିବାଫ ଥିଲେ। ଯଦି ଏହି ଦୁଇ ନେତାଙ୍କ ଉପରେ ଆକ୍ରମଣ ହୋଇଥାନ୍ତା, ତେବେ ଚାଲୁ ରହିଥିବା ଶାନ୍ତି ଆଲୋଚନା ସମ୍ପୂର୍ଣ୍ଣ ଭାବେ ଭଣ୍ଡୁର ହୋଇଯାଇଥାନ୍ତା ବୋଲି ଆମେରିକୀୟ ଅଧିକାରୀମାନେ ଆଶଙ୍କା ପ୍ରକାଶ କରିଥିଲେ। ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଇରାନର ଶୀର୍ଷ ନେତୃତ୍ୱକୁ ଶେଷ କରିବା ଇସ୍ରାଏଲର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି କ୍ରମରେ ପୂର୍ବରୁ ଆମେରିକା ସହ ଆଲୋଚନାରେ ସାମିଲ ଥିବା ଇରାନର ଦୁଇ ପ୍ରମୁଖ ନେତା ଅଲି ଲାରିଜାନି ଏବଂ କମାଲ ଖରାଜି ଇସ୍ରାଏଲ ବିମାନ ଆକ୍ରମଣରେ ପ୍ରାଣ ହରାଇଥିଲେ। କିନ୍ତୁ ଏପ୍ରିଲରୁ ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ହେଲା, ସେତେବେଳେ ଆମେରିକା ଚାହୁଁନଥିଲା ଯେ ଇସ୍ରାଏଲ ପୁଣି କୌଣସି ବଡ଼ ନେତାଙ୍କୁ ହତ୍ୟା କରି ପରିସ୍ଥିତିକୁ ଜଟିଳ କରୁ। ଏପରିକି ଆମେରିକାର ଚାପ ଯୋଗୁଁ ଇସ୍ରାଏଲ ନିଜର ହିଟ୍ ଲିଷ୍ଟ ବା ସଂହାର ତାଲିକାରୁ ଆରାଗଚି ଏବଂ ଗାଲିବାଫଙ୍କ ନାମ ହଟାଇବାକୁ ବାଧ୍ୟ ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଗାଲିବାଫଙ୍କୁ ହତ୍ୟା କରିବା ପାଇଁ ଇସ୍ରାଏଲ ଚେଷ୍ଟା ଚଳାଇଥିଲା ଏବଂ ସେ ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିଲେ। ଇସ୍ରାଏଲର ଏହି ଆକ୍ରୋଶମୂଳକ ମନୋଭାବ ପଛରେ ରହିଛି ଶାନ୍ତି ଚୁକ୍ତିକୁ ନେଇ ଅସନ୍ତୋଷ। ନିକଟରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଏକ ପ୍ରାଥମିକ ସାମୁଦ୍ରିକ ଓ ପରମାଣୁ ସମ୍ପର୍କିତ ବୁଝାମଣାକୁ ଇସ୍ରାଏଲ ସହଜରେ ଗ୍ରହଣ କରିପାରୁନାହିଁ। ଇସ୍ରାଏଲର ମତରେ, ଏହି ଚୁକ୍ତି ଦ୍ୱାରା ଇରାନ ଆର୍ଥିକ ସହାୟତା ପାଇ ପୁଣି ଶକ୍ତିଶାଳୀ ହେବ।



୧୪ ଦିନିଆ ବିଚାର ବିଭାଗୀୟ ହେପାଜତକୁ ପଠାଗଲା

## କୋଡ୍ ୱାର୍ଡରେ ଚାଟିଂ କରୁଥିଲେ ସିୟା ଓ ଚେତନ

ପୁଣେ, ୩।୭ (ଏଜେନ୍ସି): ପୁଣେର ଜଣେ ଜଣାଶୁଣା ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିବା ମାମଲାରେ ପୁଣେର ଏକ କୋର୍ଟ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ (୨୦) ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀ (୨୨)ଙ୍କୁ ଜୁଲାଇ ୧୬ ପର୍ଯ୍ୟନ୍ତ ୧୪ ଦିନିଆ ବିଚାରବିଭାଗୀୟ ହେପାଜତକୁ ପଠାଇଛନ୍ତି। କୋର୍ଟ ପୋଲିସର ରିମାଣ୍ଡ ବଢ଼ାଇବା ଆବେଦନକୁ ଖାରଜ କରିଦେଇଛନ୍ତି। ପୁଲିସ୍ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଜୁନ୍ ୧୮ ରେ ଲୋହଗଡ଼ ଦୁର୍ଗର ଏକ ୪୦୦ ଫୁଟ୍ ଗଭୀର ଖାତକୁ କେତନଙ୍କୁ ଠେଲିବା ପୂର୍ବରୁ ସିୟା ଏବଂ ଚେତନ ପୁଣେର ଲୁଲ୍ଲାନଗର ଅଞ୍ଚଳରେ ଏହାର ରିହର୍ସାଲ୍ ବା ଅଭ୍ୟାସ ମଧ୍ୟ କରିଥିଲେ। ପରସ୍ପରକୁ ଠେଲି ସେମାନେ କେମିତି ବିନା ପ୍ରମାଣରେ ହତ୍ୟା କରିବେ, ତା'ର କୌଶଳ ଶିଖିଥିଲେ। ଦୁହେଁ ଅପରାଧ ଲୁଚେଇବା ପାଇଁ କୋଡ୍ ୱାର୍ଡରେ ଚାଟିଂ କରୁଥିଲେ। ଯୋଜନା ମୁତାବକ, ଲୋହଗଡ଼ ଦୁର୍ଗର ସେହି ପାହାଡ଼ ଉପରେ ପହଞ୍ଚିବା ପରେ ସିୟା ତଳେ ବସିପଡ଼ି ଚେତନକୁ ସଙ୍କେତ ଦେଇଥିଲେ ଏବଂ ଚେତନ ପଛରୁ ଆସି କେତନଙ୍କୁ ତଳକୁ ଠେଲି ଦେଇଥିଲେ। ଚଳିତ ବର୍ଷ ନଭେମ୍ବରରେ କେତନ ଓ ସିୟାଙ୍କର ବିବାହ ହେବାର ଥିଲା। ଉଭୟଙ୍କ ମୋବାଇଲ୍‌ରୁ ମିଳିଥିବା କୋଡ୍ ଲାଙ୍ଗୁଏଜ୍ (ସଙ୍କେତ ଭାଷା) ଏବଂ ଚାଟ୍‌ର ରହସ୍ୟ ଖୋଲିବା ପାଇଁ ପୁଲିସ୍ ଆଉ ୩ ଦିନର ରିମାଣ୍ଡ ମାଗିଥିଲା, ଯାହାକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। ପୁଲିସ୍ ବର୍ତ୍ତମାନ ଉଭୟଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ଅନୁମତି ଲୋଡ଼ିଛି।



## 'ହନିମୁନ' ହତ୍ୟା ଅଭିଯୁକ୍ତ ସୋନମର ଜାମିନ ରଦ୍ଦ ହେବନି

ନୂଆଦିଲ୍ଲୀ, ୩।୭(ଏଜେନ୍ସି): ମେଘାଳୟରେ ହନିମୁନ ସମୟରେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିବା ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମ ରଘୁବଂଶୀଙ୍କ ଜାମିନ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। କୋର୍ଟ କହିଛନ୍ତି ଯେ ଅଭିଯୁକ୍ତ ଜେଲରୁ ମୁକୁଳି ସାରିଥିବାରୁ ଏହି ପର୍ଯ୍ୟାୟରେ ଜାମିନ ସ୍ଥଗିତ କରାଯାଇପାରିବ ନାହିଁ। ଯଦି ସେ ଜେଲରେ ଥାଆନ୍ତେ, ତେବେ ଜାମିନ ଆଦେଶ ଉପରେ ରୋକ୍ ଲଗାଯାଇଥାନ୍ତା। ତେବେ ହାଇକୋର୍ଟଙ୍କ ଜାମିନ ପ୍ରଦାନର ଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ମେଘାଳୟ ସରକାରଙ୍କ ଆବେଦନ ଉପରେ ସୋନମଙ୍କୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଏମ୍ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ ଶୀଲ ନାଗୁଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ, କେବଳ ଆଇନର ଭୁଲ ଧାରା ଉଲ୍ଲେଖ ହେବା ଭଳି ଏକ ବୈଷୟିକ ତ୍ରୁଟି ପାଇଁ ହାଇକୋର୍ଟ ଜାମିନ ଦେବା କେତେଦୂର ଯୁକ୍ତିଯୁକ୍ତ? ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଥିଲା, ଯେଉଁଠାରେ ସୋନମ ଓ ତାଙ୍କ ସହଯୋଗୀମାନେ ସ୍ୱାମୀଙ୍କୁ ହତ୍ୟା କରି ଗଭୀର ଖାତକୁ ଫିଙ୍ଗି ଦେଇଥିଲେ। ମେଘାଳୟ ହାଇକୋର୍ଟ ଜୁନ୍ ୨୯ରେ ସୋନମଙ୍କୁ ଜାମିନ ଦେଇଥିଲେ।

Excellence is a habit @ VIKASH / Admission Open for 2026-27 Courses Offered: PG, UG & DIPLOMA
The Legacy of GOLD Continues ...
Aradhana Pradhan 9.62 CGPA (BCA) | Sanskruti Hota 9.42 CGPA (B.A. PSY. (H.)) | N. Jhansi Rani 8.97 CGPA (BBA)
BCA Final Sambalpur University Results 2026: 1st Rank 9.62 CGPA ARADHANA PRADHAN | 2nd Rank 9.48 CGPA ADYASHA RANA | 5th Rank 9.10 CGPA TANMAYA MAHARANA | 8th Rank 8.87 CGPA K SAI MANISHA | 9th Rank 8.84 CGPA KHUSI KUMARI
BBA Final Sambalpur University Results 2026: 1st Rank 8.97 CGPA N. JHANSI RANI | 4th Rank 8.76 CGPA ANISHA GUPTA | 5th Rank 8.59 CGPA SIMRAN GUPTA | 7th Rank 8.23 CGPA PALLAVI SHARMA | 7th Rank 8.23 CGPA ROHIT SHARMA | 8th Rank 8.17 CGPA SHRUTI AGRAWAL | 10th Rank 8.12 CGPA PRACHI PANDA
+3 Final Sambalpur University Results 2026
M.Com (2024-26) 8.64 CGPA Priyaranjan Bhoi
MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA | B.A. LL.B
M.Sc. (N) | P.B. B.Sc. (N) | B.Sc. (N) | GNM | ANM | DMLT | DMRT | B. Pharm | D. Pharm
Vikash Higher Educational Institutions, Barahaguda, Bargarh (Odisha) | Visit us@ www.odishavikash.com
94393 49333 / 82800 08111 / 92372 70045 / 94380 85817

## ରଥଖଳାରୁ....

# ଚନ୍ଦ୍ରଶାଳୀରେ ଧ୍ୱଜାବତା ସଂଯୋଗ

ପୁରୀ,୩ା୭ (ସମିସ): ଆଉ ୧୨ ଦିନ ପରେ ବଡ଼ଦାଣ୍ଡରେ ଗଡିବ ତିନିରଥ। ଶୁକ୍ରବାର ତିନିରଥର ଦୁଆର ବେଢାକୁ ମଜବୁତ୍ କରି ରଖିବା ପାଇଁ ଏହାର ଉପର ଭାଗ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ କରାଯାଇଛି। ସେହିପରି ତିନିରଥର ନୂତନ ବ୍ରେକ ପୁଲିରେ ଲୁହା କଡ଼ା ସଂଯୋଗ ସରିଛି। ଚିତ୍ରକାର ସେବକମାନେ ତିନିରଥର



ପ୍ରଭାର ରଙ୍ଗ କାର୍ଯ୍ୟ ପାଇଁ ସେଥିରେ ଧଳା ପ୍ରାଇମର୍ ବୋଳା ଶେଷ କରିଛନ୍ତି। ପ୍ରାଇମର୍ ଶୁଖିଲା ପରେ ପ୍ରଭାରେ ରଙ୍ଗ ଚିତ୍ର ଆଙ୍କିବେ। ଏଥିସହ ଚିତ୍ରକାର ସେବକମାନେ ତିନିରଥର ବାହ୍ୟ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ସହ ସାରଥୀ, ଘୋଡ଼ା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଅପରପକ୍ଷେ ତିନିରଥର କନା କଟିଙ୍ଗ ପରେ ବତା କନାରେ ବିଳାସ ପଟି (ଜରୀ ଲେସ୍ ପଟି) ପକା କାର୍ଯ୍ୟ ଶେଷ କରି ସେଥିରେ ସିଲଭର୍ ଜରି ଫୁଲ ଏବଂ ଚକି ପଡ଼ିବା ବାକି ରହିଛି। ଶନିବାର ତିନିରଥର ଦୁଆର ବେଢ଼ା ଏବଂ ଚନ୍ଦ୍ରଶାଳୀ ପାଇଁ କନା କଟିଙ୍ଗ ସହ ସେଥିରେ ସିଲ୍‌ଭର ଜରି ସୂକ୍ଷ୍ମ କାରୁକାର୍ଯ୍ୟ ସିଲେଇ କାର୍ଯ୍ୟ ଆରମ୍ଭ କରିବେ। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନିରଥର ଧ୍ୱଜ ବତା କଣ୍ଟା ଏବଂ ନୂଆ ବ୍ରେକ ପୁଲି ପାଇଁ ଲୁହା କଡା ନିର୍ମାଣ ଶେଷ କରି ରଥ ମହାରଣାମାନଙ୍କୁ ଯୋଗାଇଦେବା ସହ ତିନିରଥର ପ୍ରଭା ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୩ା୭ (ସମିସ): ରାଜ୍ୟର ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଛି। ସରକାର ଅହଙ୍କାର ମନୋଭାବ ରଖି ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବି ବିଷୟରେ ଆଲୋଚନା ନ କରି ରୋଗୀମାନଙ୍କ ଜୀବନ ସହ ଖେଳୁଥିବାରୁ ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସରକାରଙ୍କ ଉପରେ ବର୍ଷିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ୯ ଜାନୁଆରୀ ୨୦୨୬ରେ ସ୍ୱାସ୍ଥ୍ୟ ସଚିବ,



ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମସା)ର କର୍ମକର୍ତ୍ତାଙ୍କ ସହ ଡାକ୍ତରମାନଙ୍କର ୧୦ ଦଫା ଦାବି ଉପରେ ଆଲୋଚନା ହୋଇଥିଲା। ଦୁଇରୁ ତିନି ମାସ ମଧ୍ୟରେ ସମାଧାନର ବାଟ ବାହାର କରାଯିବ ବୋଲି ସରକାରଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା; କିନ୍ତୁ କମିଟି ଗଠନ ହୋଇପାରିଲା ନାହିଁ। ଫଳସ୍ୱରୂପ ଜୁଲାଇ ୧ ତାରିଖରୁ ଧର୍ମଘଟ ନେଇ ଓମସା ନୋଟିସ ଦେଇଥିଲା। ଜୁନ୍ ୨ ତାରିଖରେ ସରକାରଙ୍କ ସହ ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଭରଯୋଗ୍ୟ ଆଶ୍ୱାସନା ମିଳିନଥିଲା। ୩୦ ଜୁନ୍ ବୈଠକରେ ଡାକ୍ତରମାନଙ୍କ ଦାବି ଉପରେ ସରକାରଙ୍କ ପକ୍ଷରୁ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବାରୁ ଧର୍ମଘଟ ସ୍ଥଗିତ ହୋଇପାରିଲା ନାହିଁ। ଡାକ୍ତରମାନଙ୍କ ଧର୍ମଘଟ ଯୋଗୁଁ ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସ୍ୱାସ୍ଥ୍ୟସେବା ସ୍ୱାଭାବିକ କରନ୍ତୁ, ନ ହେଲେ କୌଣସି ଅଘଟଣ ଘଟିଲେ, ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ଗତ ତିନି ଦିନ ଧରି ରାଜ୍ୟର ସରକାରୀ ଡାକ୍ତରଖାନା ଗୁଡ଼ିକରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ବିଜେଡି ସରକାର ସମୟରେ ଡିଏସିପିର ୬, ୧୨,

**ସରକାରଙ୍କ ଅପାରଗତା ଲାଗି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

**ଡାକ୍ତରମାନଙ୍କ ପଞ୍ଜିକରଣ ବାତିଲ ଧମକ ଲଜ୍ଜାଜନକ**

୧୮ ଓ ୨୪ ବର୍ଷର ପଦୋନ୍ନତି ବ୍ୟବସ୍ଥାକୁ ମଞ୍ଜୁର କରାଯାଇଥିଲା। ବୀମା ସହିତ ଡାକ୍ତରମାନଙ୍କ ଅନ୍ୟାନ୍ୟ ଆନୁଷଙ୍ଗିକ ଦାବି ପୂରଣ କରାଯାଇଥିଲା। ଡାକ୍ତରମାନଙ୍କୁ କର୍ମ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇନର ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ କେନ୍ଦ୍ରୀୟ ଡିଏସିପି ଲାଗୁ କରିବା ପାଇଁ ଓମସା ଦାବି କରିଛି। ଦାବି ପୂରଣ କରିବା ପରିବର୍ତ୍ତେ ସରକାର ନିଜର ଗର୍ବ ଓ ଅହଂକାରକୁ ଆଗରେ ରଖି କାର୍ଯ୍ୟ କରୁଛନ୍ତି। ରୋଗୀ ସେବାକୁ ପ୍ରାଥମିକତା ଦେଇ ଡାକ୍ତରମାନଙ୍କ ସହ ସରକାର ଆଲୋଚନା କରନ୍ତୁ, ସେମାନଙ୍କ ଦାବି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

ପ୍ରତାପ ଜେନା କହିଥିଲେ ଯେ ବର୍ତ୍ତମାନ ସରକାରୀ ଡାକ୍ତରଖାନାଗୁଡ଼ିକର ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ହୋଇପଡ଼ିଛି, ଯାହାର ପ୍ରଭାବ ସାଧାରଣ ରୋଗୀଙ୍କ ଉପରେ ପଡୁଛି। ଗତ ୩ ଦିନ ଧରି ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଥିବାରୁ ଉଦବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ଡାକ୍ତରମାନେ ଆନ୍ଦୋଳନ ବନ୍ଦ ନ କରିବେ, ତେବେ ସେମାନଙ୍କର ପଞ୍ଜୀକରଣ ବାତିଲ କରାଯିବ ବୋଲି ପାଲଟା ଧମକ ଦିଆଯାଉଛି। ଡାକ୍ତରମାନଙ୍କ ସହ ଆଲୋଚନା କରି ସରକାର ସମାଧାନର ବାଟ ବାହାର କରନ୍ତୁ, ନଚେତ୍ ଓଡ଼ିଶାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ କହିଥିଲେ।

## ଦୁର୍ଘଟଣା ଖବର ସଂଗ୍ରହ ବେଳେ ମାଡ଼ିଗଲା ହାଇୱା

# ୨ ଶ୍ରମିକ ମୃତ, ୩ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର

ବାରିପଦା, ୩ା୭ (ସମିସ): ଶୁକ୍ରବାର ସନ୍ଧ୍ୟାରେ ବାରିପଦା ସହରର ପାଲବଣି ବାଇପାସ ନିକଟରେ ଏକ ହାଇୱା ଧକ୍କାରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର ଆହତ ହୋଇଛନ୍ତି। ମୃତକ ୨ଶ୍ରମିକ ହେଲେ ଶୁନଗଡିଆର ଏସକେ ଜଲାଉଦ୍ଦିନ ଓ ଗୌଡଡିହାର ମିହିର ମାଇତି। ଆହତମାନେ ହେଲେ ନ୍ୟୁଜ୍ ସେଭେନର ଲଳିତ ବାରିକ, ଅର୍ଗସର ହରେକୃଷ୍ଣ ପାତ୍ର ଓ କଳିଙ୍ଗ ଟିଭିର ରଜତ ପଟ୍ଟନାୟକ। ଏକ କାଠ ବୋଝେଇ ଭ୍ୟାନ ଜାତୀୟ ରାଜପଥରେ ଓଲଟିଥିବା ଖବର ପାଇ ତିନିଜଣ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଦୁର୍ଘଟଣା ସ୍ଥଳରେ ଏକ ଡଷ୍ଟ ବୋଝେଇ ହାଇୱା ଓଭରବ୍ରିଜରୁ ତଳକୁ ଦ୍ରୁତ ଗତିରେ ମାଡିଆସି ଓଲଟିଥିବା ଭ୍ୟାନ ଉପରକୁ ମାଡିଯାଇ ଡିଭାଇଡର ଉପରକୁ



ଚଢି ଓଲଟିଯାଇଥିଲା। ଫଳରେ କାଠ ଗୋଟାଉଥିବା ୨ଶ୍ରମିକ ଘଟଣାସ୍ଥଳରେ ଚାପି ହୋଇ ମୃତ୍ୟୁ ଘଟିଥିଲା। ତିନିଜଣ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସମେତ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସମସ୍ତଙ୍କୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଜଣଙ୍କର ହାତ ଓ କଲର ବୋନ ଭାଙ୍ଗି ଥିବା ବେଳେ ଅନ୍ୟ ଦୁଇଜଣଙ୍କ ମୁଣ୍ଡ ମାଡ ହୋଇଛି। ସମସ୍ତେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉଭୟ ପାର୍ଶ୍ୱ ରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଟାଉନ ପୁଲିସ ପହଞ୍ଚି ୨ମୃତକଙ୍କୁ ଉଦ୍ଧାର କରି ଶବବ୍ୟବଚ୍ଛେଦ ପାଇଁ ପିଆରଏମ୍ ନେଇ ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ। ତେବେ ସମ୍ବେଦନଶୀଳ ସ୍ଥାନରେ ଗଳାପୋଲ ନହେବା ଓ ବିଦେଶୀ ମଦଦୋକାନ ପାଇଁ ପ୍ରତ୍ୟହ ଦୁର୍ଘଟଣା ଘଟୁଥିବାରୁ ଉତ୍ତେଜନା ଦେଖାଦେଇଛି।

## ବଜ୍ରପାତରେ ଜଣେ ବରଯାତ୍ରୀ ମୃତ, ୨ ଗୁରୁତର

ଢେଙ୍କାନାଳ,୩ା୭ (ସମିସ): ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପ୍ରସାଦ ଝୁମ୍ପୁଡ଼ିଆ ଗ୍ରାମର ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିବା ବେଳେ ହଠାତ ବଜ୍ରପାତ ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋଇଲିପଙ୍ଗି ଗ୍ରାମର ଅମିନ ବେହେରା (୫୨)। ତପନ ଜେନା ଓ ମନୋଜ ଦେହୁରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ଅପରାହ୍ନରେ ଝୁମ୍ପୁଡ଼ିଆ ଗ୍ରାମରୁ ଏକ ବରଯାତ୍ରୀ ଦଳ ଶୋଭାଯାତ୍ରା କରି ରଞ୍ଜା ଗ୍ରାମକୁ ଯାଉଥିଲେ। ବରଯାତ୍ରୀ ଦଳ ରଞ୍ଜା ଛକ ନିକଟରେ ପହଞ୍ଚିଥିବା ସମୟରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା।

## ମାଓବାଦୀଙ୍କ ବଡ଼ ଅସ୍ତ୍ରାଗାର ଠାବ

# ବିପୁଳ ଅସ୍ତ୍ର ଓ ବିସ୍ଫୋରକ ଜବତ

କୋରାପୁଟ, ୩ା୭ (ସମିସ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଜଙ୍ଗଲରେ କୋରାପୁଟ ଡିଭିଏଫ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି। ଏସପି ରୋହିତ ବର୍ମା ଏନେଇ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ଯବାନମାନେ ମାଓବାଦୀଙ୍କ ଅସ୍ତ୍ରାଗାର ଠାବ କରି ସେଠାରୁ ଏକ ଦେଶୀ ରିଭଲଭର, ୬ଟି ଦେଶୀ ବନ୍ଧୁକ, ୧୧ଟି ଟିଫିନ ବୋମା ଆଇଇଡି, ୨୦ ମିଟର କୋଡେକ୍ସ ୱାୟାର, ୨୫ଟି ଡିଟୋନେଟର,



୨ଟି କ୍ୟାମେରା ଫ୍ଲାଶ ଲାଇଟ, ୫୦ ଗ୍ରାମ ଗନପାଉଡର ଏବଂ ୬ ରାଉଣ୍ଡ.୩୮ ବୋର ଗୁଳି ଜବତ କରିଥିଲେ। ଜବତ ବିସ୍ଫୋରକ ଏବଂ ମାରଣାସ୍ତ୍ର ଆନ୍ଧ୍ର-ଓଡ଼ିଶା ସୀମା ସ୍ପେସାଲ ଜୋନାଲ କମିଟି ମାଓବାଦୀ ସଂଗଠନର ଥିଲା ଏବଂ ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ପାଇଁ ଗଚ୍ଛିତ ରଖାଯାଇଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଥାଉକି, ଦୁଇ ସପ୍ତାହ ପୂର୍ବରୁ ମଧ୍ୟ ବୈପାରୀଗୁଡା ବ୍ଲକର ବାଦୁଡି ଓ ପାହାଡ଼ରୁ ଇନସାସ ସମେତ ବନ୍ଧୁକ ଓ ବହୁ ବିସ୍ଫୋରକ ଡିଭିଏଫ ଦ୍ୱାରା ଉଦ୍ଧାର ହୋଇଥିଲା। ମାଓବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଜଙ୍ଗଲ ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରହିବ ବୋଲି ଏସପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସହ ଅତିରିକ୍ତ ଏସପି ମନୋଜ ପୂଜାରୀ ଏବଂ ଡିଭିଏଫ ଯବାନ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଆସନ୍ତା ୭ରେ ପୂର୍ବାଞ୍ଚଳ ଜୋନାଲ କାଉନସିଲ ବୈଠକ

ଭୁବନେଶ୍ୱର, ୩ା୭ (ସମିସ): ଆସନ୍ତା ୭ ତାରିଖରେ ପୂର୍ବାଞ୍ଚଳ ଜୋନାଲ କାଉନସିଲର ଷ୍ଟାଣ୍ଡିଂ କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ୧୫ତମ ଷ୍ଟାଣ୍ଡିଂ କମିଟି ବୈଠକରେ ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ପ୍ରତିନିଧିମାନଙ୍କ ସମେତ କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୮୭ଜଣ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। ସୂଚନା ଅନୁସାରେ ଏହି ୧୫ତମ ଷ୍ଟାଣ୍ଡିଂ କମିଟି ବୈଠକରେ ମୁଖ୍ୟ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିବେ। ବୈଠକରେ ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ମୁଖ୍ୟ ସଚିବମାନଙ୍କ ସମେତ ଗୃହ ସଚିବ ଓ ପୁଲିସ ଡିଜିମାନେ ଯୋଗ ଦେବେ।

## ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା

# ୧୪ ଅଭିଯୁକ୍ତଙ୍କ ଜାମିନର ପୂର୍ଣ୍ଣାଙ୍ଗ ଶୁଣାଣି ୭ରେ

କଟକ,୩ା୭ (ସମିସ): ହାଇକୋର୍ଟ ଏଏସଓ ପରୀକ୍ଷା କେଳେଙ୍କାରୀ ତଥା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଲାଲବାଗ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ସିଲିକନ ଟେକ୍ ଲାବ୍‌ର ମୁଖ୍ୟ ସୁରେଶଚନ୍ଦ୍ର ନାୟକ ଓ ପଞ୍ଚସଫ୍ଟ ସଂସ୍ଥାର ଶଙ୍କର ପୃଷ୍ଟି ସମେତ ମୋଟ ୧୪ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ। ଆସନ୍ତା ୭ତାରିଖରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ହାଇକୋର୍ଟର ଏଏସ୍‌ଓ-୨୦୨୪ ପଦବୀରେ ନିଯୁକ୍ତି ପାଇଁ ମୁଖ୍ୟ ଲିଖିତ ପରୀକ୍ଷା ଏବଂ କମ୍ପ୍ୟୁଟର ଆବେଦନ ପରୀକ୍ଷା ପରିଚାଳନା କରିବାକୁ ସମ୍ପୃକ୍ତ ସଂସ୍ଥା ସିଲିକନ ଟେକ ଲାବ ପ୍ରାଇଭେଟ ଲିମିଟେଡକୁ ଅଧିକାର ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥା ଗତବର୍ଷ ଜୁଲାଇ ୧୩ରେ ମୁଖ୍ୟ ଲିଖିତ ପରୀକ୍ଷା ନିରପେକ୍ଷ ଭାବେ ପରିଚାଳନା କରିନଥିବାରୁ ପରୀକ୍ଷା ବାତିଲ ହୋଇଥିଲା।

## ଏସ୍‌ଆଇଆର୍ କସରତ୍

# ୧୦ ବରିଷ୍ଠ ଆଇଏଏସ୍ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର, ୩ା୭ (ସମିସ): ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଓଡ଼ିଶାର ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟା ପାଇଁ ଗତ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ରାଜେଶ ପ୍ରଭାକର ପାଟିଲଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଛି। ସେହିପରି ଅରବିନ୍ଦ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ, ବଳବନ୍ତ ସିଂହଙ୍କୁ କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର ଦାୟିତ୍ୱ ମିଳିଥିବା ବେଳେ ବି. ପରମେଶ୍ୱରନଙ୍କୁ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ଦେବଗଡ଼, ସମ୍ବଲପୁର, ବରଗଡ଼ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ଡି. ପ୍ରସନ୍ନ କୁମାର ରେଡ୍ଡୀଙ୍କୁ ଗଞ୍ଜାମ, ଗଜପତି, ରାୟଗଡ଼ା, ସୁଧାଂଶୁ ମୋହନ ସାମଲଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ, ରଶ୍ମିତା ପଣ୍ଡାଙ୍କୁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର ମହମ୍ମଦ ସାଦିକ ଆଲମଙ୍କୁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସଂଗ୍ରାମ କେଶରୀ ମହାପାତ୍ରଙ୍କୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସମସ୍ତ ପର୍ଯ୍ୟବେକ୍ଷକ ଭୋଟର ତାଲିକା ସଂଶୋଧନ ଅବଧି ମଧ୍ୟରେ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାକୁ ଅତିକମ୍‌ରେ ୩ ଥର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ। ପର୍ଯ୍ୟବେକ୍ଷକମାନେ କେବଳ ଜିଲ୍ଲା ମୁଖ୍ୟାଳୟ ମଧ୍ୟରେ ନିଜର ଗସ୍ତକୁ ସୀମିତ ନ ରଖି, ବିଭିନ୍ନ ବିଧାନସଭାମଣ୍ଡଳୀର ମତଦାନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବେ। ସେମାନେ ସେହି ଅଞ୍ଚଳର ସାଂସଦ, ବିଧାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ କରିବେ।

ବୈଠକରେ ସେମାନଙ୍କର ଅଭିଯୋଗ ଓ ସମସ୍ୟା ଶୁଣିବା ସହ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ସହଯୋଗ ଲୋଡ଼ିବେ। କ୍ଷେତ୍ର ପରିଦର୍ଶନ ଏବଂ ସମୀକ୍ଷା ପରେ ସମସ୍ତ ପର୍ଯ୍ୟବେକ୍ଷକ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଏକ ବିସ୍ତୃତ ରିପୋର୍ଟ ପଠାଇବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

## ଦଳୀୟ ନେତାଙ୍କୁ ପିସିସି ପ୍ରଭାରୀଙ୍କ ସିଧା ଇଙ୍ଗିତ

# ସବୁଠୁ ଉପରେ ଅନୁଶାସନ

ଭୁବନେଶ୍ୱର,୩ା୭ (ସମିସ): ଶୁକ୍ରବାର କଂଗ୍ରେସ ଭବନ ଠାରେ ଅଖିଳ ନବ ନିଯୁକ୍ତ ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଛି ପ୍ରଦେଶ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକ। ଏହି ବୈଠକରେ ଯୋଗ ଦେଇ ରାଜ୍ୟ ପ୍ରଭାରୀ ଲାଲ୍‌ଜୀ ଦେଶାଇ ଦଳୀୟ ନେତାଙ୍କୁ ସିଧାସଳଖ ଅନୁଶାସନ ପାଠ ପଢାଇଛନ୍ତି। କଂଗ୍ରେସ ଦଳରେ ଅନୁଶାସନ ପ୍ରଥମ। ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରିବେ। ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ ବୋଲି ଶ୍ରୀ ଦେଶାଇ ସିଧାସଳଖ କହିଛନ୍ତି।

କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିଜେପି ଦେଶରେ ସବୁଠାରୁ ଦୁର୍ନୀତିଗ୍ରସ୍ତ। ଓଡ଼ିଶା ରାଜ୍ୟ ଖଣି ଖାଦାନରେ ପରିପୂର୍ଣ୍ଣ, କିନ୍ତୁ ବାହାର ରାଜ୍ୟରୁ କମ୍ପାନୀ ଆସି ଏଠାରେ ଲକ୍ଷ ଲକ୍ଷ କୋଟି ଉପାର୍ଜନ




କରୁଥିବାବେଳେ ଓଡ଼ିଶାର ଯୁବକ ଯୁବତୀ ଗୁଜୁରାଟ ଓ ଅନ୍ୟାନ୍ୟ ରାଜ୍ୟରେ କାମ କରିବାକୁ ଯାଉଛନ୍ତି। ତେଣୁ ଆମକୁ ଓଡ଼ିଶାର ଗର୍ବ ଓ ଗୌରବ ପ୍ରତି ଦୃଷ୍ଟି ଦେବାକୁ ପଡିବ। କଂଗ୍ରେସ ଦଳକୁ ପ୍ରଥମେ ଓଡ଼ିଶାବାସୀଙ୍କ ହୃଦୟ ଜିତିବାକୁ ପଡିବ। ବିଜେପି ସରକାରର ପ୍ରତ୍ୟେକ ଦୁର୍ନୀତି ବିରୋଧରେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଭିନ୍ନ ପ୍ରସଙ୍ଗ ବିଷୟରେ ସୂଚନା ଦେଇଥିଲେ। ଦଳଠାରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି, ତେଣୁ ଦଳର ଅନୁଶାସନ ସମସ୍ତଙ୍କ ପାଇଁ ଅଗ୍ରାଧିକାର ବୋଲି ସହପ୍ରଭାରୀ ଜେଟି କୁସୁମ କୁମାର କହିଥିଲେ। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଓଡ଼ିଶା ରାଜନୀତିରେ ସୃଷ୍ଟ ଶୂନ୍ୟସ୍ଥାନକୁ ପୂରଣ କରିବାକୁ ହେଲେ କଂଗ୍ରେସକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ବ୍ଲକ୍ ସଭାପତିମାନଙ୍କୁ ନେଇ ଏକ ସମାବେଶ ଆୟୋଜନ କରିବାକୁ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। କେନ୍ଦୁଝର

**ଯେତେ ବଡ଼ ନେତା ହେଲେ ମଧ୍ୟ କ୍ଷେତ୍ରକୁ ଯିବାକୁ ହେବ**

**ଯେତେ ବରିଷ୍ଠ ହେଲେ ମଧ୍ୟ ସଭାପତିଙ୍କ କଥା ମାନିବେ**

**ପ୍ରଥମେ ହୃଦୟ ଜିତିଲେ ନିର୍ବାଚନ ଜିତିପାରିବ କଂଗ୍ରେସ**

ଡିଏମ୍‌ଏଫ୍ ପାଣ୍ଠିରେ ଥିବା ୧୪,୦୦୦ କୋଟି ଟଙ୍କାର ଏକ ଅଂଶ ଜନଜାତିଙ୍କ ବିକାଶ ପାଇଁ ବିନିଯୋଗ କରିଥିଲେ ଦାଦନ ସମସ୍ୟା ଦୂର ହୋଇଥା'ନ୍ତା ଓ ତେଲକୋଇର ୧୪ ମହିଳାଙ୍କୁ ତାମିଲନାଡୁରେ ମରିବାକୁ ପଡ଼ି ନ ଥା'ନ୍ତା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ। ବାହାରକୁ ଦାଦନ ଖଟିବାକୁ ଯାଇଥିବା ୧.୨୫ କୋଟି ଓଡ଼ିଆଙ୍କ ବିଷୟରେ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଥିଲେ। ଓଡ଼ିଶାର ବିଦ୍ୟୁତ ଶୁଳ୍କ ନେଇ ଲବଣ ସତ୍ୟାଗ୍ରହ ପରି ଏକ ଆନ୍ଦୋଳନ ଆବଶ୍ୟକ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏକାଧିକ ପ୍ରସଙ୍ଗରେ କଂଗ୍ରେସର ସ୍ୱର ଆହୁରି ଶାଣିତ ହେବା ଦରକାର ବୋଲି ମତ ଦେଇଥିଲେ। ଦଳରେ ଅଧିକ ସଂଖ୍ୟକ ମହିଳା କାର୍ଯ୍ୟକର୍ତ୍ତା ଲୋଡ଼ା ବୋଲି କୋରାପୁଟ ସାଂସଦ ସପ୍ତଗିରି ଉଲାକା ମତ ଦେଇଥିଲେ। ଓଡ଼ିଶା କଂଗ୍ରେସରେ ଏକ ନବଚିନ୍ତନ ବୈଠକ କରିବାକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରସ୍ତାବ ଦେଇଥିଲେ। ରାଜ୍ୟର ଜନସଂଖ୍ୟାର ୯୦ ପ୍ରତିଶତ ଆଦିବାସୀ-ଦଳିତ-ଓବିସି; ସେମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୁକ୍ତି ବାଢ଼ିଥିଲେ।

ସକାଳ THE SAKALA

ପଶ୍ଚିମାଞ୍ଚଳ

www.sakalaepaper.com

# କଲବଲ କଲାଣି ଡାକ୍ତର ଆନ୍ଦୋଳନ

ବଲାଙ୍ଗିର, ୩।୭ (ସମିସ)

ଆନ୍ଦୋଳନରତ ଡାକ୍ତରମାନଙ୍କୁ ସରକାରୀ ଚେତାବନୀ ସତ୍ତ୍ୱେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇପାରିନାହିଁ। ଆନ୍ଦୋଳନର ଦ୍ୱିତୀୟ ଦିନରେ ଶୁକ୍ରବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା ନ ପାଇ ରୋଗୀ ଘରକୁ ଫେରିଯିବା ଭଳି ସ୍ଥିତି ଦେଖିବାକୁ ମିଳିଥିଲା। ତବେ ଗୁରୁତର ରୋଗୀଙ୍କୁ କେବଳ ଗୋଟିଏ ଡାକ୍ତରଖାନାରୁ ଆଉ ଗୋଟିଏ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା କେବଳ ଆୟୁଷ ଡାକ୍ତର ଓ ମେଡିକାଲ କଲେଜ ଡାକ୍ତରଖାନା ଉପରେ ହିଁ ନିର୍ଭର କରୁଛି। ଜିଲ୍ଲାର ୨୫୦ରୁ ଅଧିକ ଡାକ୍ତର ଆନ୍ଦୋଳନର ଥିବାରୁ ଦିନକୁ ଦିନ ସ୍ଥିତି ବିଗିଡିବାରେ ଲାଗଛି।

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ବେନ୍ଦ୍ରା ଗାଁର ଦୁଲା ଦ୍ୱାରୀ(୭୦)ଙ୍କୁ ଗୁରୁତର ଅବସ୍ଥାରେ ଶୁକ୍ରବାର ଲୋଇସିଂହା ସିଏଚସିକୁ ସ୍ୱାମୀ ଲେକୃ ଦ୍ୱାରୀ ଓ ଝିଅ ପଦ୍ମିନୀ ଦ୍ୱାରୀ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ କୌଣସି ଡାକ୍ତର ଡ୍ୟୁଟିରେ ନ ଥିବାରୁ ନିୟୋଜିତ କର୍ମଚାରୀ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେବାକୁ କହିଥିଲେ। ବହୁ କଷ୍ଟରେ ପରିବାର ଲୋକେ ଗୁରୁତର ବୃଦ୍ଧା ରୋଗୀଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ମଧ୍ୟ କେହି ଡାକ୍ତର ଡ୍ୟୁଟି କରୁ ନ ଥିବାରୁ କର୍ମଚାରୀ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ନେଇଯିବାକୁ କହିଥିଲେ; କିନ୍ତୁ ଲେକୃ ଗାଡି ଭଡା କରି ଯିବାକୁ ଅସହାୟତା ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରୁ ମେଡିକାଲ କଲେଜ ଯିବା ପାଇଁ ହେଲେ ଗାଡି ବ୍ୟବସ୍ଥା କଲେ ସର୍ବନିମ୍ନ ୫ଶହ ଟଙ୍କା ଖର୍ଚ୍ଚ ହେଉଛି। ସେ କେଉଁଠୁ ଏତେ ଟଙ୍କା ପାଇବେ ବୋଲି କହି ରୋଗୀଙ୍କୁ ଘରକୁ ଫେରାଇ ନେବେ ବୋଲି ପ୍ରତିକ୍ରୀୟା ଦେଇଥିଲେ। ଏହିଭଳି ଅବସ୍ଥାରେ



ଡାକ୍ତରଖାନାରେ ଦୁଲାଙ୍କୁ ଧରି ଝିଅ ଓ ସ୍ୱାମୀ ହଇରାଣ ହେଉଥିବାର ଦୃଶ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ସାମ୍ନାକୁ ଆସିଛି। କେବଳ ଏହି ଗୋଟିଏ ଦୃଶ୍ୟ ନୁହଁ; ବର୍ତ୍ତମାନ ଜିଲ୍ଲାରେ ଅନେକ ସରକାରୀ ଡାକ୍ତରଖାନାରେ ଏହିଭଳି ଚିତ୍ର ସାମ୍ନାକୁ ଆସିଛି। ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବନ୍ଦ ହୋଇ ଯାଇଛି। ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଉଛନ୍ତି।

ଅନ୍ୟପକ୍ଷରେ ଶୁକ୍ରବାର ମଧ୍ୟ ବଲାଙ୍ଗିର ଜିଲ୍ଲାରେ ଡାକ୍ତରମାନଙ୍କ ଆନ୍ଦୋଳନ ଜାରି ରହିଥିଲା। ଜିଲ୍ଲାରେ କାର୍ଯ୍ୟରତ ଥିବା ପ୍ରାୟ ୨୫୦ରୁ ଅଧିକ ଡାକ୍ତର ଏକତ୍ରିତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୮ଟି ଦାବି ନେଇ ଡାକ୍ତରମାନଙ୍କ ଏହି ଆନ୍ଦୋଳନ ଜାରି ରହଛି। ତେବେ ଏମାନଙ୍କୁ ସରକାର ଦରମା ବନ୍ଦ କରିବା ନେଇ ମଧ୍ୟ ଚେତାବନୀ ଦେଇସାରିଛନ୍ତି; କିନ୍ତୁ ଜିଦ୍‌ରେ ଅଟଳ ଡାକ୍ତରମାନେ ଆନ୍ଦୋଳନରୁ ହଟିନାହାନ୍ତି। ଡାକ୍ତରମାନଙ୍କ କହିବା ଅନୁସାରେ ସେମାନେ ଆନ୍ଦୋଳନ କରିବାକୁ କିମ୍ବା ତାଙ୍କ ଆନ୍ଦୋଳନ ଯୋଗୁଁ ରୋଗୀ ହଇରାଣ ହୁଅନ୍ତୁ ସେମାନେ ଚାହୁଁନାହାନ୍ତି। ସରକାର ଚାହିଁଲେ ବନ୍ଦ କରିପାରିବେ; କିନ୍ତୁ ଧମକ ଦେଇନୁହଁ। ଆଲୋଚନା କରିବା ସହ ଦାବି ପୂରଣ କରିବା ଆବଶ୍ୟକ। ଯାହାକିଛି ସଂଘ ଦାବି କରିଛି ସବୁତକ ଯୋଗ୍ୟ ଦାବି। ଏହାକୁ ସରକାର ପୂରଣ କରିବା ଉଚିତ ବୋଲି ଆନ୍ଦୋଳନରତ ଡାକ୍ତରମାନେ ପ୍ରକାଶ କରିଛନ୍ତି। ତେବେ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ରୋଗୀ ମାନେ ପ୍ରଭାବିତ ହେଉଛନ୍ତି। ସରକାର ଏହାକୁ କେତେ ଗୁରୁତର ସହ ନେଇ ସମସ୍ୟା ସମାଧାନ କରିବେ କିମ୍ବା କାର୍ଯ୍ୟାନୁଷ୍ଠାନ ଚେତାବନୀ ଡାକ୍ତରଙ୍କୁ ଆନ୍ଦୋଳନରୁ ନିବୃତ୍ତ କରାଇପାରୁଛନ୍ତି ତାହା ଦେଖିବା କଥା। ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ଉଭୟ ସରକାର ଓ ଡାକ୍ତର ସଂଘ ସମାଧାନର ବାଟ ବାହାର କରିବାକୁ ବୁଦ୍ଧିଜୀବୀ ମତ ରଖିଛନ୍ତି।

## ୩୦ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**ମୁରିବାହାଲ, ୩।୭ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ପଞ୍ଚାୟତ ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। କର୍ଲା ୟୁଜିଏଚ୍‌ଏସ୍ ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ବିଇଓ ଶାନ୍ତନୁ ପଢ଼ିହାରୀ, ଏବିଇଓ କୋଦଣ୍ଡଧର ଭୋଇ, ବରିଷ୍ଠ ସାମ୍ବାଦିକ ଭଗବାନ ମହାନ୍ତି, ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତ କୁଅଁର, ମାଲିଶିରା ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବାଗ ଓ ସିଆରସିସି ହୃଷିକେଶ ଶିକା ମଞ୍ଚାସୀନ ଥିଲେ। ବ୍ଲକର ୩୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଇନ୍ଦିରାଗାନ୍ଧୀ ହାଇସ୍କୁଲ (ଦେବଙ୍ଗ'ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମରତନ ମେହେର, ଡକ୍ଟର ଆମ୍ବେଦକର ହାଇସ୍କୁଲ ପ୍ରଧାନ ଶିକ୍ଷକ କୃତିବାସ ଦାସ ଏବଂ ନୂତନ ଭାବେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଟପର ଧରିତ୍ରୀ ଘିଭେଲା ନିଜର ଅନୁଭୂତି ବାଣ୍ଟିଥିଲେ। ତେନ୍ତୁଳୀଖୁଣ୍ଟି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ କୁମ୍ଭାର ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚାୟତି ହାଇସ୍କୁଲ ଶିକ୍ଷକ ହେମନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୩ ବର୍ଷ ପରେ ୧୪ ମହିଳା ଦୋଷୀ ସାବ୍ୟସ୍ତ

● ଦମ୍ପତିଙ୍କୁ ବିବସ୍ତ୍ର କରି ଗାଁରେ ବୁଲାଇଥିଲେ

**ଝାରସୁଗୁଡ଼ା, ୩।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲାର ଲାଇକେରା ଥାନା ସରସପାଲିରେ ୨୦୦୩ ମାର୍ଚ୍ଚ ୨୮ ରେ ଘଟିଥିବା ଏକ ଅମାନବୀୟ ଘଟଣାରେ ଦୀର୍ଘ ୨୩ ବର୍ଷ ପରେ ନ୍ୟାୟ ମିଳିଛି। ଗ୍ରାମର ଏକ କମିଟିକୁ ସମର୍ଥନ ନ କରିବାରୁ ଜଣେ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଘରୁ ଟାଣି ଆଣି ଜୋତା ମାଳ ପିନ୍ଧାଇବା, ମୁହଁରେ କଳା ବୋଳିବା, ବିବସ୍ତ୍ର କରି ସାରା ଗ୍ରାମରେ ବୁଲାଇବା ଓ ମାଡ଼ ମାରିବା ଘଟଣାରେ ଝାରସୁଗୁଡ଼ା ମହିଳା ଅଦାଲତ ୧୪ ଜଣ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏମାନେ ହେଲେ ପ୍ରମିଳା କିସାନ, ଉର୍ମିଳା ପଟେଲ, ସୁରୁତୁଲି ମାକର, ଫୁଲମଣି ବାଗ, ସୁକୁମ ଚିଲା, ଉଜୁଲି କୁଜୁର, ଦେବକୀ ପଟେଲ, ରୀତୁ କେଛୋ, ଯଶୋଦା ମାକର, କଳ୍ପନା ବାଗ, ସୁବାସିନୀ ପଟେଲ, ସବିତା ବାଗ, ରୁକୁମଣି ମାଝୀ ଓ ସାବିତ୍ରୀ ପଟେଲ। ସିନିୟର ସିଭିଲ୍ ଜଜ୍ (ମହିଳା ଅଦାଲତ) ତଥା ଝାରସୁଗୁଡ଼ା ଜେଏମଏଫସି କୁମାରୀ ପ୍ରତ୍ୟୁଷା କିରଣ ଏମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

## ଶ୍ରମିକଙ୍କୁ ବନ୍ଧା ରଖିଛି ଇଟାଭାଟି ମାଲିକ



**କଣ୍ଟାବାଞ୍ଜି, ୩।୭ (ସମିସ):** କଣ୍ଟାବାଞ୍ଜି ଥାନା ବିର୍ଣ୍ଣ ଗାଁର ସୁରଜ ଛୁରା ନିଜ ଅଜାଙ୍କ ସହ ଦାଦନ ଖଟିବା ପାଇଁ ତେଲେଙ୍ଗାନା ଯାଇ ଘରକୁ ଫେରି ନାହାନ୍ତି। ବେହେରେନସିଲେଟ ଗାଁର ଜଣେ ସର୍ଦ୍ଦାରଙ୍କ ମାଧ୍ୟମରେ ସେମାନଙ୍କୁ ଇଟାଭାଟିକୁ ପଠାଯାଇଥିଲା। ଏହି ଦାଦନ ସର୍ଦ୍ଦାର ଜଣକ ଇଟାଭାଟି ମାଲିକଙ୍କ ୭୦ ହଜାର ଟଙ୍କା ଫେରସ୍ତ ନ କରିବାରୁ ସୁରଜଙ୍କୁ ବନ୍ଧକ ରଖାଯାଇଛି। ୬ ମାସ ଇଟାଭାଟିରେ କାମ କରି ସୁରଜଙ୍କ ଅଜା ଫେରିଛନ୍ତି; ହେଲେ ସୁରଜ ଘରକୁ ଫେରି ନାହାନ୍ତି। ଏନେଇ ସୁରଜଙ୍କ ଅଜାଆଇ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରିଛି। ତଦନ୍ତ ଚାଲିଥିବା କହିଛି। ଶୀଘ୍ର ସୁରଜଙ୍କୁ ଉଦ୍ଧାର କରାଯିବ ବୋଲି ପରିବାରକୁ ଆଶ୍ୱାସନା ଦେଇଛି; କିନ୍ତୁ ଅଭିଯୋଗ କରିବାର ଅନେକ ଦିନ ପରେ ମଧ୍ୟ କଣ୍ଟାବାଞ୍ଜି ପୁଲିସ କାର୍ଯ୍ୟାନୁଷ୍ଠାନ ନେଉନି। ସୁରଜଙ୍କୁ ସୁରକ୍ଷିତ ଉଦ୍ଧାର ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ପରିବାର ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେରେ ଦାଦନ ଶ୍ରମିକ ସୁରଜ ପରିବାର ଏକ ମାତ୍ର ରୋଜଗାରିଆ ବ୍ୟକ୍ତି। ଇତି ମଧ୍ୟରେ ସୁରଜଙ୍କ ଏକ ଝିଅ ଜନ୍ମ ହୋଇଛି। ବାପା ଏ ପର୍ଯ୍ୟନ୍ତ ଝିଅର ମୁହଁ ଦେଖି ପାରିନି। ସୁରଜକୁ ଅଜାଆଇ, ପତ୍ନୀ ଅନେଇ ବସିଛନ୍ତି।

## ବିରନାରେ ଅଧାପନ୍ତରିଆ ଓଭରହେଡ୍ ଟାଙ୍କି



**କଣ୍ଟାବାଞ୍ଜି, ୩।୭ (ସମିସ):** ସରକାର ବିକାଶର ଡିଣ୍ଡିମ ପିଟୁଛନ୍ତି; ହେଲେ ଆଜି ବି ପିଇବା ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ବିରନା ଗାଁ କଲୋନୀପଡ଼ାରେ ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ଓଭରହେଡ୍ ଟାଙ୍କି ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହାଫଳରେ ୨୦ରୁ ଅଧିକ ପରିବାର ପିଇବା ପାଣି ପାଇଁ ଅଧ କିଲୋମିଟର ଦୂରରୁ ପାଣି ବୋହି ଆଣିବାକୁ ବାଧ୍ୟ ହେଉଛନ୍ତି। ଗାଁର ସେହିଭଳି ଅନେକ ସ୍ଥାନର ନଳକୂପ ଅଚଳ ଥିବାରୁ ପୁରା ଗାଁ ଜଳକଷ୍ଟ ଭୋଗୁଛି। ପଡ଼ାରେ ନଳକୂପ ନାହିଁ। ପିଇବା ପାଣି ଯୋଗାଇବା ପାଇଁ ନିର୍ମାଣ ହେଉଥିବା ଓଭରହେଡ୍ ଟାଙ୍କି ଦୀର୍ଘ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏହାଫଳରେ ପଡ଼ାବାସୀ ପ୍ରତିଦିନ ଅଧ କିଲୋମିଟର ଦୂରକୁ ଯାଇ ଏକମାତ୍ର ନଳକୂପରୁ ପାଣି ଆଣୁଛନ୍ତି। ଏହି ପଡ଼ାର ଅଧିକାଂଶ ପରିବାର ଜୀବିକା ପାଇଁ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ ଯାଇଥାନ୍ତି। ଘରକୁ ଫେରିଲା ପରେ ମଧ୍ୟ ମୌଳିକ ସୁବିଧା ପିଇବା ପାଣିରୁ ବଞ୍ଚିତ ହେଉଥିବାରୁ ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି। ପ୍ରାୟ ୨୦ରୁ ଅଧିକ ପରିବାର ଏବେ ଜଳ ସଙ୍କଟ ମଧ୍ୟରେ ଅସହାୟ ଜୀବନ ବିତାଉଛନ୍ତି। ସ୍ଥାନୀୟ ସରପଞ୍ଚ ଏବଂ ଜଳ ଯୋଗାଣ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଅଧାପନ୍ତରିଆ ଓଭରହେଡ୍ ଟାଙ୍କି କାମ ସମ୍ପୂର୍ଣ୍ଣ କରି ପଡ଼ାକୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ପାଇଁ ଗାଁ ଲୋକ ଦାବି କରୁଛନ୍ତି। ତେବେ ଏହାକୁ ନେଇ ଜଳ ଯୋଗାଣ ଯନ୍ତ୍ରୀ ମିନତୀ ମହାରଣାଙ୍କ କହିବା ହେଲା କାମ ତ ଚାଲିଛି। ଓଭର ହେଡ ଟ୍ୟାଙ୍କର ହେଲେ ବି ମୁଁ ସେହି ପଡ଼ାକୁ ଯାଇ ପରିଦର୍ଶନ କରିଛି। ଯଦି କିଛି ଅନ୍ୟ ଉପାୟରେ ପାଣି ଯୋଗାଇ ହେବ ତାହା ଦେଖୁଛି ବୋଲି କହିଛନ୍ତି।

## ମାୟାବାର୍ହା ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ




**ଡୁଙ୍ଗୁରିପାଲି, ୩।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଉଚ୍ଚ ବିଦ୍ୟାଳୟରେରେ ବନହୋତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସୋନପୁର ବନଖଣ୍ଡର ସହକାରୀ ବନସଂରକ୍ଷକ ଗିରିଧାରୀ ନାଗ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପଶାୟତ ଓ ଶିକ୍ଷାବିତ୍ ସମ୍ପଦ ଖମାରୀ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ ରାଜୁ ମେହେର ସଭା ସଂଯୋଜନା କରିଥିଲେ। ଖେଳ ଶିକ୍ଷକ ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନନ୍ଦିଘୋଷ ବାରିକ, ସଞ୍ଜୀବ ପୂଜାରୀ, କିରନ ପଟେଲ, ଲିପି ପ୍ରଧାନ, କର୍ମଚାରୀ ସୁରଜ୍ ଖମାରୀ, ସମୀର କଠାର, ବିଭୀଷଣ ଖମାରୀ ଓ ମିନିକେତନ ଦାସ ସହଯୋଗ କରିଥିଲେ।

## ମଣିପୁର ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ

**ବୌଦ୍ଧ, ୩।୭ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବଡବନ୍ଧ ମୁଖ୍ୟ ରାସ୍ତାରୁ ପ୍ରାୟ ୧ କିଲୋମିଟର ଦୂରରେ ଥିବା ମଣିପୁର ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଥିବା କଚ୍ଚା ରାସ୍ତା ବର୍ଷାଦିନେ ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ବର୍ଷା ପାଣି ଜମି ରହୁଛି। ଏଣୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲଖମା ଜାଣି ନ ପାରି ପିଲାଏ ସାଇକଲରୁ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି।

## ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ

**ମନମୁଣ୍ଡା, ୩।୭ (ସମିସ):** ଦିଲ୍ଲୀ ବସନ୍ତ ସୋସିଆଲ ଫାଉଣ୍ଡେସନର ମନମୁଣ୍ଡା ଶାଖା ପକ୍ଷରୁ କଣ୍ଟାମାଳ ବ୍ଲକ ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି। ଫାଉଣ୍ଡେସନର ଅଧକ୍ଷା ରାଜଶ୍ରୀ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନୀଳାମ୍ବର ଖମାରୀ, ଫାଉଣ୍ଡେସନର ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ର, ସାମ୍ବାଦିକ ବୈଦ୍ୟନାଥ ହୋତା, ଶିକ୍ଷାବିତ ଦେବାଶିଷ ଦାସ, ପ୍ରଧାନ ଶିକ୍ଷକ ବିଜୟ ମାଝୀ, ଶିକ୍ଷୟିତ୍ରୀ ଗୁଆଦେଇ ମାଝୀ, ଶିକ୍ଷକ ଶାନ୍ତନୁ ସ୍ୱାଇଁ, ସ୍ମାରକ ସାହୁ, ଦିଗସନ ସୁନା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।




## ଅସୀମ କରାଟେ ଏକାଡେମୀର ସଫଳତା



**ବଲାଙ୍ଗିର, ୩।୭ (ସମିସ):** ଟିଟିଲାଗଡ଼ସ୍ଥିତ ସେଣ୍ଟ ଆନ୍ସ ପବ୍ଲିକ ସ୍କୁଲରେ ସିଆଇଏସ୍‌ସିଆ ଜୋନାଲସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ବଲାଙ୍ଗିର କରାଟେ ଅର୍ଗାନାଇଜେସନର ଉଦୀୟମାନ କରାଟେ ଖେଳାଳି ଅଭିଳାଷା ଚୌଧୁରୀ ୩୪-୩୮ କେଜି ବାଳିକା କୁମିତେ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୪୨-୪୬ କେଜି କୁମିତେ ବିଭାଗରେ ସାନଭି ପ୍ରଧାନ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଅବସରରେ ଜାତୀୟ କରାଟେ ପ୍ରଶିକ୍ଷକ ତଥା ଜାତୀୟ ସ୍ତରୀୟ ରେଫରୀ ଅସୀମ ଭୋଇ ପ୍ରତିଯୋଗିତାରେ ରେଫେରୀ ଦାୟିତ୍ୱ ତୁଲାଇଥିଲେ।

## କାଦୁଅ ପଚପଚ କାଦୋଭଷା ଗାଁ ରାସ୍ତା



**କଣ୍ଟାବାଞ୍ଜି, ୩।୭ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଅଧୀନ କାଦୋଭଷା ଗାଁ ରାସ୍ତା ଏବେ କାଦୁଅ ପଚପଚ। କଣ୍ଟାବାଞ୍ଜି ସହରରୁ ଅଳ୍ପ ଦୂରରେ ରହିଛି ଏହି ଗାଁ। ସହର ପାଖରେ ଥିଲେ ମଧ୍ୟ ଗାଁ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗାଁ ରାସ୍ତା ପକ୍କା କରିବା ପାଇଁ ପଞ୍ଚାୟତରୁ ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗାଁ ଲୋକେ ଦ୍ୱାରସ୍ଥ ହୋଇଛନ୍ତି। କେହି କିନ୍ତୁ ଏମାଙ୍କ ଦୁଃଖ ବୁଝୁ ନାହାନ୍ତି। ଅନେକ ବର୍ଷ ଧରି ଏହି ରାସ୍ତା ମରାମତି ମଧ୍ୟ କରାଯାଇନାହିଁ। ଏଥିପାଇଁ ଲୋକେ ଅନେକ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ରାସ୍ତା ଅବସ୍ଥା ଏବେ ମରଣଯନ୍ତା ପାଲଟିଛି। ଧାମନଡ଼ଙ୍ଗା ପଞ୍ଚାୟତ କର୍ତ୍ତୃପକ୍ଷ ଏହି ରାସ୍ତା ମରାମତି କରିବା ପାଇଁ ଗାଁ ଲୋକେ ନିବେଦନ କରିବା ପରେ ମଧ୍ୟ ନଜର ଦେଉଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି।

## ଘରେ ପଶିଲା ବର୍ଷାପାଣି

**ମନମୁଣ୍ଡା, ୩।୭ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଶ୍ରୀଜଗନ୍ନାଥ ମନ୍ଦିରରୁ ନୂର୍ପା ରାସ୍ତା ଖଦାଳପଡ଼ା ଛକ ତଥା କୁମ୍ଭାରପଡ଼ା ଗଳି ପ୍ରଥମ ବର୍ଷାରେ ବେହାଲ ହୋଇ ପଡ଼ିଛି। ପ୍ରଥମ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମା ହେବା ସହ ଘର ଭିତରକୁ ପଶି ଯାଇଛି। ଏଣୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆଗକୁ ଲଗାଣ ବର୍ଷାରେ ଅବସ୍ଥା କ'ଣ ହେବ ସେଇ ଚିନ୍ତାରେ ସମସ୍ତେ ବିବ୍ରତ। ଡ୍ରେନେଜ ବ୍ୟବସ୍ଥା କରିବାକୁ ପଡ଼ାବାସୀ ଅନେକବାର ସରପଞ୍ଚ, ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି ଗାଁର ଚନ୍ଦ୍ରଶେଖର ସାହୁ କହିଛନ୍ତି।

## ସାମାନ୍ୟ ବର୍ଷାରେ ଅସ୍ଥାୟୀ ରାସ୍ତା ବେହାଲ

**ଶଗଡ଼ା, ୩।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରୁ ଶଗଡ଼ା ଯାଇଥିବା ରାସ୍ତାର ଲମ୍ବସରୀ ପଞ୍ଚାୟତ କୁଲିଆପାଲି ମଦଭାଟି ନିକଟରେ ପୋଲ ନିର୍ମାଣ ଚାଲିଛି। ଏହି ପୋଲ ସଂଲଗ୍ନ ଅସ୍ଥାୟୀ ରାସ୍ତା ନିର୍ମାଣ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ପ୍ରଥମ ବର୍ଷାରେ ରାସ୍ତା ଅବସ୍ଥା ବେହାଲ ହୋଇ ପଡ଼ିଛି। ଲଗାଣ ବର୍ଷାରେ ରାସ୍ତା ଧୋଇ ହୋଇଯାଇଛି। ଲୋକେ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି।



## ବର୍ଷାରେ ବୁଡ଼ିଲା ସମଲେଶ୍ୱରୀ ମନ୍ଦିର

ବଲାଙ୍ଗିର, ୩।୭ (ସମିସ)

ବର୍ଷାରେ ପୁଣି ବୁଡିଲା ମା' ସମଲେଶ୍ୱରୀଙ୍କ ମନ୍ଦିର। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ସାମାନ୍ୟ ବର୍ଷାରେ ବଲାଙ୍ଗିରବାସୀଙ୍କ ଆସ୍ଥା ଓ ବିଶ୍ୱାସର ମନ୍ଦିର ସମଲେଶ୍ୱରୀ ମନ୍ଦିର ଭିତରକୁ ପାଣି ପଶିଛି। ଏହି ସମସ୍ୟାର ସମାଧାନ କରିବା ପାଇଁ ବାରମ୍ବାର ଦାବି ହେଉଛି; ହେଲେ ଏହାର ସମାଧାନ ନ ହେବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗୁରୁବାର ବଲାଙ୍ଗିରରେ ପ୍ରାୟ ଦୁଇ ଘଣ୍ଟା ଧରି ବର୍ଷା ହୋଇଥିଲା। ବର୍ଷାରେ ସହର ବେହାଲ ହୋଇପଡ଼ିଥିଲା। ଅନେକ ସ୍ଥାନରେ ରାସ୍ତାରେ ପାଣି ଜମି ରହିଥିଲା। ରାସ୍ତାରେ ବର୍ଷା ଓ ଡ୍ରେନ୍ ପାଣି ଲହଡି ମାରୁଥିଲା। ଅନ୍ୟବର୍ଷ ଭଳି ଗୁରୁବାର ମଧ୍ୟ ସମଲେଶ୍ୱରୀ ମନ୍ଦିର ଭିତରେ ପାଣି ଜମି ରହିଥିଲା। ଭିତର ପାଣି ଠିକ୍ ଭାବେ ନିଷ୍କାସନ ହେଉ ନ ଥିବାରୁ ପାଣି ଯାଇ ନ ପାରି ଭିତରେ ଜମି ରହିଥିଲା। ଏହାଫଳରେ ମନ୍ଦିର ଭିତରକୁ ପାଣି ପ୍ରବେଶ କରିଥଲା। ଏହାର ସମାଧାନ ପାଇଁ ପୌର ପରିଷଦ ଓ ପୂର୍ତ୍ତ ବିଭାଗ ପାଖରେ ଅନେକ ଥର ଦାବି କରାଯାଇଛି। ଏହାପରେ କେବଳ ଉପର ଠାଉରିଆ କାମ ହେଉଛି। ପ୍ରତିବର୍ଷ ଏହି ସମସ୍ୟା ଦେଖା ଦେଉଥିବା ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି। ଏହି ମନ୍ଦିର ଉନ୍ନତି ପାଇଁ ମଧ୍ୟ ବିଜେଡି ସରକାର ସମୟରେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ତାହା ମଧ୍ୟ ଠିକ ଭାବେ ହୋଇ ନ ଥିଲା।



## ସାମାନ୍ୟ ବର୍ଷାରେ ଗାଁଦାଣ୍ଡ ପୋଖରୀ

**ଶଗଡ଼ା, ୩।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ରାସ୍ତା ଅବସ୍ଥା ନ କହିବା ଭଲ। ଦୀର୍ଘ ବର୍ଷ ହେବ ଗ୍ରାମର ରାସ୍ତା ମରାମତି ହୋଇନି। ଏଣୁ ଅନେକ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଗତ କିଛି ମାସ ପୂର୍ବେ ଗ୍ରାମର କେତେକାଂଶରେ କଂକ୍ରିଟ କରାଯାଇଥିଲା; ହେଲେ କଂକ୍ରିଟ ବର୍ତ୍ତମାନ ମାଟିରେ ମିଶି ଗଲାଣି। କେବଳ ବର୍ଷା ଦିନ ନୁହେଁ; ପ୍ରାୟ ସବୁ ଦିନ ପାଣି ଗାଁ ରାସ୍ତା କାଦୁଅରେ ଭର୍ତ୍ତି ହୋଇଥାଏ। ଗାଁରେ ପାନୀୟ ଜଳ ପାଇଁ ଲାଗିଥିବା ଷ୍ଟାଣ୍ଡପୋଷ୍ଟଗୁଡିକର ଅନେକ ସ୍ଥାନରେ ଟ୍ୟାପ୍ ଭାଙ୍ଗି ଯାଇଛି। ସ୍ଥାନୀୟ ଜନପ୍ରତିନିଧିଙ୍କ ଅବହେଳା ଯୋଗୁଁ ଟ୍ୟାପ୍ ଲଗାଯାଇନି। ଏଣୁ ଅନବରତ ପାଣି ନିର୍ଗତ ହୋଇ ରାସ୍ତା କାଦୁଅ ହୋଇଯାଉଛି। ସାମାନ୍ୟ ବର୍ଷା ହେଲେ ଗ୍ରାମର ମୁଖ୍ୟ ରାସ୍ତାଟି ଅନେକ ଛୋଟ ବଡ଼ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ବର୍ଷା ପାଣି ଜମି ରହିଛି। ପ୍ରତ୍ୟେକ ବର୍ଷ ରାସ୍ତା ସମସ୍ୟା ଲାଗି ରହୁଛି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। କେହି କିନ୍ତୁ ଏମାନଙ୍କ କଥା ଶୁଣୁ ନ ଥିବା ପ୍ରକାଶ କରିଛନ୍ତି।




# ଗହଣା ଦୋକାନରୁ ଚୋରି କରି ଯୁବକ ଗିରଫ

**ରାଉରକେଲା, ୩।୭ (ସମିସ):** ରାଉରକେଲା ସହରର ଉଦିତନଗର ଥାନା ଅନ୍ତର୍ଗତ ମେରିଡିଆନ୍ ଟାୱାରରେ ଥିବା କାରାଟ୍ ଲେନ୍ ରିଟେଲ୍ ଜୁଏଲେରୀ ଶୋ'ରୁମରୁ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ମୂଲ୍ୟର ହୀରା ଖଚିତ ସୁନା ବାଲା ଚୋରି ଘଟଣାରେ ପୁଲିସ ଜଣେ ଆନ୍ତଃରାଜ୍ୟ ଚୋରକୁ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ୪୦ ହଜାର ଟଙ୍କା ନଗଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

**୧.୫୦ ଲକ୍ଷର ସୁନା ହୀରା ବାଲା ଚୋରି**

**ଟ୍ରେନ୍‌ରୁ ଧରାପଡ଼ିଲା ଅଭିଯୁକ୍ତ, ୪୦ ହଜାର ଟଙ୍କା ଜବତ**



ସୂଚନା ଅନୁସାରେ, ଗତ ୨ ଜୁଲାଇ ରାତି ପ୍ରାୟ ୧୦ଟା ୧୦ରେ କାରାଟ୍ ଲେନ୍ ଶୋ'ରୁମର ଷ୍ଟୋର ମ୍ୟାନେଜର ସୋମନାଥ ବସା ଉଦିତନଗର ଥାନାରେ ଅଭିଯୋଗ କରିଥିଲେ ଯେ, ୩୦ ଜୁନ୍ ରାତି ପ୍ରାୟ ୯ଟା ବେଳେ ଜଣେ ବ୍ୟକ୍ତି ଗ୍ରାହକ ସାଜି ଶୋ'ରୁମକୁ ପ୍ରବେଶ କରି ସୁଯୋଗ ଦେଖି ଏକ ହୀରା ଖଚିତ ସୁନା ବାଲା ଚୋରି କରି ଫେରାର ହୋଇଯାଇଥିଲେ।

ତଦନ୍ତ ସମୟରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ସୂଚନା ମିଳିଥିଲା ଯେ, ଅଭିଯୁକ୍ତ ଦିନେଶ କୁମାର ଠାକ୍କର ଓରଫ ଦିନେଶ ବିଶ୍ରାମ ଠାକ୍କର ହାୱଡ଼ା-ମୁମ୍ବାଇ ସିଏସ୍‌ଏମ୍‌ଟି ମେଲ୍ (ଟ୍ରେନ୍ ନଂ୧୨୮୧୦)ରେ ଖଡ଼ଗପୁରରୁ ରାୟପୁର ଅଭିମୁଖେ ସାଧାରଣ ବଗିରେ ଯାତ୍ରା କରୁଛି। ସୂଚନା ଆଧାରରେ ଉଦିତନଗର ପୁଲିସ ରାଉରକେଲା ରେଳ ଷ୍ଟେସନରେ ଆର୍‌ପିଏଫ୍‌ର ସହଯୋଗରେ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

ପଚରାଉଚରା ବେଳେ ଅଭିଯୁକ୍ତ ଚୋରି ନେଇ ସ୍ୱୀକାର କରିଥିଲା। ପରେ ସେ କୋଲକାତାର ଚୋରା ବଜାରରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଏହି ବାଲାକୁ ୪୫ ହଜାର ଟଙ୍କାରେ ବିକ୍ରି କରିଥିଲେ। ସେଥିରୁ ୫ ହଜାର ଟଙ୍କା ଖର୍ଚ୍ଚ କରିଥିବା ବେଳେ ବାକି ୪୦ ହଜାର ଟଙ୍କା ତାଙ୍କ ନିକଟରୁ ପୁଲିସ ଜବତ କରିଛି। ତଦନ୍ତ ବେଳେ ଆହୁରି ଜଣାପଡ଼ିଛି ଯେ, ଅଭିଯୁକ୍ତ ଗତ ୧ ଜୁଲାଇରେ ଭୁବନେଶ୍ୱରସ୍ଥ ଏସ୍‌ପ୍ଲାନେଡ୍ ମଲ୍‌ରେ ଥିବା ବ୍ଲୁଷ୍ଟୋନ୍ ଜୁଏଲେରୀ ଶୋ'ରୁମରୁ ଏକ ସୁନା କଡ଼ା ଚୋରି କରିଥିଲେ ଏବଂ ତାହାକୁ ମଧ୍ୟ କୋଲକାତା ଚୋର ବଜାରରେ ବିକ୍ରି କରିଦେଇଥିଲେ।

ଗିରଫ ଅଭିଯୁକ୍ତ ଦିନେଶ କୁମାର ଠାକ୍କର (୬୩)ଙ୍କ ସ୍ଥାୟୀ ଘର ଗୁଜରାଟର ଭଦୋଦରା ଜିଲ୍ଲାରେ ହୋଇଥିବା ବେଳେ ସେ ବର୍ତ୍ତମାନ ଛତିଶଗଡ଼ର ରାୟପୁରରେ ରହୁଥିଲେ।

ଅଭିଯୁକ୍ତଙ୍କ ନିକଟରୁ ୪୦ ହଜାର ଟଙ୍କା ନଗଦ, ଏକ ସୁନା ରଙ୍ଗର ବାଲା, ଏକ ହାତଘଡ଼ି ଓ ଏକ ମୋବାଇଲ୍ ଫୋନ୍ ଜବତ କରିଛି। ପୁଲିସ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଡକାୟତି ଯୋଜନା ପଣ୍ଡ; ୨ ଗିରଫ

**ବଣାଇଁ, ୩।୭ (ସମିସ)**

ବଣାଇଁ ଥାନା ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ଦୁଇ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଅନ୍ୟଜଣେ ନାବାଳକ ଅଭିଯୁକ୍ତକୁ ବାଳସୁଧାର ଗୃହକୁ ପଠାଯାଇଛି। ସେମାନଙ୍କ ନିକଟରୁ ଡକାୟତିରେ ବ୍ୟବହୃତ ବିଭିନ୍ନ ମାରଣାସ୍ତ୍ର ଓ ପୂର୍ବ ଚୋରି ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଛି। ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଓ ବଣାଇଁ ଥାନା ଅଧିକାରୀ ପିଙ୍କି ମୁର୍ମୁ ଏନେଇ ବଣାଇଁ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।

**ମାରଣାସ୍ତ୍ର ସହ ଚୋରି ସାମଗ୍ରୀ ଜବତ**



ତାଙ୍କ ସୂଚନା ଅନୁଯାୟୀ, ବଣାଇଁ ଥାନାର ଉପ-ନିରୀକ୍ଷକ ଆଦିତ୍ୟ ନାରାୟଣ ବେହେରାଙ୍କ ଲିଖିତ ଏତଲା ଆଧାରରେ ନଂ.୧୭୫ରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ରାତ୍ରି ପାଟ୍ରୋଲିଂବେଳେ ଦେଶୀ ମଦଭାଟି ନିକଟରେ ଥିବା ପଡ଼ିଆରେ କିଛି ଦୁର୍ବୃତ୍ତ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ପୁଲିସ ଚଢ଼ଉ କରି ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବାବେଳେ ଅନ୍ୟ କିଛି ଦୁର୍ବୃତ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ କାଲିଆ ମୁଣ୍ଡା (୨୫) ଓ ଦୀପକ ମୁଣ୍ଡା (୧୯)। ପୁଲିସ ସେମାନଙ୍କ ନିକଟରୁ ଏକ ଛୁରୀ, ଲୁହା କ୍ରୋବାର, ଲୁହା ଖଣ୍ଡା, ଏକ ପ୍ୟାକେଟ ଲଙ୍କା ଗୁଣ୍ଡ, କଳା ମୁଖା ଓ ଏକ ବାଇକ୍ ଜବତ କରିଛି। ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ଏସି କପର ପାଇପ୍, ସୋଲାର ଚାର୍ଜର, ବିଦ୍ୟୁତ ତାର ଓ ନଟ୍-ବୋଲ୍ଟ ମଧ୍ୟ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ସାମଗ୍ରୀ ବଣାଇଁ ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଚୋରି ମାମଲାର ସାମଗ୍ରୀ ବୋଲି ଜଣାପଡ଼ିଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୁଲିସ ତଦନ୍ତ ଜୋରଦାର କରିଥିବା ବେଳେ ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତ ଚାଲାଣ କରାଯାଇଛି।

# ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ; ଜଣେ ଗିରଫ

**ରାଉରକେଲା, ୩।୭ (ସମିସ):** ବ୍ରାହ୍ମଣୀ ତରଙ୍ଗ ଥାନା ପକ୍ଷରୁ ଶୁକ୍ରବାର ଗାଡ଼ିମୋଟର ଯାଞ୍ଚବେଳେ ଏକ ବାଇକ ଚୋରି ରାକେଟର ପର୍ଦ୍ଦାଫାଶ କରିଛି ପୁଲିସ। ଏହି ଘଟଣାରେ ପୁଲିସ ଜଣେ ଯୁବକକୁ ଗିରଫ କରିଥିବା ବେଳେ ଦୁଇଟି ଚୋରା ବାଇକ୍ ଜବତ କରିଛି।

ସୂଚନାଯୋଗ୍ୟ ଯେ, କୁଆଁରମୁଣ୍ଡା ପକ୍ଷରୁ ବେଦବ୍ୟାସ ଅଭିମୁଖେ ଆସୁଥିବା ଏକ ବାଇକ୍‌କୁ

**ଦୁଇ ଚୋରା ବାଇକ୍ ଜବତ**

ପୁଲିସ ଅଟକାଇ ଯାଞ୍ଚବେଳେ ଚାଳକ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ପଚରାଉଚରା ପରେ ସେ ବାଇକ୍‌ଟି ବଣାଇଁ ଅଞ୍ଚଳରୁ ଚୋରି ହୋଇଥିବା ଓ ଏହାକୁ ଆଇଡିସି ଅଞ୍ଚଳକୁ ନେଇ ବିକ୍ରି କରିବାକୁ ଯାଉଥିବା ସ୍ୱୀକାର କରିଥିଲେ।

ଗିରଫ ଅଭିଯୁକ୍ତ ହେଲେ ଦୀନବନ୍ଧୁ ଓରଫ ଦୀନନାଥ ମୁଣ୍ଡାରୀ (୪୩)। ସେ ମୁଣ୍ଡା ମୁଣ୍ଡାରୀଙ୍କ ପୁଅ ଏବଂ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ମସୁରିକୁଦର ଗ୍ରାମର ମୂଳ ବାସିନ୍ଦା। ବର୍ତ୍ତମାନ ସେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝରତରଙ୍ଗ, ବିଜୁଳିଟୋଲାରେ ବସବାସ କରୁଛନ୍ତି।



ପଚରାଉଚରା ବେଳେ ଅଭିଯୁକ୍ତ ଆହୁରି ଏକ ବାଇକ୍ ଚୋରି କରିଥିବା ସ୍ୱୀକାର କରିଛି। ବୟାନ ଆଧାରରେ ଉକ୍ତ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି।

ତଦନ୍ତ ସମୟରେ ଅଭିଯୁକ୍ତ ବଣାଇଁ, ବିଶ୍ରା, ବେଦବ୍ୟାସ, ରାଉରକେଲା ଟାଉନ, ସବଡେଗା, ତଲସରା, ସୁନ୍ଦରଗଡ଼ ଟାଉନ ଥାନା ଏବଂ ସଦର ଥାନା ଅଞ୍ଚଳରୁ ଏକାଧିକ ମୋଟରସାଇକେଲ ଚୋରି କରିଥିବା ସ୍ୱୀକାର କରିଛି। ଚୋରି ହୋଇଥିବା ଗାଡ଼ିଗୁଡ଼ିକୁ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ମୂଳ ବାସିନ୍ଦା ଏବଂ ବର୍ତ୍ତମାନ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝରତରଙ୍ଗ, ଭଣ୍ଡାରଟୋଲିରେ ରହୁଥିବା ରାଜମିସ୍ତ୍ରୀ ଶମ୍ଭୁ କୁମାର ବାଉରୀ (୪୦)ଙ୍କ ମାଧ୍ୟମରେ ବିକ୍ରି କରୁଥିବା ସେ ପୁଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ପୁଲିସ ଶମ୍ଭୁ କୁମାର ବାଉରୀଙ୍କ ସମ୍ପୃକ୍ତତା ଯାଞ୍ଚ କରାଯାଉଥିବା ବେଳେ ତାଙ୍କ ଭୂମିକା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

# ଚୋରି ମାମଲାରେ ୩ ଗିରଫ; ଅଳଙ୍କାର ଜବତ

**ରାଉରକେଲା, ୩।୭ (ସମିସ):** ସ୍ଥାନୀୟ ସେକ୍ଟର-୭ ପୁଲିସ ଏକ ଘରଭଙ୍ଗା ଚୋରି ମାମଲାରେ ଦୁଇ ଜଣ ଅଭିଯୁକ୍ତ ଓ ଚୋରା ସାମଗ୍ରୀ କ୍ରୟ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୭ ଥାନା ଅନ୍ତର୍ଗତ ଜାମତୋଳି ବସ୍ତିର ଭୂଷଣ ନାଏକ (୨୦), ପ୍ଲାଣ୍ଟସାଇଟ୍ ଥାନା ରେଳ କଲୋନୀ ଅନ୍ତର୍ଗତ ସ୍ୱାମୀ ବିବେକାନନ୍ଦ ପଲ୍ଲୀର ଶେଖର ମୁଖୀ (୨୧) ଏବଂ ବିଶ୍ରାଡାହାର ରୋଡ଼, ହନୁମାନ ମନ୍ଦିର ନିକଟର ସମୀର କର୍ମକାର (୬୨)।

ପୁଲିସ ସୂଚନା ଅନୁସାରେ, ଗତ ୪ ମଇରେ ସେକ୍ଟର-୭ ଅଞ୍ଚଳର କ୍ୱାର୍ଟର ନଂ-ଏ-୭୧ରେ ରହୁଥିବା ନୃସିଂହ ଚରଣ ରାଉତଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ଚୋରି ମାମଲା ରୁଜୁ କରିଥିଲା। ତଦନ୍ତ କରି ଭୂଷଣ ଓ ଶେଖରଙ୍କୁ ଧରି ପଚରାଉଚରା ବେଳେ ଉଭୟ ଚୋରି ହୋଇଥିବା ଏକ ଯୋଡ଼ା ସୁନା କାନଫୁଲ, ଏକ ଯୋଡ଼ା ସୁନା ଚୁଡ଼ି (ଶାଙ୍ଖି), ଏକ ଯୋଡ଼ା ରୁପା ପାଉଁଜି, ଏକ ରୁପା ବ୍ରେସଲେଟ୍ ଓ ଦୁଇଟି ନାକଫୁଲକୁ ତିନୋଟି ପର୍ଯ୍ୟାୟରେ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ସାମଗ୍ରୀ ବଦଳରେ ସେମାନେ ସମୀର କର୍ମକାରଙ୍କ ଠାରୁ ୬୫ ହଜାର ଟଙ୍କା ପାଇଥିବା ମଧ୍ୟ କହିଥିଲେ। ପୁଲିସ ସମୀରଙ୍କ ନିକଟରୁ ଦୁଇଟି ସୁନା ମୁଦି, ଏକ ଯୋଡ଼ା ସୁନା ଚୁଡ଼ି, ଏକ ରୂପା ଥାଳି, ଦୁଇଟି ଛୋଟ ରୁପା ଗ୍ଲାସ୍, ଏକ ରୁପା ବ୍ରେସଲେଟ୍ ଓ ତିନୋଟି ରୁପା ହାର ଜବତ କରିଥିଲା। ତିନିଜଣଙ୍କୁ ଗିରଫ କରି ଗୁରୁବାର ସ୍ଥାନୀୟ ଅଦାଲତରେ ହାଜର କରାଯାଇଛି।



ପୁଲିସର ସୂଚନା ଅନୁଯାୟୀ, ଶେଖର ନାମରେ ସେକ୍ଟର-୧୯ ଥାନା ଓ ପ୍ଲାଣ୍ଟସାଇଟ୍ ଥାନାରେ ଡକାୟତି, ଘରଭଙ୍ଗା ଚୋରି ସମେତ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଥିବା ରେକର୍ଡ ରହିଛି। ସେହିପରି ବର୍ତ୍ତମାନ ମାମଲାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ସେକ୍ଟର-୭ ଓ ସେକ୍ଟର-୧୯ ଥାନାର ଅନ୍ୟ ଚୋରି ମାମଲାରେ ମଧ୍ୟ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି।

## ସାଲେପାଲିରେ ଭିବି-ଜି-ରାମ୍‌ଜୀ କାର୍ଯ୍ୟକ୍ରମ

**ରାଉରକେଲା, ୩।୭ (ସମିସ):** ବିକଶିତ ଭାରତ ଗ୍ରାମୀଣ ଗ୍ୟାରେଣ୍ଟି ରୋଜଗାର ଯୋଜନା ଏବଂ ଅଜୀବିକା ମିଶନ ଗ୍ରାମୀଣର ଜାତୀୟସ୍ତରୀୟ ଶୁଭାରମ୍ଭ ଆଜି ହୋଇଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ଡିପିଆରସି ଭବନରେ ଆଭାସୀ ମାଧ୍ୟମରେ ଜିଲ୍ଲା ପ୍ରଶାସନର ଅଧିକାରୀ, ଜନପ୍ରତିନିଧି, ହିତାଧିକାରୀ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହାପରେ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ପଞ୍ଚାୟତରେ ବିକଶିତ ଭାରତ ଗ୍ରାମୀଣ ଗ୍ୟାରେଣ୍ଟି ରୋଜଗାର ଯୋଜନା ଏବଂ ଅଜୀବିକା ମିଶନ ଗ୍ରାମୀଣର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ, ସଦର ବିଡିଓ ମୋତିଲାଲ ସୁଲିଆ, ସରପଞ୍ଚ ସ୍ୱର୍ଣ୍ଣ କୁମାରୀ ମାଝୀ, ସମିତି ସଭ୍ୟ ଜିତେନ୍ଦ୍ର କରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଲେପାଲି ନର୍ସରୀ ଠାରେ ଷ୍ଟୋନ ଗାର୍ଡ ଟ୍ରେଞ୍ଚ ଖନନ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଅତିଥିମାନେ ବୃକ୍ଷ ରୋପଣ ମଧ୍ୟ କରିଥିଲେ।

## ଡାଲମିଆ ମହାବିଦ୍ୟାଳୟରେ ବନ ମହୋତ୍ସବ

**କୁତ୍ରା, ୩।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧିନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ବୁଧବାର ଦିନ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ଫରେଷ୍ଟର ପ୍ରଦୀପ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଫରେଷ୍ଟ ଗାର୍ଡ ଗୁଣଦେବ ଭୋଇ, ଝାରବେଡା ସରପଞ୍ଚ ଭିକ୍ଟୋରିଆ ଯୋଯୋ, ନାଏକ ସରପଞ୍ଚ ଶୁକ୍ରା ଚିରମାକୋ ଓ ଯୁଗେଶ୍ୱର ଗୌଡ଼ ଯୋଗ ଦେଇଥିଲେ। ଅଧ୍ୟକ୍ଷଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଓ ଅତିଥିଗଣ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ମହାବିଦ୍ୟାଳୟର ୱାଇଆରସି ଅଫିସର ଅଧ୍ୟାପକ ପ୍ରଶାନ୍ତ କୁମାର ମାଝୀ, ଅଧ୍ୟାପିକା ଗୋଲାପୀ ଓରାମ, ଏନସିସି ଅଫିସର କ୍ୟାପଟେନ ଏମଡି ହମ୍ମିଦ ଏବଂ ଏନଏସଏସ ଅଫିସର ମନୋଜ କୁମାର ମେହେର ସହଯୋଗ କରିଥିଲେ।

## ଏସ୍‌ଆଇଆର୍ ପାଇଁ ବିଜେଡିର ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ପ୍ରଶିକ୍ଷଣ

**ରାଉରକେଲା, ୩।୭ (ସମିସ):** ସୁନ୍ଦରଗଡ଼ ବିଜେଡି କାର୍ଯ୍ୟାଳୟରେ ଗୁରୁବାର ବୁଥ୍ ସ୍ତରୀୟ୍ ଏଜେଣ୍ଟ (ବିଏଲଏ)ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ରାଜ୍ୟ ଯୁଗ୍ମ ସମ୍ପାଦକ ଜୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱ ଏବଂ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜକିଶୋର ସାହୁ ଏବଂ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷଣରେ ମୁଖ୍ୟଅତିଥି ରାଜକିଶୋର ସାହୁ ଏବଂ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରବର୍ତ୍ତୀ ଅଧିବେଶନରେ ଜିଲ୍ଲା ପରିଷଦ ସଭ୍ୟ ତଥା ସଦର ବ୍ଲକ ସଭାପତି ଅଶ୍ୱିନୀ ନାଏକ, ଟାଙ୍ଗରପାଲି ବ୍ଲକ ସଭାପତି ଶୋଭନ ଦାଶ



ଏବଂ ବାର୍ ଆସୋସିଏସନ ସଭାପତି ଅଶୋକ କୁମାର ସ୍ୱାଇଁ, ଚାଲିଥିବା ଏସଆଇଆର-୨୦୨୬ ପ୍ରକ୍ରିୟାରେ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ବୁଥ୍ ସ୍ତରରେ ସଫଳ ପରିଚାଳନା ପାଇଁ ଆବଶ୍ୟକ କୌଶଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ବରିଷ୍ଠ ପ୍ରଶିକ୍ଷକ ସଞ୍ଜୟ ପଟ୍ଟନାୟକ ବିଏଲଏମାନଙ୍କୁ ଉଦ୍ଦେଶ୍ୟ କରି ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଅଧିବେଶନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ଉପସଭାପତି ସୁମନ୍ତ ପଣ୍ଡା, ଅଶୋକ ମହାନ୍ତି, ସୁମନ୍ତ ସାହୁ, ହେମନ୍ତ ମେହେର, ଦଳୀୟ ସମସ୍ତ କାର୍ଯ୍ୟକର୍ତ୍ତା, ସମସ୍ତ ବିଏଲଏ, ସମସ୍ତ ମ୍ୟୁନିସିପାଲିଟି କାଉନସିଲର ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପିର ନ୍ୟୁ-ପ୍ଲେଟ୍ ମିଲ୍ ଦ୍ୱାରା ରେକର୍ଡ ଉତ୍ପାଦନ ଓ ଚାଲାଣ

**ରାଉରକେଲା, ୩।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ନ୍ୟୁ ପ୍ଲେଟ୍ ମିଲ୍ ଗତ ଜୁନ୍ ମାସରେ ୮୯, ୨୨୬ ଟନ୍ ପ୍ଲେଟ୍ ଉତ୍ପାଦନ ସହ ୮୪, ୯୯୭ ଟନ୍ ଚାଲାଣ କରି ଏଯାବତ ସର୍ବୋଚ୍ଚ ଜୁନ୍ ମାସର ପ୍ରଦର୍ଶନ ରେକର୍ଡ କରିଛି। ଏହି ପରିମାଣ ପୂର୍ବରୁ ଜୁନ୍ ମାସରେ ହୋଇଥିବା ସର୍ବୋଚ୍ଚ ରେକର୍ଡ ଯଥା ୮୨, ୦୯୮ ଟନ୍ ଉତ୍ପାଦନ ଏବଂ ୮୪, ୪୮୧ ଟନ୍ ଚାଲାଣ ପରିମାଣକୁ ଅତିକ୍ରମ କରିଛି। ଆଲୋଚ୍ୟ ଜୁନ ମାସ ମଧ୍ୟରେ, ନ୍ୟୁ ପ୍ଲେଟ୍ ମିଲ୍ ୮, ୭୦୬ ଟି ସ୍ଲାବ୍ ରୋଲିଂ କରିଛି, ଯାହାକି କୌଣସି ୩୦ ଦିନିଆ ମାସ ମଧ୍ୟରେ ସର୍ବାଧିକ। ଏଥିସହିତ ତିନୋଟି ଭିନ୍ନ ଭିନ୍ନ ଦିବସରେ ଦୈନିକ ୩୫୦ରୁ ଅଧିକ ସ୍ଲାବ୍ ରୋଲିଂ ମଧ୍ୟ ରେକର୍ଡ କରାଯାଇଛି। ନ୍ୟୁ ପ୍ଲେଟ୍ ମିଲ୍ ଆର୍ଥିକ ବର୍ଷ ୨୦୨୬୨୭ ର ପ୍ରଥମ ତ୍ରୈମାସିକରେ ଉଭୟ ଉତ୍ପାଦନ ଏବଂ ଚାଲାଣ କ୍ଷେତ୍ରରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ପଞ୍ଜିକୃତ କରିଛି। ଗତ ବର୍ଷର ସମାନ ଅବଧି ତୁଳନାରେ, ଚଳିତ ଆର୍ଥିକ ବର୍ଷରେ ଉତ୍ପାଦନ ୧୧.୫୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଚାଲାଣ ଅନୁରୂପ ୫.୨୯ ପ୍ରତିଶତ ବୃଦ୍ଧି ପାଇଛି।



ଏହି ଅବସରରେ ନ୍ୟୁ ପ୍ଲେଟ୍ ମିଲ୍ ସମୁଦାୟିକଙ୍କୁ ଅଭିନନ୍ଦନ ଜଣାଇ, ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ବିଭାଗ, ବିଭାଗୀୟ ନେତୃତ୍ୱ ଏବଂ ସମସ୍ତ ସହଯୋଗୀ ବିଭାଗର ଏହି ସମନ୍ୱୟକୁ ପ୍ରଶଂସା କରିଛନ୍ତି।

## ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ ସମ୍ପର୍କରେ ପ୍ରଶିକ୍ଷଣ



**ରାଉରକେଲା, ୩।୭ (ସମିସ):** ରାଉରକେଲା ସାଂଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ନିର୍ଦ୍ଦେଶ କ୍ରମେ ସେକ୍ଟର-୮ ସ୍ଥିତ ଶିବ ମନ୍ଦିର ପରିସରରେ ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲା ତରଫରୁ ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ସମ୍ପର୍କରେ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁବ ମୋର୍ଚ୍ଚାର ସୁଜିତ୍ ସିଂ ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଭାବରେ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ଆଜିର ବ୍ୟବସ୍ଥାକୁ ଅଧିକ ଆଧୁନିକ, ସୁଲଭ ଏବଂ ଗୁଣାତ୍ମକ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେଉଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ତଥା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ଜିଲ୍ଲା ପ୍ରବକ୍ତା ଗଙ୍ଗାଧର ଦାଶ, ଜିଲ୍ଲା ଉପସଭାପତି ମନୋଜ କୁମାର ସେନାପତି, ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ ଏବଂ ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦିକା ନୀନା ଷଡ଼ଙ୍ଗୀ ଆଦି କାର୍ଯ୍ୟକର୍ତ୍ତାମାନଙ୍କୁ ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ଜିଲ୍ଲା ଉପସଭାପତି ମନୋଜ କୁମାର ସେନାପତି କରିଥିବା ବେଳେ ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦିକା ନୀନା ଷଡ଼ଙ୍ଗୀ ଏବଂ ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ

## ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ରାଉରକେଲା, ୩।୭ (ସମିସ):** ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ଜୁନ୍ ୨୪ରୁ ଚାଲିଥିବା ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ସହ ଶକ୍ତିଶ୍ରୀ ଯୋଜନା ସମ୍ପର୍କୀତ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷା ଡ.ସସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ସଂଯୋଜିକା ତଥା ଅଧ୍ୟାପିକା ମମତା ବାକ୍ସଲାଙ୍କ ସଂଯୋଜନାରେ ହୋଇଥିବା ଏହି ଉଦ୍‌ଯାପନୀ ଅବସରରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଅପରାଧିକ ଆଇନ ସମ୍ପର୍କରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଡ.ସାମଲ ସୂଚନା ଦେବା ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା, ଅନୁବାଦିକା ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଡ. ନିବେଦିତା ଜେନା ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ରମେଶ ଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଓ ବରେଣ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଏଥିରେ ଉଭୟ ବକ୍ତା ଭାରତୀୟ ନ୍ୟାୟ ସଂହିତା ସହିତ ମହିଳା ଓ ବାଳିକା ସୁରକ୍ଷା ଆଇନର ବିଭିନ୍ନ ଦିଗ ସହିତ ରାଗିଂ ନିରୋଧ ଆଇନ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଯୋଜନା ଓ ଯୁବ ରେଡ୍‌କ୍ରସ୍ ଯୋଜନାର ଭାରପ୍ରାପ୍ତ ଅଧିକାରୀ ଡ. ସ୍ମୃତିସ୍ନିଗ୍ଧା ମିଶ୍ର ଏବଂ ଡ. ସୋନିଆ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ଶିକ୍ଷା ବିଭାଗର ପଞ୍ଜୀକୃତ ତଥା ଅନୁଭବି ପ୍ରଶିକ୍ଷିକା ଦୁଲାରି ମୁଣ୍ଡାରୀ ଓ ମହିମା ସୁନ୍ଦରୀ ମଲ୍ଲିକ ସପ୍ତାହେ ବ୍ୟାପି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ।

# 'ଅଟୋମୋଟିଭ୍ ଷ୍ଟିଲ୍ ଏବଂ ସଷ୍ଟେନେବଲ୍ ସିଣ୍ଟରିଂ' ଉପରେ ଆଲୋଚନାଚକ୍ର

**ରାଉରକେଲା, ୩।୭ (ସମିସ)**

ରାଉରକେଲା ଇସ୍ପାତ କାରଖାନା, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ ରାଉରକେଲା ଚାପ୍ଟର ଏବଂ ଏନ୍‌ଆଇଟି ରାଉରକେଲା ସହଯୋଗରେ ଆରଏସପିର 'ସମାଗମ' ସମ୍ମିଳନୀ କକ୍ଷରେ 'ଅଟୋମୋଟିଭ୍ ଷ୍ଟିଲ୍ ଏବଂ ସଷ୍ଟେନେବଲ୍ ସିଣ୍ଟରିଂ' ଉପରେ ଏକ ବୈଷୟିକ ଆଲୋଚନାଚକ୍ର ଆୟୋଜନ ହୋଇଥିଲା। ଆଇଆଇଏମ୍ ରାଉରକେଲା ଚାପ୍ଟରର ଅଧ୍ୟକ୍ଷ ତଥା ନିର୍ବାହୀ ନିର୍ଦ୍ଦେଶକ (ୱର୍କସ) ବିଶ୍ୱ ରଞ୍ଜନ ପଲାଇଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ଆଇଆଇଏମ୍ ରାଉରକେଲା ଚାପ୍ଟରର ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ (ସେବା) ଅତିଶ ଚନ୍ଦ୍ର ସରକାର, ଏନ୍‌ଆଇଟି (ରାଉରକେଲା) ର ମେଟାଲର୍ଜି ବିଭାଗର ପ୍ରଫେସର ତଥା ଆଇ.ଆଇ.ଏମ୍ ରାଉରକେଲା ଚାପ୍ଟରର ଉପାଧ୍ୟକ୍ଷ ଡଃ ଅର୍ଚ୍ଚନା ମଲ୍ଲିକ ଏବଂ ଆସାନସୋଲର କାଜି ନଜରୁଲ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମାଇନ୍ସ ଆଣ୍ଡ ମେଟାଲର୍ଜିର ନିର୍ଦ୍ଦେଶକ ଡଃ ଅର୍ଘ୍ୟ ମଜୁମଦାର ମଧ୍ୟ ଉପସ୍ଥିତ ଥିଲେ। ଏହି ଆଲୋଚନାରେ ଆର୍‌ଏସ୍‌ପିର ପ୍ରାୟ ୧୦୦ ଜଣ କର୍ମଚାରୀ, ଆଇଆଇଏମ୍ ରାଉରକେଲା ଚାପ୍ଟର ଏବଂ ଏନ୍.ଆଇ.ଟି ରାଉରକେଲାର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଇସ୍ପାତ କ୍ଷେତ୍ରରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ସ୍ଥାୟୀ ଅଭ୍ୟାସ ଏବଂ ଅଗ୍ରଗତି ବିଷୟରେ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା।



'ଅଟୋମୋଟିଭ୍ ଷ୍ଟିଲ୍ ଗ୍ରେଡ୍ସ: ପ୍ରପର୍ଟିଜ୍, ଆପ୍ଲିକେସନ୍ସ ଆଣ୍ଡ ପରଫରମାନ୍ସ' ଶୀର୍ଷକ ପ୍ରଥମ ବୈଷୟିକ ଆଲୋଚନା ଆର୍‌ଏସ୍‌ପିର ବରିଷ୍ଠ ପ୍ରବନ୍ଧକ (ଆରସିଏଲ) ଆର୍. ରାମକୃଷ୍ଣନ୍ ଏବଂ ପ୍ରବନ୍ଧକ (ଆରସିଏଲ) ବଟକୃଷ୍ଣ ଗିରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବକ୍ତାମାନେ ଅଟୋମୋଟିଭ୍ ଷ୍ଟିଲ୍ ଗ୍ରେଡ୍‌ର ବିକାଶ, ସେଗୁଡ଼ିକର ଗୁଣବତ୍ତା, ପ୍ରୟୋଗ ଏବଂ କାର୍ଯ୍ୟଦକ୍ଷତା ସମ୍ବନ୍ଧୀୟ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

'ସିଣ୍ଟରିଂ ଦି ଫ୍ୟୁଚର: ଗ୍ଲୋବାଲ୍ ଏକ୍ସଲେନ୍ସ ଏବଂ ପାଥ୍ ଟୁ ନେଟ୍ ଜିରୋ' ଶୀର୍ଷକ ଦ୍ୱିତୀୟ ବୈଷୟିକ ଆଲୋଚନା ଡଃ ଅର୍ଘ୍ୟ ମଜୁମଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅଧିବେଶନ ସ୍ଥାୟୀ ସିଣ୍ଟରିଂ ପ୍ରଯୁକ୍ତିବିଦ୍ୟା, ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଏବଂ ଇସ୍ପାତ ଶିଳ୍ପ ପାଇଁ ଅଙ୍ଗାରକାମ୍ଳ ହ୍ରାସ ରଣନୀତି ଉପରେ କେନ୍ଦ୍ରିତ ଥିଲା, ଯେଉଁଥିରେ ନେଟ୍-ଜିରୋ ଲକ୍ଷ୍ୟ ହାସଲ କରିବାରେ ନୂତନତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମଟି ଶିଳ୍ପ-ଶିକ୍ଷା ସଂସ୍ଥାନ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଏବଂ ଇସ୍ପାତ କ୍ଷେତ୍ରରେ ନିରନ୍ତର ଶିକ୍ଷା ତଥା ବୈଷୟିକ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ଏଆଇର ଆତଙ୍କ

ନ୍ୟାୟିକ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପସ୍ଥିତି ଅଦୃଶ୍ୟ ହେଲେ ହେଁ ଭୟଙ୍କର ବୋଲି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଟିପ୍ପଣୀ ଦେଇଛନ୍ତି। କୌଣସି ମାମଲାର ଶୁଣାଣି ବେଳେ ଏଆଇ ସାହାରାରେ କରାଯାଉଥିବା ବିଭିନ୍ନ ରାୟର ଉଦ୍ଧୃତି କିଭଳି ବିଭ୍ରାନ୍ତିକର ଓ ତ୍ରୁଟିପୂର୍ଣ୍ଣ ତାହାର ଉଦାହରଣ ଭାବେ ବମ୍ବେ ଉଚ୍ଚ ନ୍ୟାୟାଳୟ ଦେଇଥିବା ଏକ ରାୟକୁ ସର୍ବୋଚ୍ଚ ନ୍ୟାୟାଳୟ ଗ୍ରହଣ କରିଛନ୍ତି। ଏଆଇର ପ୍ରୟୋଗ ବିଚାର ବ୍ୟବସ୍ଥାକୁ ସତ୍ୱର କରିପାରେ; କିନ୍ତୁ ପାଦେ ପାଦେ ଏହାର ବିପଦ ରହିଛି - ଏହି ମର୍ମରେ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିବା ସର୍ବାଦୌ ସମୟୋପଯୋଗୀ ଓ ଗ୍ରହଣୀୟ। ଏଆଇର ଏହି ସମ୍ଭାବ୍ୟ ବିପଦ କେବଳ ନ୍ୟାୟିକ ବା ବିଚାର ବ୍ୟବସ୍ଥାରେ ସୀମିତ ନାହିଁ। ଧୀରେ ଧୀରେ ଏହା ଜନଜୀବନ ଓ ପ୍ରକୃତି-ପରିବେଶକୁ ଗ୍ରାସିବାକୁ ଆରମ୍ଭ କଲାଣି - ଏ ସମ୍ପର୍କରେ ଯେତେ ଆଲୋଚନା ହେବା କଥା ତାହା ହେଉନାହିଁ।

ଏଆଇ କେବଳ ଏକ ଯାନ୍ତ୍ରିକ ପ୍ରକ୍ରିୟା; ଏହା ମାନବୀୟ ଚିନ୍ତା ଚେତନା, ବିଶେଷକରି ସୃଜନଶୀଳତାର ସ୍ଥାନ ନେଇପାରିବ ନାହିଁ ବୋଲି କିଛିଦିନ ପୂର୍ବରୁ ଯେଉଁ ଦମ୍ଭୋକ୍ତି ପ୍ରକାଶ ପାଉଥିଲା, ତାହା ଭୁଲ୍ ବୋଲି 'କମନ୍‌ୱେଲ୍‌ଥ ଲିଟେରାରି ପ୍ରାଇଜ୍' ବିବାଦ ସହିତ ନିମିଷକେ ଧୂଳିସାତ୍ ହୋଇଗଲା। ଗତ ମେ' ମାସରେ ଏହି ପୁରସ୍କାର ଜିତିଥିବା ତ୍ରିନିଦାଦ୍ ଲେଖକ ଜମିର ନାଜିରଙ୍କ ପୁସ୍ତକର କଥାବସ୍ତୁ ତାଙ୍କ ନିଜସ୍ୱ ସୃଜନ ନୁହେଁ, ବରଂ ଏଆଇ ଦ୍ୱାରା ପ୍ରସ୍ତୁତ ବୋଲି ଜଣାପଡ଼ିଲା ପରେ ପୁରସ୍କାର ପ୍ରତ୍ୟାହୃତ ହେଲା ସତ; କିନ୍ତୁ ଏହାପରେ ଅସଂଖ୍ୟ ସୃଜନକୃତିଗୁଡ଼ିକର ମୌଳିକତା ଉପରେ ଏକ ସନ୍ଦେହ ବିଜଡ଼ିତ ପ୍ରଶ୍ନଚିହ୍ନ ଛାଡ଼ିଦେଇ ଗଲା।

ଏହା ଅନସ୍ୱୀକାର୍ଯ୍ୟ ଯେ ଏଆଇ ଚାଟ୍‌ବଟ୍‌ର ବିକାଶ ପ୍ରକ୍ରିୟା ଯେତେ ତ୍ୱରାନ୍ୱିତ ହେଉଛି ଲେଖକ ସଂଖ୍ୟା ସେତେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଚାଟ୍‌ବଟ୍‌କୁ କୌଣସି ନିର୍ଦ୍ଦେଶ ଦେବାର ମାତ୍ର କିଛିସମୟ ଭିତରେ ଏଆଇ କାହାଣୀଟିଏ ଲେଖି ସମର୍ପି ଦେଉଛି ଏବଂ ନିର୍ଦ୍ଦେଶକ ତାହାକୁ ନିଜ ନାମ ଦେଇ ପ୍ରକାଶ କରିବାରେ କୌଣସି କୁଣ୍ଠା ପ୍ରକାଶ କରୁନାହିଁ। ଏଭଳି ଦ୍ରୁତ କ୍ରମବର୍ଦ୍ଧିଷ୍ଣୁ ଲେଖକମାନଙ୍କ ଆବିର୍ଭାବ ପରେ ଏକ ଆନ୍ତର୍ଜାତିକ ପ୍ରକାଶନୀ ସଂସ୍ଥା ବାଧ ହୋଇ କିଛିମାସ ପାଇଁ ପ୍ରକାଶନ କାର୍ଯ୍ୟକୁ ସ୍ଥଗିତ ରଖିଥିଲା। କମନ୍‌ୱେଲ୍‌ଥ ଲିଟେରାରୀ ପ୍ରାଇଜ୍‌ରେ ଏଆଇର ପ୍ରାଦୁର୍ଭାବ ଧରାପଡ଼ିବା ପରେ ଆଉ କେତେକ ସ୍ୱନାମଧନ୍ୟ ପୁରସ୍କାର ପ୍ରଦାନକାରୀ ସଂସ୍ଥା ଲେଖକମାନଙ୍କ ପାଇଁ କଠୋର ସର୍ତ୍ତ ଜାରି କରିଛନ୍ତି ଏବଂ ତାହା ଏଆଇ ଦ୍ୱାରା ସମ୍ଭୂତ କି ନୁହେଁ ତାହା ନିଶ୍ଚିତ କରିବା ପାଇଁ ପରୀକ୍ଷଣ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଏହି ପରୀକ୍ଷଣ ବା ଯାଞ୍ଚ ପ୍ରକ୍ରିୟା କେତେ ତ୍ରୁଟିଶୂନ୍ୟ ତାହାକୁ ନେଇ ପୁଣି ଏକ ପ୍ରଶ୍ନ ଉଠିଛି। ଏଆଇ ଦ୍ୱାରା ହେବାକୁ ଥିବା ଏହି ପରୀକ୍ଷଣ ଯଦି ତ୍ରୁଟିପୂର୍ଣ୍ଣ ହୁଏ ତେବେ ଜଣେ ମୌଳିକ ଲେଖକ ଲାଞ୍ଛିତ ଓ ପୁରସ୍କାରରୁ ବଞ୍ଚିତ ହେବା ଅବଧାର୍ଯ୍ୟ। ତେଣୁ ଏହା ନୈତିକତା ପ୍ରସଙ୍ଗକୁ ଜନ୍ମ ଦେଇଛି।

ଏଆଇ ଦ୍ୱାରା ଆଉ ଯେଉଁକେତେକ ସାଂଘାତିକ ଚିନ୍ତାଜନକ ସମସ୍ୟା ମାନବ ସଭ୍ୟତାକୁ କବଳିତ କରିବାକୁ ଯାଉଛି ସେ ବିଷୟରେ କିଞ୍ଚିତ ଆଲୋଚନା କରାଯାଉ। ଏଆଇର ପ୍ରାଣକେନ୍ଦ୍ର ରୂପେ ବିଦିତ ଗୋଟିଏ ଗୋଟିଏ ଡାଟା ସେଣ୍ଟର ଯେତିକି ପରିମାଣର ପାଣି ଶୋଷି ନେବେ ତାହାର ପ୍ରଭାବରେ ଶହଶହ ଏକର ଜମି ଶୁଷ୍କମରୁରେ ପରିଣତ ହୋଇଯିବ। ଚାଷବାସ ଦୂରେ ଥାଉ ବୃକ୍ଷଲତା ମଧ୍ୟ ବଞ୍ଚିପାରିବେ ନାହିଁ। ଏହାଦ୍ୱାରା ପିଇବା ପାଣିର ଯେଉଁ ଉତ୍କଟ ସଙ୍କଟ ସୃଷ୍ଟି ହେବ ତାହା କିଛିଟା ଅନୁମାନ କରାଯାଇପାରେ। କିନ୍ତୁ ଡାଟା ସେଣ୍ଟର ଯୋଗୁଁ ସବୁଜ ବନାନୀ ନିଶ୍ଚିହ୍ନ ହେବା ଫଳରେ ଜଳବାୟୁର ବ୍ୟାପକ ଅସ୍ୱାଭାବିକତା ମାନବ ସଭ୍ୟତାକୁ କେଉଁସ୍ଥିତିକୁ ନେଇଯିବ ତାହା ଅକଳନୀୟ। ପରିସ୍ଥିତି ଏଭଳି ହେବ ଯେ ମଣିଷ ଯନ୍ତ୍ରଘେରରେ ରହିଥିବ ଅଥଚ ବଞ୍ଚିବା ପାଇଁ ଖାଦ୍ୟ କିମ୍ବା ପାଣି ନଥିବ। ଏ ସମ୍ପର୍କରେ ଯେ ଆମ ଦେଶର ବିଜ୍ଞ ନୀତି ନିର୍ଦ୍ଧାରକମାନେ ଅବଗତ ନ ଥିବେ ତାହା ନୁହେଁ। ଅଥଚ ନିକଟରେ ଅନୁଷ୍ଠିତ ଏଆଇ ଶିଖର ସମ୍ମିଳନୀରେ ଭାରତ ଏଆଇ ଡାଟା ସେଣ୍ଟର ହବ୍ ହେବା ପାଇଁ ଘୋଷଣା କରିଛି। ଅର୍ଥାତ୍ ଭାରତ କେବଳ ଏକ ଉପଭୋକ୍ତା ଦେଶ ହୋଇ ଯାବତୀୟ ଆନୁଷଙ୍ଗିକ ବିପଦ ବରଣ କରିବ ଏବଂ ଭାରତର ଏହି କେନ୍ଦ୍ରମାନଙ୍କୁ ଉପଯୋଗ କରି ବିକଶିତ ଦେଶମାନେ ସାରା ପୃଥିବୀରେ ରାଜତ୍ୱ କରିବେ।

ଯେଉଁ ସଫ୍ଟସ୍କିଲ୍(ମେଧାଶକ୍ତି)କୁ ନେଇ ଭାରତ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱବିଦିତ ହୋଇଥିଲା ତାହା ହିଁ ଏବେ ଏଆଇର ପ୍ରବଳ ଆହ୍ୱାନର ସମ୍ମୁଖୀନ ହେବାରେ ଲାଗିଛି। ଗୋଟିଏ ପ୍ରୋଗ୍ରାମ୍‌ର କୋଡିଂ କରିବା ପାଇଁ ଆମ ଦେଶର ମେଧାବୀମାନେ ହାରାହାରି ଦୁଇମାସ ସମୟ ନେଉଥିବା ବେଳେ ତାହା ଏଆଇ ମାତ୍ର କିଛି ମିନିଟ୍ ମଧ୍ୟରେ ସମାପନ କରିଦେଉଛି। ତେଣୁ ଆଉ ମେଧାଶକ୍ତିର ଆବଶ୍ୟକ ହିଁ ନାହିଁ। ଏହି କାରଣରୁ ଲକ୍ଷ ଲକ୍ଷ ପ୍ରତିଭାଧାରୀ ଛଟେଇ ହେଉଛନ୍ତି। କମ୍ପାନୀମାନେ ନିଯୁକ୍ତିରେ ଅଭିଜ୍ଞତାକୁ ପରିହାର କରି ସୁଲଭତା ବା କମ୍ ଦରମାରେ କାମ କରିବାକୁ ଇଚ୍ଛୁକ ଥିବା ନବୀନ ପେସାଦାରମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି, ତାହା ମଧ୍ୟ ମାତ୍ର କିଛିବର୍ଷ ପାଇଁ। ସମସ୍ୟା କେବଳ ଏତିକିରେ ସରିଯାଇନାହିଁ। ଏଆଇର ପ୍ରଭାବରେ ଆଗାମୀ ଦିନରେ ବୃତ୍ତିଧାରୀ ଡାକ୍ତର, ଇଞ୍ଜିନିୟର, ଡ୍ରାଇଭର, ଝାଡ଼ୁଦାର ପର୍ଯ୍ୟନ୍ତ ବେକାର ହୋଇଯିବେ। କେବଳ ବଞ୍ଚିବା ପାଇଁ ଗଣ୍ଡେ ଖାଇବା ଯୋଗାଡ଼ କରିବା ମଧ୍ୟ ସେତେବେଳେ କଷ୍ଟକର ହୋଇଯିବ; କାରଣ ସେତେବେଳକୁ ଆଉ ଚାଷ ପାଇଁ ପାଣି ନ ଥିବ।

ଏବେ ସମୟ ଆସିଛି ମଣିଷ ଓ ଯନ୍ତ୍ର ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ। ନିଜକୁ ଡାଟା ସେଣ୍ଟର ହବ୍ ଘୋଷଣା କରି ଗର୍ବିତ ଅନୁଭବ କରୁଥିବା ଭାରତ ଏ ପର୍ଯ୍ୟନ୍ତ ଏଆଇର ପାର୍ଶ୍ୱପ୍ରତିକ୍ରିୟାରୁ ଭାରତବାସୀଙ୍କୁ ସୁରକ୍ଷା ଦେବା ପାଇଁ ଦୂରଦର୍ଶୀ ଯୋଜନା କିମ୍ବା ନୀତି ସ୍ପଷ୍ଟ କରିନାହିଁ। ଏହି ପୃଷ୍ଠଭୂମିରେ ଏଆଇର ରୂପ କିଭଳି ଭୟଙ୍କର ହେବାକୁ ଯାଉଛି ତାହା ଅନୁମେୟ।

## ମାଗଣା ଶିକ୍ଷା ବ୍ୟବସ୍ଥା

ବୃହସ୍ପତି ସାମଲ

କେଜିରୁ ପିଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦେୟମୁକ୍ତ ଶିକ୍ଷା ଅର୍ଥାତ୍ ମାଗଣା ପାଠପଢ଼ା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। କିନ୍ତୁ ବାସ୍ତବରେ ଏଭଳି ଘୋଷଣା କେତେଦୂର ସଫଳତାର ସହ କାର୍ଯ୍ୟକାରୀ ହେବ ସେସବୁ ଆଲୋଚନା କରିବା ପୂର୍ବରୁ କିଛି ସାଧାରଣ ମୌଳିକ ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଓଡ଼ିଶାରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାଡ଼ିଦେଲେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଯେତେବେଳେ ଏଲକେଜି, ୟୁକେଜି ଭଳି ପାରମ୍ପରିକ କେଜି ବ୍ୟବସ୍ଥା ନାହିଁ, ସେତେବେଳେ 'କେଜିରୁ ପିଜି' ଶବ୍ଦ ପ୍ରୟୋଗର ଅର୍ଥ କ'ଣ? ଆର୍ଥିକ ଭାବେ ଦୁର୍ବଳ ପରିବାରର ଛାତ୍ରଛାତ୍ରୀମାନେ ପ୍ରକୃତରେ କେତେ ଉପକୃତ ହେବେ? ଅଧିକନ୍ତୁ, ସାମ୍ପ୍ରତିକ ପରିସ୍ଥିତିରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ନିମ୍ନମାନର ଶିକ୍ଷାଦାନ ବ୍ୟବସ୍ଥା ଓ ପରିଚାଳନାରେ କ୍ଷୁବ୍ଧ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନରେ ଦାଖଲ କରିବାକୁ ଉଚିତ୍ ମନେକରୁଛନ୍ତି। ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଥିବା ସହ ପାଠାଗାର, ପରୀକ୍ଷାଗାର, ଖେଳ ପଡ଼ିଆ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ଅଭାବ ରହିଛି। ତେଣୁ କେବଳ ମାଗଣା ଶିକ୍ଷା ଘୋଷଣା କରିଦେଲେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ ହୋଇଯିବ କି?

ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜିବା ପୂର୍ବରୁ ନିକଟ ଅତୀତରେ ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥାର ଗଭୀର କ୍ଷତକୁ ସ୍ପଷ୍ଟ କରିଥିବା କନ୍ଧମାଳର ତୁମୁଡ଼ିବନ୍ଧ ବ୍ଲକ ଅଧୀନସ୍ଥ ସିମିଳିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେହି ଭୟଙ୍କର ଅବ୍ୟବସ୍ଥା କଥା ମନେ ପକେଇବା ଜରୁରୀ, ଯାହା ଶିଶୁ କଲ୍ୟାଣ ଯୋଜନାରେ ଦାୟିତ୍ୱବୋଧର ପତନ ଏବଂ ଶିକ୍ଷକମାନଙ୍କୁ ତାଙ୍କର ମୂଳ ଶିକ୍ଷାଦାନ କାର୍ଯ୍ୟରୁ ବିଚ୍ୟୁତ କରାଯାଉଥିବା ଏକ ପ୍ରତିଷ୍ଠାନଗତ ଅନ୍ୟାୟ ଭଳି ଦୁଇଟି ଗୁରୁତର ସତ୍ୟକୁ ନିର୍ମମ ଭାବରେ ସାମ୍ନାକୁ ଆଣିଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ପିଲାମାନଙ୍କୁ କେବଳ ଲୁଣ ସହିତ ଭାତ ଦିଆଯାଇଥିବା ଖବର କୌଣସି ସଭ୍ୟ ସମାଜ ପାଇଁ ଲଜ୍ଜାଜନକ। ସୂଚନା ଅନୁସାରେ, ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କର ଘୋର ଅଭାବ, ଖାଲିପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକର ପୂରଣ କରିବାରେ ସରକାରଙ୍କ କାଳକ୍ଷେପଣ ନୀତି, ଆସୁଥିବା ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶିକ୍ଷାଦାନ କାର୍ଯ୍ୟରେ ନିୟୋଜନ ଯୋଗୁଁ ବିଦ୍ୟାଳୟରେ ଶିକ୍ଷକଙ୍କ କୃତ୍ରିମ ଅନୁପସ୍ଥିତି, ପ୍ରଶାସନିକ ଅବହେଳା, ଗୋଟିଏ ପଟେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ବିଶେଷ କର୍ମଚାରୀ ନିଯୁକ୍ତ ନଥିବା ଏବଂ ଅନ୍ୟ ପଟେ ସୀମିତ ଶିକ୍ଷକଙ୍କ ଉପରେ ନିର୍ଭରଶୀଳତା ଯୋଗୁଁ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଅନିୟମିତତା, ନିରୀକ୍ଷଣ ବ୍ୟବସ୍ଥାର ଦୁର୍ବଳତା ପରି ଗୁରୁତର ସମସ୍ୟା ସାମ୍ନାକୁ ଆସିଥିଲା। ଏହା କେବଳ ଗୋଟିଏ ବିଦ୍ୟାଳୟର ସମସ୍ୟା ନୁହେଁ, ବରଂ ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ଶିକ୍ଷା ପରିଚାଳନାରେ ଥିବା ଗଠନାତ୍ମକ ତ୍ରୁଟିର ଏକ ଉଦାହରଣ ଭାବେ ଦେଖାଯାଉଛି। ସଂକ୍ଷେପରେ, ସିମିଳିପଦର ଘଟଣା ଏକ ସତର୍କ ଘଣ୍ଟି ଭାବରେ ସ୍ପଷ୍ଟ କରିଛି ଯେ କେବଳ ନୂଆ ଯୋଜନା ଘୋଷଣା କଲେ ଶିକ୍ଷାର ମାନ ବଢ଼ିବ ନାହିଁ; ବରଂ ବିଶେଷ ଯୋଜନା ପାଇଁ ବିଶେଷ କର୍ମଚାରୀ ନିଯୁକ୍ତି, ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ସହ ଶିକ୍ଷକଙ୍କ ଉତ୍ତରଦାୟିତ୍ୱ, ସ୍ଥାନୀୟ ସମୁଦାୟର ଭାଗୀଦାରୀ, ନିୟମିତ ନିରୀକ୍ଷଣ ଏବଂ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସରକାରୀ ବିଦ୍ୟାଳୟ ଉପରେ ଲୋକଙ୍କ ବିଶ୍ୱାସ ପୁନଃସ୍ଥାପିତ ହୋଇପାରିବ।

ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସବୁଠୁ ବଡ଼ ସଙ୍କଟ ଶିକ୍ଷକ ଅଭାବ। ଯେଉଁକେତେକ ଶିକ୍ଷକ ଉପସ୍ଥିତ ରହୁଛନ୍ତି ସେମାନଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜନ କରାଯାଉଛି। ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକମାନେ ପାଠ ପଢ଼ାଇବା ବ୍ୟତୀତ ନିର୍ବାଚନ, ଜନଗଣନା, ବିଭିନ୍ନ ସର୍ଭେ, ମଧ୍ୟାହ୍ନ ଭୋଜନ ପରିଚାଳନା, ଛାତ୍ରବୃତ୍ତି ବଣ୍ଟନ, ଅନଲାଇନ୍ ତଥ୍ୟ ଅପଲୋଡ୍, ସ୍ୱାସ୍ଥ୍ୟ ଓ ଟିକାକରଣ କାର୍ଯ୍ୟକ୍ରମ, ପରୀକ୍ଷା ପରିଚାଳନା ଏବଂ ବିଭିନ୍ନ ସରକାରୀ ସଚେତନତା ଅଭିଯାନରେ ନିୟୋଜିତ ଥିବା ବେଳେ ଅନେକ ବିଦ୍ୟାଳୟରେ ଜଣେ ଜଣେ ସହକାରୀ ଶିକ୍ଷକଙ୍କ ଉପରେ ସମଗ୍ର ବିଦ୍ୟାଳୟର ଶିକ୍ଷା ଓ ପ୍ରଶାସନିକ ଦାୟିତ୍ୱ ଲଦିଦେବା ଏକ ନିର୍ମମ ପ୍ରତିଷ୍ଠାନଗତ ବିଫଳତା। ଶିକ୍ଷକମାନେ କିରାଣୀ, ଗଣନାକାରୀ କିମ୍ବା ଯୋଜନା ପରିଚାଳକ ନୁହନ୍ତି; ସେମାନେ ଦେଶର ଭବିଷ୍ୟତ ଗଢ଼ନ୍ତି।

ଓଡ଼ିଶା ବିଧାନସଭାରେ ସରକାର ନିଜେ ସ୍ୱୀକାର କରିଛନ୍ତି ଯେ ରାଜ୍ୟର ୪୧, ୪୦୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୭, ୦୦୦ରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୧, ୩୫, ୬୫୬ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀ ଥିବା ସତ୍ତ୍ୱେ ଏତେସଂଖ୍ୟକ ପଦବୀ ଖାଲି ପଡ଼ିବା ଶିକ୍ଷା ବ୍ୟବସ୍ଥାର ପ୍ରଶାସନିକ ବିଫଳତାକୁ ପ୍ରମାଣ କରେ।

ଭାରତୀୟ ସଂବିଧାନର ଅନୁଚ୍ଛେଦ ୨୧ (କ) ଅନୁସାରେ ୬ରୁ ୧୪ ବର୍ଷ ବୟସର ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଦେବା ରାଷ୍ଟ୍ରର ସାମ୍ବିଧାନିକ ଦାୟିତ୍ୱ। ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା, ପର୍ଯ୍ୟାପ୍ତ ଶିକ୍ଷକ, ଭଲ ପରିବେଶ ଓ ମୌଳିକ ସୁବିଧା ଦେବା ଆବଶ୍ୟକ। କିନ୍ତୁ ଅନେକ ସ୍କୁଲରେ ଆଜି ବି ଶୌଚାଳୟ ଓ ପାନୀୟ ଜଳର ଅଭାବ, ଶ୍ରେଣୀକକ୍ଷ ଭଙ୍ଗାରୁଜା ଓ ଶିକ୍ଷକ ସଂଖ୍ୟା ଅତ୍ୟନ୍ତ କମ। ଅନେକ ପିଲା ପଞ୍ଚମ ଶ୍ରେଣୀକୁ ପହଞ୍ଚି ମଧ୍ୟ ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ଏହା ଶିକ୍ଷାର ପରିମାଣ ଓ ଗୁଣବତ୍ତା ମଧ୍ୟରେ ଥିବା ଗଭୀର ଅନ୍ତରକୁ ଦର୍ଶାଏ। ନୂତନ ଶିକ୍ଷା ନୀତି ୨୦୨୦ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଜୋର ଦେଇଥିଲେ ମଧ୍ୟ ବାସ୍ତବରେ ଗ୍ରାମାଞ୍ଚଳରେ ମୌଳିକ ଶିକ୍ଷା ଅବସ୍ଥା ଅତ୍ୟନ୍ତ ଦୁର୍ବଳ। ଶିକ୍ଷାର ଅଧିକାର କାଗଜରେ ରହିଛି, କିନ୍ତୁ ଗୁଣାତ୍ମକ ଶିକ୍ଷା ଆଜିବି ଗରିବ ପିଲାଙ୍କ ପାଇଁ ଏକ ସ୍ୱପ୍ନ।

ପିଏମ୍ ପୋଷଣ ଯୋଜନା ଅଧୀନରେ ପ୍ରାଥମିକ ସ୍ତରରେ ପ୍ରତି ଛାତ୍ର ପିଛା ଦୈନିକ ୧୧.୧୫ ଟଙ୍କା ଓ ଉଚ୍ଚ ପ୍ରାଥମିକ ସ୍ତରରେ ୧୪.୭୪ ଟଙ୍କା ଖର୍ଚ୍ଚ ନିର୍ଦ୍ଧାରଣ କରାଯାଇଛି। ସପ୍ତାହକୁ ତିନୋଟି ଅଣ୍ଡା ଓ ଲଡୁ ଦେବାକୁ ମଧ୍ୟ ସରକାର ଘୋଷଣା କରିଛନ୍ତି। କିନ୍ତୁ ଯେତେବେଳେ ତୃଣମୂଳ ସ୍ତରରେ ଲୁଣ ଭାତ ପରିବେଷଣ ହେଉଛି, ସେତେବେଳେ ଏହି ବଜେଟ ଓ ଘୋଷଣାଗୁଡ଼ିକ କେଉଁଠିନା କେଉଁଠି ତା'ର ସତ୍ତା ହାରାଇଦେଉଛି। ଓଡ଼ିଶାରେ ବିଦ୍ୟାଳୟ ସଂଖ୍ୟା ଓ ଛାତ୍ର ନାମଲେଖାରେ ହ୍ରାସ ଘଟିଥିବା ତଥ୍ୟ ଗ୍ରାମାଞ୍ଚଳରେ ସରକାରୀ ଶିକ୍ଷା ପ୍ରତି ଆସ୍ଥା କମିବାର ଏକ ଗୁରୁତର ସଙ୍କେତ। ସତ୍ୟ ହେଉଛି ଆଜି ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥାରେ 'ପ୍ରଚାର' ଶିକ୍ଷାଠାରୁ ବଡ଼ ହୋଇଯାଇଛି। ସ୍କୁଲର ରଙ୍ଗ ବଦଳାଯାଉଛି, ଗେଟ୍ ନିର୍ମାଣ ହେଉଛି, ସେଲଫି ପଏଣ୍ଟ ତିଆରି ହେଉଛି; କିନ୍ତୁ ଭିତରେ ଶିକ୍ଷକ ନାହାନ୍ତି। ସ୍ମାର୍ଟ କ୍ଲାସରୁମ ଘୋଷଣା ହେଉଛି; କିନ୍ତୁ ଅନେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ସ୍ଥିର ନୁହେଁ। ଡିଜିଟାଲ ଶିକ୍ଷାର ପ୍ରଚାର ହେଉଛି; କିନ୍ତୁ ଅନେକ ଛାତ୍ରଙ୍କ ପାଖରେ ସ୍ମାର୍ଟଫୋନ ନାହିଁ। ଏହା ହେଉଛି ନୀତିଗତ ବିରୋଧାଭାସ। ସହରର ଶିଶୁ ଡିଜିଟାଲ ଲ୍ୟାବରେ ପଢୁଥିବା ବେଳେ ଗ୍ରାମାଞ୍ଚଳର ଶିଶୁ ଆଜି ବି ଶିକ୍ଷକ ଅପେକ୍ଷାରେ ବସିରହିଛି। ଓଡ଼ିଶାର ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ପରିସ୍ଥିତି ଆହୁରି ଦୟନୀୟ। କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ପରି ଜିଲ୍ଲାରେ ଅନେକ ସ୍କୁଲ ଏବେବି ଏକକ ଶିକ୍ଷକରେ ଚାଲୁଛି। ଏହା କେବଳ ପ୍ରଶାସନିକ ତ୍ରୁଟି ନୁହେଁ; ଏହା ସାମାଜିକ ଅସମାନତାର ଏକ ନୂତନ ରୂପ।

ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଏକ ଗଠନାତ୍ମକ ସଂସ୍କାର ଆବଶ୍ୟକ। ପ୍ରଥମତଃ, ଶିକ୍ଷକମାନଙ୍କୁ ସମସ୍ତ ଅଣଶିକ୍ଷାଦାନ କାର୍ଯ୍ୟରୁ ସଂପୂର୍ଣ୍ଣ ମୁକ୍ତ କରି ଜନଗଣନା, ନିର୍ବାଚନ, ସର୍ଭେ, ଡାଟା ଏଣ୍ଟ୍ରି, ଯୋଜନା ନିରୀକ୍ଷଣ ଇତ୍ୟାଦି ପାଇଁ ଅଲଗା ପ୍ରଶାସନିକ କ୍ୟାଡର ଗଠନ ହେବା ଆବଶ୍ୟକ। ଦ୍ୱିତୀୟତଃ, ମଧ୍ୟାହ୍ନ ଭୋଜନ ଯୋଜନାର ନିରୀକ୍ଷଣ ପାଇଁ ସ୍ୱାଧୀନ ଓ ପେଶାଦାର ମନିଟରିଂ ବ୍ୟବସ୍ଥା ଗଠନ ସହ ପ୍ରତ୍ୟେକ ବ୍ଲକରେ ନିୟମିତ ଅକସ୍ମାତ ଯାଞ୍ଚ, ଖାଦ୍ୟର ଗୁଣବତ୍ତା ପରୀକ୍ଷା ଓ ସାମୁଦାୟିକ ନିରୀକ୍ଷଣ ଅନିବାର୍ଯ୍ୟ ହେବା ବାଞ୍ଛନୀୟ। ତୃତୀୟତଃ, କେବଳ ନିଯୁକ୍ତି ଘୋଷଣା ନକରି ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ସହ ଦୁର୍ଗମ ଅଞ୍ଚଳରେ ସ୍ଥାୟୀ ପୋଷ୍ଟିଂ ଓ ନିରୀକ୍ଷଣ ବ୍ୟବସ୍ଥା କଡ଼ାକଡି କରିବା ଆବଶ୍ୟକ। ଚତୁର୍ଥତଃ, ସରକାରୀ ସ୍କୁଲର ମୂଲ୍ୟାୟନ କେବଳ ଭବନର ରଙ୍ଗ କିମ୍ବା ଡିଜିଟାଲ ପୋର୍ଟାଲ ଆଧାରରେ ନୁହେଁ, ବରଂ ପିଲାମାନଙ୍କର ପ୍ରକୃତ ଶିକ୍ଷାଗତ କ୍ଷମତା, ପଢ଼ିବା ଦକ୍ଷତା, ଗଣିତ ଜ୍ଞାନ ଓ ଚିନ୍ତନଶକ୍ତି ଆଧାରରେ କରାଯିବା ଉଚିତ। ଲୋକେ ଦେଖୁଛନ୍ତି, ପିଲାମାନେ ଭୋଗୁଛନ୍ତି ଏବଂ ଭବିଷ୍ୟତ ଧୀରେ ଧୀରେ ଅନ୍ଧକାରକୁ ଠେଲି ହେଇଯାଉଛି।

ଏବେ ନିର୍ଣ୍ଣାୟକ ସମୟ ଉପନୀତ। ଶିକ୍ଷାକୁ ରାଜନୈତିକ ପ୍ରଚାରର ମାଧ୍ୟମ ନୁହେଁ, ରାଷ୍ଟ୍ର ଗଠନର ଆଧାର ଭାବେ ଦେଖାଯିବା ଦରକାର। ନଚେତ ଇତିହାସ କ୍ଷମା କରିବ ନାହିଁ। ଶିକ୍ଷା କେବଳ ମାଗଣା ହେଲେ ହେବ ନାହିଁ, ତାହା ଗୁଣାତ୍ମକ, ସୁଲଭ ଏବଂ ସର୍ବସମାବେଶୀ ହେବା ଜରୁରୀ। ଆଶା କରାଯାଏ, ପୂର୍ବ ସରକାର ଉପରେ ପ୍ରତ୍ୟେକ କଥାରେ ଦୋଷ ନ ଲଦି, ସରକାର ଶିକ୍ଷାର ଭିତ୍ତିଭୂମି ଓ ମାନବ ସମ୍ବଳ ସୁଦୃଢ଼ କରିବା ଦିଗରେ ସମାନ ଗୁରୁତ୍ୱ ଦେବେ।

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬୯

## ଯାନ୍ତ୍ରିକରଣରେ ହିଁ କୃଷିର ସମୃଦ୍ଧି

ଡ. ପ୍ରେରଣା ପ୍ରିୟଦର୍ଶିନୀ

ନିକଟ ଅତୀତରେ ଆମ ଦେଶ ପୃଥିବୀର ସର୍ବାଧିକ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ରର ମାନ୍ୟତା ପାଇଛି, ବହୁ ରାଷ୍ଟ୍ରକୁ ଚାଉଳ ରପ୍ତାନି କରିଛି। କେବଳ ଚାଉଳ ନୁହେଁ ଗହମ, ପନିପରିବା, ଫଳ, ଦୁଗ୍ଧ, ମାଛ, ଅଣ୍ଡା ଉତ୍ପାଦନରେ ଉତ୍କର୍ଷ ପ୍ରତିପାଦନ କରିଛି। ଖାଦ୍ୟ ଶସ୍ୟ ଉତ୍ପାଦନରେ ଏକଦା ନିର୍ଭରଶୀଳ ଭାରତକୁ ସ୍ୱାବଲମ୍ବୀ କରାଇବାରେ କୃଷି ଯାନ୍ତ୍ରିକରଣର କିଛି କମ୍ ଭୂମିକା ନାହିଁ। ନୂତନ ପ୍ରକାରର ଯନ୍ତ୍ରର ବ୍ୟବହାର ବିନା ଚିରନ୍ତନ କୃଷି, ଖାଦ୍ୟ ନିରାପତ୍ତା ଏକ ଦିବାସ୍ୱପ୍ନ କୁହାଯାଇପାରେ। ଅପରପକ୍ଷରେ ଭାରତୀୟ କୃଷିରେ ଯାନ୍ତ୍ରିକରଣର ପରିମାଣ ବିକଶିତ ରାଷ୍ଟ୍ରଙ୍କ ତୁଳନାରେ ବହୁତ କମ।

ସମ୍ପ୍ରତି ଭାରତୀୟ କୃଷି ଏକ ଦୋଛକିରେ ଛିଡ଼ା ହୋଇଛି। ଗୋଟିଏ ପାର୍ଶ୍ୱରେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଥିବା ବେଳେ କୃଷି କ୍ଷେତ୍ର ପ୍ରତି ବିମୁଖତା ଏହି କ୍ଷେତ୍ରରେ ବିନିଯୋଗ ଶ୍ରମ ଶକ୍ତିର ଆବଶ୍ୟକତା ପ୍ରତି ଏକ ସମସ୍ୟା ସୃଷ୍ଟି କରିଛି। ଭାରତୀୟ ଚାଷୀଙ୍କର ହାରାହାରି ଆୟୁଷ ପଚାଶ ବର୍ଷ। ଯୁବ ଚାଷୀ ଚାଷ କାମ ପ୍ରତି ବିମୁଖ। ସେମାନେ ଗାଁ ଛାଡ଼ି ସହରାଭିମୁଖୀ। ଅଣକୃଷି କାର୍ଯ୍ୟରେ ରୋଜଗାର ଅଧିକ, ଅପେକ୍ଷାକୃତ ନିଶ୍ଚିତ ଆୟ, ସାମାଜିକ ପ୍ରତିଷ୍ଠା ଏବଂ କମ କଷ୍ଟଦାୟୀ। ସେଥିପାଇଁ ଏବେ କୃଷି ସବୁଠାରୁ କଷ୍ଟଦାୟକ ଜୀବିକା ବୋଲି ଧାରଣା ସୃଷ୍ଟି ହୋଇଛି। ଏହି ପୃଷ୍ଠଭୂମିରେ ଯାନ୍ତ୍ରିକ କୃଷି ଆହୁରି ଅଧିକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଯାଇଛି।

ଫସଲ ଉତ୍ପାଦନର ବିଭିନ୍ନ ପର୍ଯ୍ୟାୟରେ ନିୟୋଜିତ ଶ୍ରମ ଶକ୍ତିର ଆବଶ୍ୟକତାକୁ ଏଡ଼ାଇବା ପାଇଁ ଯନ୍ତ୍ରର ବ୍ୟବହାର ଜରୁରୀ। ବହୁ କଷ୍ଟଦାୟୀ କାମରେ ମହିଳାମାନଙ୍କ ସମ୍ପୃକ୍ତି ପୁରୁଷମାନଙ୍କଠାରୁ ବହୁ ଆଗରେ। ଏକ ଗବେଷଣାରୁ ଜଣାଯାଏ ଯେ ଜଣେ ମହିଳା ଏକ ଏକର ଧାନ ରୋଇବା ପାଇଁ ଏକ ଲକ୍ଷରୁ ଅଧିକ ଥର ଅଣ୍ଟା ନୁଆଇଁ ଥାଏ। ସେହିପରି ଘାସ ବାଛିବା, ଧାନ କାଟିବା ଆଦି କଷ୍ଟଦାୟକ କାର୍ଯ୍ୟ ମହିଳାମାନେ ହିଁ କରିଥା'ନ୍ତି। ଅମଳ ପରବର୍ତ୍ତୀ ଯତ୍ନ ଓ ପରିଚାଳନାର ଦାୟିତ୍ୱ ତ ପ୍ରାୟ ମହିଳାମାନଙ୍କର। ସେବା ଓ ଶିଳ୍ପକୁ ପ୍ରାଧାନ୍ୟ ଦେଇ ଚାଲିଥିବା ଅର୍ଥନୀତି ଅନୁସାରେ ଏବେ ଚାଷ କାମରେ ମହିଳାଙ୍କ ସମ୍ପୃକ୍ତି ଦିନକୁ ଦିନ ବଢ଼ି ଚାଲିଛି। ବିଭିନ୍ନ ସାମାଜିକ ବର୍ଗୀକରଣ ଅନୁସାରେ ସ୍ୱଳ୍ପ ଆୟକାରୀ ଗୋଷ୍ଠୀ, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗମାନଙ୍କ ଦାୟିତ୍ୱ ଆହୁରି ଅଧିକ। ତେଣୁ କୃଷିକ୍ଷେତ୍ରରେ ଯନ୍ତ୍ର ବ୍ୟବହାର ନ ହେବାର ଅଧିକ କଷ୍ଟ ଏହି ଶ୍ରେଣୀର ଲୋକମାନେ ହିଁ ପାଉଛନ୍ତି।

ଯନ୍ତ୍ରର ବ୍ୟବହାର ନ ହେଲେ କୃଷି କାର୍ଯ୍ୟ ଧିମେଇ ଯାଏ। ଚାରା ପକେଇବାଠାରୁ ଆରମ୍ଭ କରି ଅମଳ କରିବା କ୍ଷେତ୍ରରେ ସବୁଠି ଯନ୍ତ୍ର ବ୍ୟବହାର ନ ହେଲେ କେବଳ ଯେ କାମ ଅଧିକ ସମୟ ନିଏ ତାହା ନୁହେଁ, ଖର୍ଚ୍ଚ ଅଧିକ ହୁଏ ଏବଂ ଅମଳ ପରବର୍ତ୍ତୀ ନଷ୍ଟ ମଧ୍ୟ ଅଧିକ ହୁଏ। ଫସଲ କୃଷି ଏକ ଜଳବାୟୁ ସମ୍ବେଦନଶୀଳ ଜୀବିକା। ଆଜିକାଲିର ଜଳବାୟୁ ଅବସ୍ଥା ଯେମିତି ହେଲାଣି ସେଥିରେ ଯନ୍ତ୍ରର ବ୍ୟବହାରକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଏକକାଳୀନ ବର୍ଷା, ତା'ପରେ ସ୍ୱଳ୍ପ ବୃଷ୍ଟି, ଏମିତି ଅବସ୍ଥାରେ ଆବଶ୍ୟକୀୟ ମାନବ ସମ୍ବଳର ଅଭାବକୁ କେବଳ ଧାନ ରୁଆ ଯନ୍ତ୍ର, ଅମଳ କରିବା ଯନ୍ତ୍ର, ଉଡ଼େଇବା ଯନ୍ତ୍ର, ପ୍ୟାକିଂ କରାଇବା ଯନ୍ତ୍ର ଆଦି ପୂରଣ କରିପାରିବ। ଯନ୍ତ୍ରର ସମୟ ଅନୁସାରେ ବ୍ୟବହାର କୃଷିକ୍ଷେତ୍ରରେ ଅମଳ ବଢ଼ାଇବାକୁ ଉପଯୋଗୀ ସାବ୍ୟସ୍ତ ହୋଇପାରିବ।

ଯାନ୍ତ୍ରିକ କୃଷିର ମୁଖ୍ୟ ସମସ୍ୟାଟି ହେଉଛି ଭାରତୀୟ କୃଷକମାନଙ୍କ ମଧ୍ୟରୁ ଛୟାଅଶୀ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର। ଓଡ଼ିଶାରେ ସେମାନଙ୍କ ସଂଖ୍ୟା ତେୟାନବେ ପ୍ରତିଶତ। ଛୋଟ ଛୋଟ, ଉଚ୍ଚାନୀଚା ଭୂମିରୂପ ଥିବା ଜମିରେ ବଡ଼ ବଡ଼ ଯନ୍ତ୍ରରେ କୃଷି କାର୍ଯ୍ୟ କରାଇବା ଖର୍ଚ୍ଚବହୁଳ ଓ ପ୍ରଯୁଜ୍ୟ ନୁହେଁ। ଏହା ହିଁ ଆମ ଓଡ଼ିଶା ପରି ରାଜ୍ୟରେ କୃଷି ଯାନ୍ତ୍ରିକରଣରେ ମୁଖ୍ୟ ସମସ୍ୟା। କୃଷିକ୍ଷେତ୍ରରେ ନିୟୋଜିତ ବିଭିନ୍ନ ଯାନ୍ତ୍ରିକ ଉପକରଣର ବିକ୍ରୟମୂଲ୍ୟ ଓ ଭଡ଼ା ମଧ୍ୟ କମ ନୁହେଁ। ଏହି ପରିପ୍ରେକ୍ଷୀରେ ଆମ ସରକାର ଗାଁ ମାନଙ୍କରେ କଷ୍ଟମ ହାୟାରିଂ ସେଣ୍ଟର କରାଇ ବା କୃଷକ ଉତ୍ପାଦକ ସଂଘ ମାଧ୍ୟମରେ ଯନ୍ତ୍ର ରଖି ତା'ର ବ୍ୟବହାରିତାକୁ ଆଦୃତ କରାଇବାକୁ ଚେଷ୍ଟା କରୁଛନ୍ତି। କୃଷି ଯାନ୍ତ୍ରିକରଣରେ କୃଷକମାନଙ୍କୁ ରିହାତି ପ୍ରଦାନ କରିବାରେ ଓଡ଼ିଶା ଆଗୁଆ। କୃଷକମାନଙ୍କୁ କଷ୍ଟମ ହାୟାରିଂ ସେଣ୍ଟରର ପ୍ରତିଷ୍ଠା କରାଇବାରେ ସହଯୋଗ କରିବା, ରିହାତି ଯୋଗାଇବା, ଆବଶ୍ୟକ ପ୍ରଶିକ୍ଷଣ ଦେବା ପାଇଁ ସରକାରଙ୍କର କୃଷି ଯାନ୍ତ୍ରିକରଣ ବିଭାଗ କାମ କରୁଛି। 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ମଧ୍ୟ ଏହା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି। ଯାହାର ଫଳସ୍ୱରୂପ ଏବେ ପ୍ରତ୍ୟେକ ଗ୍ରାମରେ ଟ୍ରାକ୍ଟର, ପାୱାର ଟିଲର, ଅମଳ ଯନ୍ତ୍ର ପରି ବଡ଼ ଯନ୍ତ୍ର ସହ ବହୁ ଛୋଟ ଛୋଟ ଯନ୍ତ୍ର ରହୁଛି। ଏବେ ମଞ୍ଜି ବୁଣା ଯନ୍ତ୍ର, ଘାସ ବଛା ଯନ୍ତ୍ର, ପାଛୁଡ଼ିବା ଯନ୍ତ୍ର, ବର୍ଗୀକରଣ ଯନ୍ତ୍ର ମିଳିଲାଣି। ଏହାବ୍ୟତୀତ ସରକାର ସୌର ଶକ୍ତି ବିନିଯୋଗୀ ଯନ୍ତ୍ରକୁ ପ୍ରୋତ୍ସାହିତ କଲେଣି।

ସରକାର ଜଳ ଦ୍ରବୀଭୂତ ଚାରା ଓ ଔଷଧ ସିଞ୍ଚନ ପାଇଁ ଡ୍ରୋନ୍ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ 'ଡ୍ରୋନ ଦିଦି' ଯୋଜନା ଆରମ୍ଭ କରିଛନ୍ତି। ଏହା ସମୟ ଓ ସମ୍ବଳର ଉଚିତ ବିନିଯୋଗ। ଡିଜିଟାଲ କୃଷି, ସେନ୍ସର ଲଗାଇ ଜଳସେଚନ, ରୋବଟ ମାଧ୍ୟମରେ କଷ୍ଟ କାମ ସାଧନ, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗରେ ଅନୁପ୍ରାଣିତ କୃଷି ଭବିଷ୍ୟତର କୃଷିକୁ ଆହୁରି ଯନ୍ତ୍ରାଭିମୁଖୀ, ସହଜ ଓ ସରଳ କରିବ। ଏହା ବିକଶିତ ଭାରତ ୨୦୪୭ ଯୋଜନା ପାଇଁ ବେଶ ଫଳପ୍ରଦ ହେବ।

(ସହକାରୀ କୃଷି ଯନ୍ତ୍ରୀ, ଜଳଛାୟା ବିଭାଗ)
ଖୋର୍ଦ୍ଧା, ମୋ: ୬୩୭୦୨୪୫୬୨୬

## ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନଲୀଳା

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଚନ୍ଦନ ସୁବୁଦ୍ଧି

*(ପୂର୍ବପ୍ରକାଶିତ ଉତ୍ତାରୁ...)*

ମନ୍ଦିର ଲୁଣ୍ଠନ କରି ସେ ଓଡ଼ିଆମାନଙ୍କ ହୃଦୟର କୋମଳ ତନ୍ତ୍ରୀକୁ ଖିନ୍ ଭିନ କରି ଛିଡ଼େଇବା ପାଇଁ ମୁହାଁଇ ଥିଲା ଚିଲିକାର ହାତୀପଡ଼ା ଆଡ଼େ। କେଉଁଠାରୁ ଖବର ପାଇ ସେ ସନ୍ଧାନ କରିଥିଲା ଦାରୁବ୍ରହ୍ମଙ୍କ ପାତାଳି ସ୍ଥାନ। ମାଟି ତଳୁ ଦିଅଁଙ୍କୁ ବାହାର କରି ହାତୀପିଠିରେ ଚମଡ଼ା ଦଉଡ଼ିରେ ବାନ୍ଧି ବୋହିନେଲା ଧାନ ଓଳିଆ ପରି। ପ୍ରତିବାଦ-ପ୍ରତିରୋଧ-ଶୂନ୍ୟ ଜନତା ଦେଖୁଥିଲେ ନିଜ କଳାଶ୍ରୀମୁଖଙ୍କୁ ଶେଷଥର ପାଇଁ। ଏହାପରେ ସେ ବୋହିନେଲା ଦିଅଁମାନଙ୍କୁ ଗଙ୍ଗାନଦୀକୂଳକୁ। ସେଠାରେ ଅଗ୍ନିରେ ଦାହ କଲା ଚତୁର୍ଦ୍ଧାମୂର୍ତ୍ତିଙ୍କୁ। ପୋଡ଼ି ନପାରି ଶେଷରେ ଫିଙ୍ଗିଦେଲା ଗଙ୍ଗାନଦୀ ଭିତରକୁ। କିଏ ବା ତାଙ୍କ ଅସ୍ତିତ୍ୱକୁ ଲିଭେଇ ପାରିଲାଣି? ଅଗ୍ନି ତାଙ୍କୁ ଦଗ୍ଧ କରିପାରେନା, ଜଳ ତାଙ୍କୁ ନିମଜ୍ଜିତ କରିପାରେନା, ସେ ନିଗୃହିତ ଓଡ଼ିଆର ଅପରାଜେୟ ଆତ୍ମା।...

...ନିଖିଳ ବିଶ୍ୱର ଅକ୍ଷୟ ଅବ୍ୟୟ ଆତ୍ମା ଜଗନ୍ନାଥ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ପଡ଼ି ରହିଲେ ଜାଳେଣି କାଠ ସଦୃଶ। ଏସବୁ ଦୃଶ୍ୟର ଏକମାତ୍ର ସାକ୍ଷୀ ଭାବେ ମହାପ୍ରଭୁଙ୍କ ପରମ ଭକ୍ତ ବିଶର ମହାନ୍ତି ଉଦ୍ଧାର କଲେ ବ୍ରହ୍ମଙ୍କୁ। ଅନୁରୋଧ କରି ମୃଦଙ୍ଗ ତିଆରି ପାଇଁ ଅପୋଡ଼ା ବିଗ୍ରହଙ୍କୁ ମାଗିଆଣିଲେ ଉପରୋକ୍ତ ବ୍ୟକ୍ତିଙ୍କଠାରୁ। କୋଟି ଓଡ଼ିଆଙ୍କ ପ୍ରାଣଶକ୍ତିର ପ୍ରେରଣା ଜଗନ୍ନାଥ ଆଶ୍ରୟ ନେଲେ ମୃଦଙ୍ଗ ଭିତରେ। କୋଟି ଓଡ଼ିଆଙ୍କ ହୃଦୟ ସ୍ପନ୍ଦନକୁ ମୃଦଙ୍ଗରେ ଧରି ଗୋଟିଏ ମାଛ ଧରା ଡଙ୍ଗା ସାହାଯ୍ୟରେ ବିଶର ମହାନ୍ତି ପହଁଚିଥିଲେ କୁଜଙ୍ଗ ଗଡ଼ରେ। ମହାବାହୁଙ୍କୁ କୁଜଙ୍ଗ ଜାବୁଡ଼ି ଧରିଲା ଦୀର୍ଘ ୮ ବର୍ଷ ପର୍ଯ୍ୟନ୍ତ। ଦାରୁର କମନୀୟ କଳେବର ତ୍ୟାଗ କରି ମହାବାହୁ ଆପଣେଇଥିଲେ ମୃଦଙ୍ଗ ଅବତାର। ସତରେ କିଏ ବା ତାଙ୍କ କଳେବରର ବାଖ୍ୟା କରିପାରିବ! ଯଜୁର୍ବେଦ କହେ 'ନ ତସ୍ୟ ପ୍ରତିମା ଅସ୍ତି'। ବୋଧେ ମୃଦଙ୍ଗର କଳେବର ସେହି ଉକ୍ତିକୁ ସାର୍ଥକ କରିଥିଲା।...

...ଭୟଙ୍କର ରାତିର ଅବସାନ ଘଟି ଉତ୍କଳ ଆକାଶରେ ସେଦିନ ନୂତନ ଭାନୁଦୋୟ ହୋଇଥିଲା ଯେଉଁଦିନ ଉତ୍କଳର ଗଜପତି ଭାବେ ଭୋଇ ବଂଶ କେଶରୀ ପ୍ରଥମ ରାମଚନ୍ଦ୍ର ଦେବ ଗଜପତି ଆସନ ଅଳଙ୍କୃତ କଲେ। ସ୍ୱପ୍ନାଦେଶ ପାଇ ବ୍ରହ୍ମଙ୍କ ସନ୍ଧାନ କଲେ। ବହୁ ଆଡ଼ମ୍ବର ସହ ଖୋର୍ଦ୍ଧାର ଗୋପାଳ ମନ୍ଦିରରେ ବ୍ରହ୍ମଙ୍କୁ ବିଜେ କରାଇଲେ। ସେଠାରେ ମହାପ୍ରଭୁଙ୍କ ନବକଳେବର କରି ମହାପ୍ରଭୁଙ୍କୁ ଶ୍ରୀବସ୍ତ୍ରଖଣ୍ଡଶାଳରେ ପୁନଃପ୍ରତିଷ୍ଠା କଲେ। ଆଜି ବି ଉତ୍କଳୀୟ ଇତିହାସ ରାମଚନ୍ଦ୍ର ଦେବଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ସମ୍ବୋଧନ କରେ।



**ପୁରୁଷୋତ୍ତମ ଦେବ (ଦ୍ୱିତୀୟ):** ଦ୍ୱିତୀୟ ପୁରୁଷୋତ୍ତମ ଦେବଙ୍କ ଅଷ୍ଟମ ଅଙ୍କରେ ଖୁରୁମ (ମୋଗଲ ସୁବେଦାର) ଶ୍ରୀମନ୍ଦିର ଆକ୍ରମଣ ଯୋଜନା କଲା। ଖବର ପାଇ ଗଜପତି ପୁରୁଷୋତ୍ତମଦେବ ଦିଅଁମାନଙ୍କୁ ଚଉଦୋଳରେ ପୁରୀ ସନ୍ନିକଟ ବ୍ରହ୍ମଗିରି ଅଞ୍ଚଳର କପିଳେଶ୍ୱରପୁର ଶାସନ ଅନ୍ତର୍ଗତ ପଞ୍ଚମୁଖୀ ଗୋସାଣୀଙ୍କ ପୀଠରେ ଲୁଚେଇ ରଖିଲେ। କିଛିଦିନ ପରେ ଶ୍ରୀଜୀଉମାନେ ଫେରିଆସିଲେ। ଏହାଙ୍କ ୯ଅଙ୍କ (୧୬୦୭)ରେ ହାସୀମ ଖାଁ ଆକ୍ରମଣ କରିବାରୁ ଠାକୁରମାନଙ୍କୁ ପୁଣି ଖୋର୍ଦ୍ଧାର ଗୋପାଳ ମନ୍ଦିରକୁ ସ୍ଥାନାନ୍ତର କରାଯାଇଥିଲା। ପୁରୁଷୋତ୍ତମ ଦେବଙ୍କ ୧୨ଅଙ୍କ (୧୬୧୦) ରଥଯାତ୍ରା ସମୟରେ କେଶୋଦାସ ମାରୁ ଶ୍ରୀମନ୍ଦିର ଆକ୍ରମଣ କଲା। ସେସମୟରେ ପୁରୁଷୋତ୍ତମଦେବ ଶ୍ରୀକ୍ଷେତ୍ରରେ ନଥିଲେ। ଗଜପତିଙ୍କ ଅନୁପସ୍ଥିତି ତଥା ଶ୍ରୀମନ୍ଦିର ଖାଲି ଥିବା ଦେଖି ସେ ମନ୍ଦିର ଲୁଣ୍ଠନ କଲା। ପ୍ରାୟ ତିନି କୋଟି ଟଙ୍କାର ଅଳଙ୍କାର ଲୁଟିନେଲା। ଏହା ସହ ଆଉ ଏକ ବର୍ବର କାଣ୍ଡ ରଚିଲା। ହିନ୍ଦୁ ବିଦ୍ୱେଷ ନୀତି ରଖି ମହାପ୍ରଭୁଙ୍କ ତିନିରଥ ଜାଳିଦେଲା। ଦୀର୍ଘ ୮ ମାସ ଦିଅଁ ଦରବନ୍ଧାରେ ରହିଲେ। ଏହାପରେ ଶ୍ରୀମନ୍ଦିର ଚଉଦୋଳରେ ଫେରିଲେ। ପୁରୁଷୋତ୍ତମଦେବଙ୍କ ୧୭ଅଙ୍କରେ କଲ୍ୟାଣ ମଲ୍ଲ ଆକ୍ରମଣ କଲା। ଦିଅ ଚାପରେ ଯାଇ ଚିଲିକା ଗର୍ଭରେ ଥିବା ମହିଷାନାସି ଦ୍ୱୀପରେ ରହିଲେ। କଲ୍ୟାଣ ମଲ୍ଲ ପୁଣିଥରେ ଆକ୍ରମଣ କଲା। ଦିଅଁ ମହିଷାନାଶିରୁ ସିପିନାସି ହୋଇ ଗୁରୁବାଇ ଦ୍ୱୀପରେ ରହିଲେ। କିଛିଦିନ ଚାପରେ ରହିଲେ।

ପୁରୁଷୋତ୍ତମଦେବଙ୍କ ୨୧ଅଙ୍କରେ (୧୬୧୭) ମକରମ ଖାଁ ଶ୍ରୀକ୍ଷେତ୍ର ଆକ୍ରମଣ କଲା। ସାକ୍ଷୀଗୋପାଳ ମନ୍ଦିର ଭାଙ୍ଗିଲା। ସେବକମାନେ ମହାପ୍ରଭୁଙ୍କୁ ଗୁରୁବାଇ ଦ୍ୱୀପରୁ ନେଇ ବାଣପୁର ସୀମାରେ ଥିବା ଗବପଦର ଠାଇ ନଈରେ ଚାପ ଭିତରେ ଲୁଚେଇ ରଖିଲେ। ଷାଠିଏ ପଉଟି ଛପନ ଭୋଗୀ କାଳିଆ ସାଆନ୍ତେ ଚାପରେ ଶୀତଳ ଭୋଗ ଖାଇ ରହିଲେ। ପୁରୁଷୋତ୍ତମଦେବଙ୍କ ୨୩ଅଙ୍କରେ ମକରମ ଖାଁ କ୍ଷେତ୍ର ଛାଡ଼ି ଯିବାରୁ ଦିଅଁମାନେ ଦେଉଳକୁ ଫେରିଲେ। ପୁରୁଷୋତ୍ତମଦେବଙ୍କ ଶେଷ ସମୟ ଆଡ଼କୁ ତାଙ୍କ ୨୫ଅଙ୍କରେ ଅହମ୍ମଦ ବେଗ ଶ୍ରୀକ୍ଷେତ୍ର ଆକ୍ରମଣ କଲା। ରାଜା ପ୍ରତିରୋଧ ନ କରିପାରି ଖୋର୍ଦ୍ଧା ଛାଡି ଗଡ଼ମାଣିତ୍ରୀରେ ଆତ୍ମଗୋପନ କଲେ। ପୁଣିଥରେ ଗଜପତି ତଥା ଉତ୍କଳର ମାନ ରକ୍ଷା ପାଇଁ ମହାପ୍ରଭୁ ପୁରୋତ୍ତମ ଛାଡ଼ି ବାଣପୁର ଓ ରଣପୁର ସୀମାନ୍ତ ଅନ୍ଧାରି ଗଡ଼କୁ ବିଜେ କରିଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୮୫୩୪୫୪୯୩



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ‘ଦି ଲାନ୍‌ସେଟ୍’ରେ ସ୍ଥାନ ପାଇଲା କିଟ୍ ଗବେଷକଙ୍କ ନିବନ୍ଧ

ଭୁବନେଶ୍ୱର,୩।୭(ସମିସ): କିଟ୍ ଗବେଷକମାନଙ୍କ ଦ୍ୱାରା ଲିଖିତ ଏକ ନିବନ୍ଧ ‘ଦି ଲାନସେଟ୍’ରେ ପ୍ରକାଶିତ ହୋଇଛି। ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ସ୍ତନ କର୍କଟ ସ୍କ୍ରିନିଂ ମୂଲ୍ୟାଙ୍କନ କରିବା ସମୟରେ ବୟସ-ସମ୍ବନ୍ଧୀୟ ଟ୍ୟୁମର ଜୀବବିଜ୍ଞାନକୁ ବିଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଜୈବିକ ପାଥର୍କ୍ୟଗୁଡିକୁ ସାମିଲ କରିବା ଦ୍ୱାରା ଏଆଇ-ଆଧାରିତ ମାମୋଗ୍ରାଫି କାର୍ଯ୍ୟକ୍ରମଗୁଡିକର ମୂଲ୍ୟାଙ୍କନ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଏହା ଉପରେ ମତ ଦେଇ କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ନିର୍ଦ୍ଦେଶକ ଡ. ରମ୍ୟା ପିନ୍ନାମାନେନି, ଆସୋସିଏଟ୍ ପ୍ରଫେସର ଡ. ପ୍ରତାପ କୁମାର ଜେନା ଏବଂ ପିଏଚଡି ଗବେଷକ ସବ୍ୟସାଚୀ ଶୁକ୍ଲା କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାମୋଗ୍ରାଫି ଉପକରଣଗୁଡିକୁ କେବଳ ସେମାନଙ୍କର ବୈଷୟିକ କାର୍ଯ୍ୟଦକ୍ଷତା ଉପରେ ଆଧାର କରି ମୂଲ୍ୟାଙ୍କନ କରିବା ଉଚିତ୍ ନୁହେଁ, ବରଂ ସ୍ତନ କର୍କଟ ସ୍କ୍ରିନିଂର ପ୍ରଭାବଶାଳୀତା ସମ୍ପର୍କରେ ଅଧିକ ନିର୍ଭରଯୋଗ୍ୟ ପ୍ରମାଣ ପାଇଁ ବିଭିନ୍ନ ବୟସ ଗୋଷ୍ଠୀ ମଧ୍ୟରେ ଟ୍ୟୁମର ବୃଦ୍ଧିରେ ଥିବା ଜୈବିକ ପାଥର୍କ୍ୟକୁ ବିଚାର କରିବା ଆବଶ୍ୟକ। ସ୍ୱିଡେନରେ ହୋଇଥିବା ଏମ୍‌ଏଏସଏଆଇ ପରୀକ୍ଷଣ ନିଷ୍କର୍ଷ ଆଧାରରେ ସ୍ତନ କର୍କଟ ଚିହ୍ନଟରେ ଏଆଇର ପ୍ରଭାବ ମୂଲ୍ୟାଙ୍କନ କରୁଥିବା ବିଶ୍ୱର ସବର୍ବୃହତ ଅଧ୍ୟୟନ ମଧ୍ୟରୁ ଏହା ଅନ୍ୟତମ। ପରୀକ୍ଷଣରେ ଦର୍ଶାଯାଇଥିଲା ଯେ ଏଆଇ-ସହାୟତାପ୍ରାପ୍ତ ସ୍କ୍ରିନିଂ ଅଧିକ କର୍କଟ ଚିହ୍ନଟ କରିଛି ଏବଂ ରେଡିଓଲୋଜିଷ୍ଟମାନଙ୍କ ଦ୍ୱାରା ବ୍ୟବହୃତ ପାରମ୍ପରିକ ‘ଡବଲ-ରିଡିଂ’ ପଦ୍ଧତି ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ଡ. ପ୍ରତାପ ଜେନା ଉଲ୍ଲେଖ କରିଛନ୍ତି ଯେ ଏଆଇ ମୂଲ୍ୟାଙ୍କନ ଢାଞ୍ଚାରେ ଜୈବିକ କାରକଗୁଡିକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ପୂର୍ବାନୁମାନ ସଠିକତା ବୃଦ୍ଧି ପାଇପାରେ ଏବଂ ଏଆଇ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନରେ ତ୍ରୁଟି ହ୍ରାସ ପାଇପାରେ। ଏହାକୁ ଦୃଷ୍ଟିରେ ରଖି ଗବେଷକମାନେ ପରାମର୍ଶ ଦେଇଛନ୍ତି ଯେ ଏଆଇ -ସହାୟତାପ୍ରାପ୍ତ ମାମୋଗ୍ରାଫି ଉପରେ ଭବିଷ୍ୟତର ଅଧ୍ୟୟନରେ ଗାଣିତିକ ମଡେଲଗୁଡିକୁ ଅନ୍ତର୍ଭୁକ୍ତ କରିବା ଉଚିତ ଯାହା କର୍କଟ ପ୍ରଗତିରେ ବୟସ-ସମ୍ବନ୍ଧୀୟ ପରିବର୍ତ୍ତନ ଜଣାପଡିବ।

# ଡ. ଅଜିତ ଶାସନୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ନିଯୁକ୍ତ



ଭୁବନେଶ୍ୱର, ୩।୭ (ସମିସ): କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଡ. ଅଜିତ କୁମାର ଶାସନୀ ନିଯୁକ୍ତି ପାଇଛନ୍ତି। ସମ୍ପ୍ରତି ଡ. ଶାସନୀ ଲକ୍ଷ୍ନୌର ସିଏସ୍‌ଆଇଆର୍-ନ୍ୟାସନାଲ୍ ବୋଟାନିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏନ୍‌ବିଆର୍‌ଆଇ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ କାର୍ଯ୍ୟକାଳ ୫ ବର୍ଷ କିମ୍ବା ତାଙ୍କୁ ୭୦ ବର୍ଷ ବୟସ ହେଲା ପର୍ଯ୍ୟନ୍ତ ରହିବ। ଯେଉଁଟି ପ୍ରଥମେ ଆସିବ ତାହାକୁ ବିଚାରକୁ ନିଆଯିବ। ରାଷ୍ଟ୍ରପତି ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଏହି ନିଯୁକ୍ତି ପ୍ରଦାନ କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଭାବେ ଡ. ଶାସନୀ ସିଏସ୍‌ଆଇଆର୍-ଏନ୍‌ବିଆର୍‌ଆଇରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହା ପୂର୍ବରୁ ସେ ଆଇସିଏଆର୍-ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ପ୍ଲାଣ୍ଟ ବାୟୋଟେକ୍ନୋଲୋଜି, ନୂଆଦିଲ୍ଲୀର ନିର୍ଦ୍ଦେଶକ ଏବଂ ସିଏସ୍‌ଆଇଆର୍-ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିସିନାଲ୍ ଆଣ୍ଡ ଆରୋମେଟିକ୍ ପ୍ଲାଣ୍ଟସ୍, ଲକ୍ଷ୍ନୌର ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଛନ୍ତି। ଏସବୁ କ୍ଷେତ୍ରରେ ସେ ଅନେକ ସଫଳତା ହାସଲ କରିଥିବାବେଳେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହା ପ୍ରତିଫଳିତ ହେବ ବୋଲି ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷାବିତ୍‌ମାନେ ଆଶାବ୍ୟକ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

ପ୍ରଶଂସା କରି କହିଥିଲେ ଯେ ଓଡ଼ିଶାରେ ଶକ୍ତି କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ସହଯୋଗ ଓ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଶକ୍ତି ନୀତି ବେଶ୍ ପ୍ରଶଂସନୀୟ। ଜାପାନ ପାଇଁ ସବୁଜ ଶକ୍ତି (ଗ୍ରୀନ୍ ଏନର୍ଜି) କ୍ଷେତ୍ରରେ ବୃହତ ପୁଞ୍ଜିନିବେଶ କରିବା ନିମନ୍ତେ ଓଡ଼ିଶା ଏକ ସର୍ବୋତ୍ତମ ଏବଂ ସୁଦୃଢ଼ ମାଧ୍ୟମ ସାଜିଛି ବୋଲି ସେ କହିଥିଲେ। ଏସିଏମଇ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡିରେକ୍ଟର ମନୋଜ କୁମାର ଉପାଧ୍ୟାୟ ଓଡ଼ିଶାର ଶିଳ୍ପାନୁକୂଳ ପରିବେଶକୁ ପୁଞ୍ଜିନିବେଶର ଶ୍ରେଷ୍ଠ ଗନ୍ତବ୍ୟସ୍ଥଳ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଜାପାନୀ ପ୍ରତିନିଧିମଣ୍ଡଳ ସମେତ ଟି.ଆର୍.ଏଲ୍. କ୍ରୋସାକି, ଟି.ୱାଇ.କେ. କର୍ପୋରେସନ୍, ଇଣ୍ଡୋ ନିସିନ୍, ଏ.ସି.ଏମ୍.ଇ. ଗ୍ରୁପ୍, ଆଇ.ଏଚ୍.ଆଇ. କର୍ପୋରେସନ୍ ଓ ମିତ୍‌ସୁବିଶିର ପ୍ରତିନିଧିବୃନ୍ଦ ଏବଂ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତୀୟ ଅର୍ଥ ନିଗମ ଓ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇଥିଲେ।

### ବିଦ୍ରୋହୀଙ୍କ କବଜାରେ...

ଚୁକ୍ତିନାମା କରାଯାଇଛି। ଆଜିଠାରୁ ସେମାନେ ଏହି ବିଲଡିଂରୁ କାର୍ଯ୍ୟ କରିବେ।

ନିର୍ବାଚନ କମିସନ ନିକଟରେ ଟିଏମ୍‌ସିର ନାମ ଏବଂ ଚିହ୍ନ ଉପରେ ନିଜର ଦାବି ଉପସ୍ଥାପନ କରିଥିବା ବିଦ୍ରୋହୀ ଗୋଷ୍ଠୀ ଆଜି ଏଭଳି ଅଫିସ କବଜା କରି ଦଳ ଉପରେ ନିଜର ସାଂଗଠନିକ ଅଧିକାର ସାବ୍ୟସ୍ତ କରିବାକୁ ଚେଷ୍ଟା କରିଛନ୍ତି। ଅଫିସ ସମ୍ମୁଖରେ ସେମାନେ ଏକ ବ୍ୟାନର ଲଗାଇଛନ୍ତି, ଯେଉଁଥିରେ ଅରୁପ ରାୟଙ୍କୁ ଟିଏମ୍‌ସି ଅଧ୍ୟକ୍ଷ ଦର୍ଶାଯାଇଛି।

ସୂଚନାଯୋଗ୍ୟ ଯେ ଟିଏମ୍‌ସିର ମୁଖ୍ୟାଳୟ ଇଏମ୍ ବାଇପାସରେ ରହିଛି। ତେବେ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ୨୦୨୨ରୁ ଅଫିସକୁ ମେଟ୍ରୋପୋଲିଟାନ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଏକ ଭଡ଼ା ଘରେ ଅଫିସ କାମ ହେଉଛି ଏବଂ ଏହି ଅଫିସକୁ ବିଦ୍ରୋହୀ ଗୋଷ୍ଠୀ ଆଜି କବଜା କରିନେଇଛନ୍ତି।

### ୧୨ ଜିଲ୍ଲାରେ...

ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଲଘୁଚାପ ଆହୁରି ଘନୀଭୂତ ହେଉଥିବାରୁ ମୌସୁମୀ ସକ୍ରିୟ ରହିଛି। ଏହା ପ୍ରଭାବରେ ବର୍ଷାର ପ୍ରଭାବ ଅଧିକ ବଢ଼ିବା ନେଇ ମଧ୍ୟ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ସକାଳୁ ସନ୍ଧ୍ୟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଛତ୍ରପୁରରେ ସର୍ବାଧିକ ୮୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଗୋପାଳପୁରରେ ୬୭, ନୟାଗଡ଼ରେ ୫୩, ଖୋର୍ଦ୍ଧା ୪୫, ଜଗତସିଂହପୁର ୪୫, ବରଗଡ଼ ୫୪, କଟକ ୪୪.୪, ଚାନ୍ଦବାଲି ୩୧, କଟକ ୪୪ ଓ ଭୁବନେଶ୍ୱର ୨୮ ମିମି ବର୍ଷା ରେକର୍ଡ ହୋଇଛି। ପାଗକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦-୫୦ କିମି ବେଗରେ ପବନ ସହିତ ଝଡ଼ବର୍ଷା ହୋଇପାରେ ଏବଂ ପବନର ବେଗ ବଢ଼ି ଘଣ୍ଟା ପ୍ରତି ୬୦ କିଲୋମିଟର ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୪ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

### ସନ୍ଦେହ ଘେରରେ...

କେତେକ ସମ୍ପର୍କୀୟ ମଧ୍ୟ ସାମିଲ ଅଛନ୍ତି। ଚାକିରି କରାଇଦେବା ବଦଳରେ ସେ ମୋଟା ଅଙ୍କର କମିସନ ନେଉଥିବା ଜଣାପଡ଼ିଛି। ଟ୍ରଷ୍ଟି ହେବା ପରେ ତାଙ୍କ ସମ୍ପତ୍ତିରେ ମଧ୍ୟ ବେଆଇନ ବୃଦ୍ଧି ଘଟିଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସିସିଟିଭି କ୍ୟାମେରାରୁ ବଞ୍ଚିବା ପାଇଁ ଏମାନେ ସଂଘବଦ୍ଧ ଭାବେ ଟଙ୍କା ଲୁଚାଉଥିଲେ। ଅନିଲ ମିଶ୍ରଙ୍କ ସହ ନିବିଡ଼ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କିମ୍ବା ଯାଞ୍ଚ କରୁନଥିଲେ।

ଇତିମଧ୍ୟରେ ଟ୍ରଷ୍ଟର ଗତ ୫ ବର୍ଷର ଆକାଉଣ୍ଟର ପୁନଃ ଯାଞ୍ଚ କରିବ ଏସଆଇଟି। ପ୍ରାଥମିକ ତଦନ୍ତରୁ ବଡ଼ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପୁନଃଯାଞ୍ଚ ପ୍ରକ୍ରିୟାରେ ମନ୍ଦିର ନିର୍ମାଣ ସମ୍ପର୍କିତ ସମସ୍ତ ଖର୍ଚ୍ଚ ସହିତ ଦାନ ଆକାରରେ ମିଳିଥିବା ସୁନା, ରୁପା ଏବଂ ଅଳଙ୍କାରଗୁଡ଼ିକର ପୁଙ୍ଖାନୁପୁଙ୍ଖ ହିସାବ କରାଯିବ। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ଜୁଲାଇ ୬ ତାରିଖରେ ବସିବାକୁ ଥିବା ଟ୍ରଷ୍ଟ ବୈଠକରେ ଏହି ଇସ୍ତଫା ପତ୍ର ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ପୁଲିସ ଏପର୍ଯ୍ୟନ୍ତ ବିଭିନ୍ନ ଅଭିଯୁକ୍ତଙ୍କଠାରୁ ପ୍ରଚୁର ମାତ୍ରାରେ ଟଙ୍କା ଏବଂ ସାମଗ୍ରୀ ଓ ବିପୁଳ ପରିମାଣର ନଗଦ ଅର୍ଥ ସହ ବିଦେଶୀ ମୁଦ୍ରା ଜବତ କରିଛି। ଅବିନାଶ ଶୁକ୍ଲାଠାରୁ ୨୦.୩୯ ଲକ୍ଷ, କରୁଣେଶ ପାଣ୍ଡେଠାରୁ ୧୮.୦୭ ଲକ୍ଷ, ଅନୁକଳ୍ପ ମିଶ୍ରଠାରୁ ୧୬.୮୨ ଲକ୍ଷ ଏବଂ ଲବକୁଶ ମିଶ୍ରଠାରୁ ୧୪.୨୫ ଲକ୍ଷ ଟଙ୍କା ଜବତ ହୋଇଛି। ଏହା ସହିତ ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧, ୧୨୧ ଆମେରିକୀୟ ଡଲାର ମଧ୍ୟ ମିଳିଛି। ଏପରିକି ଅଭିଯୁକ୍ତ ରହୁଥିବା ସ୍ଥାନରୁ ଏକ ନକଲି ଦାନ ବାକ୍ସ ଏବଂ ଅନଲାଇନ୍ ପେମେଣ୍ଟ କରିବା ପାଇଁ ବାରକୋଡ୍ ମଧ୍ୟ ଜବତ କରାଯାଇଛି।

### ଦାନ ଚୋରି ‘ଅତ୍ୟନ୍ତ ଯନ୍ତ୍ରଣାଦାୟକ’: ଆରଏସ୍‌ଏସ୍

ରାମ ମନ୍ଦିରର ଦାନ ବାକ୍ସରୁ ଟଙ୍କା ଚୋରି ଓ ଆତ୍ମସାତ ଘଟଣାକୁ ନେଇ ଆରଏସ୍‌ଏସ୍ ପ୍ରଥମ ଥର ପାଇଁ ନିଜର ପ୍ରତିକ୍ରିୟା ପ୍ରକାଶ କରିଛି। ଆରଏସଏସର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସବାଲେ ଏହି ଘଟଣାକୁ ‘ଅତ୍ୟନ୍ତ ଦୁଃଖଦାୟକ ଓ କଷ୍ଟଦାୟକ’ ବୋଲି କହିବା ସହ ମନ୍ଦିର ପ୍ରଶାସନରେ ସ୍ୱଚ୍ଛତା ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ‘ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ’କୁ ଏହି ସମସ୍ୟାକୁ ଏକ ସ୍ୱତନ୍ତ୍ର ଏବଂ ଗମ୍ଭୀର ମାମଲା ଭାବେ ଗ୍ରହଣ କରିବାକୁ କୁହାଯାଇଛି। ମନ୍ଦିର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ସୁଧାରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବାକୁ ସଂଘ ଅପିଲ୍ କରିଛି, ଯାହାଦ୍ୱାରା କୋଟି କୋଟି ଭକ୍ତଙ୍କ ବିଶ୍ୱାସ ଅକ୍ଷୁର୍ଣ୍ଣ ରହିବ।

### ଅସ୍ମିତାକୁ ‘ପଖାଳ’...

ଯୋଶୀ, ଦେ, ହରିଦାଶ, ଶିରୱାଇକର, ଡ଼ଙ୍ଗରିକର ଆଦି ସାଙ୍ଗିଆ କୌଣସି ଓଡ଼ିଆଙ୍କର ହୋଇଥିବା ସମ୍ଭବତଃ କେହି ଜାଣି ନଥିବେ। ତେଣୁ ଏମାନେ ପଖାଳ ଦିବସରେ କ’ଣ କରୁଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଅନ୍ୟ ରାଜ୍ୟରୁ ସେଫ୍, ଫୁଡ୍ ବ୍ଲଗରମାନଙ୍କୁ ଓଡ଼ିଶା ଆଣିବା ପାଇଁ ବିମାନ ଟିକେଟ ବାବଦରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ବିଭିନ୍ନ ହୋଟେଲରେ ସେମାନଙ୍କ ଆଖି ଖୋସି ହେବା ପରି ରହଣି ବ୍ୟୟକୁ ପର୍ଯ୍ୟଟନ ବିଭାଗ ବହନ କଲା। ବିଭାଗୀୟ ସଚିବ ଏମାନଙ୍କୁ ନିମନ୍ତ୍ରଣ ଦାୟିତ୍ୱ ନେଇଥିବା କୁହାଯାଉଥିବାରୁ ଏମାନଙ୍କ ଦ୍ୱାରା ସାଧାରଣ ଓଡ଼ିଆ କି ପ୍ରକାର ଲାଭବାନ ହୋଇଛନ୍ତି, ତାହା ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1006, dated 30.06.2026, I, DEEPIKA MAJHI, Daughter of - Padman Majhi, permanent resident of Village - Udayapur, PO - Tentulikhunti, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from DEEPA MAJHI to DEEPIKA MAJHI. Henceforth, I shall be known as **DEEPIKA MAJHI** for all purposes.

**Sd/- Deepika Majhi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 999, dated 29.06.2026, I, SABITA CHANDAL, Daughter of - Laxminath Chandal, permanent resident of Village - Baragaon, PO - Bhatigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed my name from SABITA TANTI to SABITA CHANDAL. Henceforth, I shall be known as **SABITA CHANDAL** for all purposes.

**Sd/- Sabita Chandal**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1021, dated 02.07.2026, I, DIPANJALI XAXA, Daughter of - Binod Xaxa, permanent resident of Village - Bandadhipa, PO - Hutupani, PS - Talsara, Dist - Sundargarh, Odisha, Pin - 779074, declare that I have changed my name from MEERA XAXA to DIPANJALI XAXA. Henceforth, I shall be known as **DIPANJALI XAXA** for all purposes.

**Sd/- Dipanjali Xaxa**

**LOST**

I, Rankanath Sethy, S/o.: Late Sukadev Sethy, resident of At/PO: Andhari, Dist.: Jajpur presently residing At: Qtr No.: E-23/06, Upper Police Colony, Tulasipur, PS: Bidanasi, Dist.: Cuttack presently serving as ASI of Police in office of the Supdt. of Police, CID CB, Cuttack, on date 18.05.2026, at about 08.15PM, hereby inform that while I was in Marketing in Deulasahi Market area Sale Deed No.: 1050/2002/1 of office of Registrar, Raghunathpur which was received from the owner Mrs. Aruna Mohanty, W/o: Bijay Kumar Mohanty, Vill: Tendakuda, PS: Patakura, Dist.: Kendrapara after purchase of the land, lost somewhere in Deulasahi Area. With my best effort it couldn't yet traceable. If anyone found, please contact- 8249225877.

**LOST**

ମୁଁ ବବିତା ବିଶ୍ୱାଳ, ସ୍ୱାମୀ- ୰ରଶ୍ମିରଞ୍ଜନ ବିଶ୍ୱାଳ, ଗ୍ରାମ- କାଶୀପୁର, ପୋ- ସୁଜନପୁର, ଥାନା- ଯାଜପୁର ସଦର, ଜିଲ୍ଲା- ଯାଜପୁର, ମୋର ସବୁ କାଗଜପତ୍ର ଧରି ଜେରକ୍ସ ଦୋକାନକୁ ଗଲାବେଳେ ବାଟରେ ମୋର କରିଥିବା କବଲା ଭିତରୁ ଗୋଟିଏ କବଲା ଯାହାର ନଂ- **10801100899** ତା- **15/07/2011** ର ହଜିବା ତାରିଖ- **01/06/2026** ରେ । ଯଦି କେହି ସହୃଦୟ ବ୍ୟକ୍ତି ମୋର ଏହି କବଲା ପାଇବେ ଉକ୍ତ ମୋବାଇଲ ନଂ- **9777779257** ରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 693, dated 29.06.2026, I, DRAUPADI MAJHI, Daughter of - Kodi Majhi, permanent resident of Village - Chatrabar, PO - Papadahandi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from DURPUTA MAJHI to DRAUPADI MAJHI. Henceforth, I shall be known as **DRAUPADI MAJHI** for all purposes.

**Sd/- Draupadi Majhi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1016, dated 02.07.2026, I, KAMALI HARIJAN, Wife of- Kamalu Harijan, permanent resident of Village- Chamuriaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from RAMA HARIJAN to KAMALI HARIJAN. Henceforth, I shall be known as **KAMALI HARIJAN** for all purposes.

**Sd/- Kamali Harijan**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1002, dated 30-06-2026, I, TRILOCHAN BAGH, S/o - Brajamohan Bagh, permanent resident of Village - Chandahandi, Dist - Nabarangpur, PO - Saradhapur, PS - Chandahandi, Odisha, Pin - 764077, declare that I have changed the name of my Daughter from MAMATA BAGH to MOHINI BAG. Henceforth, she shall be known as **MOHINI BAG** for all purposes.

**Sd/- Trilochan Bagh**

**AFFIDAVIT**

By virtue of an affidavit sworn before the Executive Magistrate Jaleswar, Baleswar, Odisha vide Sl. no. 2986 dated 03/07/2026, I Sujay Kumar Patra, S/o- Ananta Patra, At. Jhadeswarpur, P.O./P.S. Jaleswar, Dist. Balasore, Odisha, declare that my father's name is recorded as "Ananta Patra" in my Aadhaar Card No. 826981397247. That in my BSE, Odisha Certificate (Roll No. 239CA0194), my father's name is recorded as "Ananta Kumar Patra". That "Ananta Patra" and "Ananta Kumar Patra" are one and the same person. Henceforth, he will be known as **Ananta patra** for all proposes.

**ହଜିଛି**

ମୁଁ ସନ୍ତୋଷ କୁମାର ଦାଶ, ପିତା: ହୃଷିକେଶ ଦାଶ, ବୟସ ୪୬ ବର୍ଷ, ବାସସ୍ଥାନ ପ୍ଲଟ୍ ନଂ.: ୧୭୦୮/୩୦୩୪/୩୩୩୯, ନହରକଣ୍ଠା, ଥାନା: ପାହାଳ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା ଏତଦ୍‌ଦ୍ୱାରା ମୁଁ ସର୍ବସାଧାରଣଙ୍କୁ ଜଣାଇ ଦେଉଛି କି, ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୦୮୧୩୦୮୬୬୬ ଏବଂ ଆଇଡି ନଂ.: ୧୦୮୧୩୦୮୯୯୩, ତାରିଖ: ୧୮.୦୫.୨୦୧୩ ଯାହାକି ଶ୍ରୀ ପ୍ରଶାନ୍ତ କୁମାର ନାୟକ, ପିତା: ସୁଧାକର ନାୟକ ଏବଂ ଶ୍ରୀ ବ୍ରଜ ବିହାରୀ ନାୟକ, ପିତା: ଭ୍ରମରବର ନାୟକ ସେମାନଙ୍କର ଆଟର୍ଣ୍ଣି ହୋଲ୍ଡର, ମେସର୍ସ ଓମଶ୍ରୀ ଇନଫ୍ରାଟେକ୍ ପ୍ରା. ଲିମିଟେଡ୍, ଏହାର ପରିଚାଳନା ନିର୍ଦ୍ଦେଶକ: ଶ୍ରୀ କେଶବ ଚନ୍ଦ୍ର ପ୍ରଧାନ, ପିତା: ୰ ଅନାଦି ଚରଣ ପ୍ରଧାନଙ୍କ ମାଧ୍ୟମରେ ଶ୍ରୀ ସର୍ବେଶ୍ୱର ରାଉତ, ପିତା: ଖଗେଶ୍ୱର ରାଉତଙ୍କ ସପକ୍ଷରେ ସମ୍ପାଦିତ ହୋଇଥିଲା। ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୧୦୮୧୫୦୦୫୧୦ ଏବଂ ଆଇଡି ନଂ.: ୧୦୮୧୫୦୦୦୪୫, ତାରିଖ: ୦୫.୦୧.୨୦୧୫ ଯାହାକି ଶ୍ରୀ ସର୍ବେଶ୍ୱର ରାଉତ, ପିତା: ଖଗେଶ୍ୱର ରାଉତଙ୍କ ମାଧ୍ୟମରେ ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ସପକ୍ଷରେ ସମ୍ପାଦିତ ହୋଇଥିଲା। ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ମ୍ୟୁଟେସନ ଆରଓଆରର ଜେରକ୍ସ କପି ଯାହାର ମୌଜା: ନହରକଣ୍ଠା, ଖାତା ନଂ.: ୬୦୯/୧୫୦୦, ପ୍ଲଟ୍ ନଂ.: ୧୭୦୮/୩୦୩୪/୩୩୩୯, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ମ୍ୟୁଟେସନ୍ କେସ୍ ନଂ.: ୬୬୪୧/୨୦୧୫। ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, ପିତା: ୰ ବୈଷ୍ଣବ ଚରଣ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ମ୍ୟୁଟେସନ ଆରଓଆରର ଜେରକ୍ସ କପି ଯାହାର ମୌଜା: ନହରକଣ୍ଠା, ଖାତା ନଂ.: ୬୦୯/୧୫୩୩, ପ୍ଲଟ୍ ନଂ.: ୧୭୦୯/୩୦୩୫/୩୪୦୧, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ମ୍ୟୁଟେସନ୍ କେସ୍ ନଂ.: ୮୪୧୪/୨୦୧୬। ଯଦି କୌଣସି ବ୍ୟକ୍ତି ଉପରୋକ୍ତ କଥିତ ଦଲିଲ୍ ପାଇଥାଆନ୍ତି ଦୟାକରି ଆଡଭୋକେଟ ମନୋଜ ନାୟକ, ମୋ.:୮୭୬୩୮୩୩୧୨୭ରେ ଯୋଗାଯୋଗ କରନ୍ତୁ।

**LOST**

I, Sri Bhubani Sahoo, aged about 54 years, S/o: Late Shyamasundar Sahoo, At: Badabarsingh, Po: Ragadipada, Ps: Badamba, Dist.: Cuttack do hereby solemnly affirms that I want to inform you that on 25.06.2026 while I was going on a Motor Cycle from my Residence at 10.30 am to Xerox Shop, At: Badamba Square, I lost my bag with Original R.O.R. bearing Khata No.: 74/47, Plot No.: 126/776, Ac. 0.27 Dec having Kissam: Gharabari in the name of Banambar Sahoo, S/o: Shyamsundar Sahoo & Khata No.: 74/15, Plot No.: 126/776, Ac. 0.27 dec of Mouza: Satagochhia in the name of Chandrasekhar Rout and Ramesh Rout, Sons of Dinabandhu Rout & Khata No.: 113/34, Plot No.: 302, Ac. 2.43 Dec. of Mouza: Kotapola in the name of Chandrasekhar Rout and Ramesh Rout, Sons of Dinabandhu Rout & Regd. Sale Deed No.: 1054, dtd. 28.04.1999 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout and Regd. Sale Deed No.: 691, dtd. 27.04.1994 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout and Regd. Sale Deed No.: 1666, dtd. 05.08.1992 executed by Pravakar Nanda in favour of Chandrasekhar Rout and Ramesh Rout, Sons of Dinabandhu Rout who are my vendor's vendor of Regd. Sale Deed bearing Doc No. 10422000389, dtd.28.08.2020, in between my residence to Badamba Square and I could not trace out the same after through search which is under the jurisdiction of Badamba Police Station.If anyone found, please contact on 9437320041.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1022, dated 02.07.2026, I, YASADA PUJARI, Daughter of - Sadasiba Nayak, permanent resident of Village - Silakaguda, PO - Mokiya, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from JASHODA NAYAK to YASADA PUJARI. Henceforth, I shall be known as **YASADA PUJARI** for all purposes.

**Sd/- Yasada Pujari**

**AFFIDAVIT**

By virtue of an affidavit sworn before 85, dated-03/11/25, I Sri Harihar Naik Address:-At-Purnachandrapur, Po-Bhairangisole,Ps- Morada, Mayurbhanj,Odisha, Pin-757018,Adhar Card no-913582560332 declare that I have changed my daughter's name from KIRN NAIK (old name) to KIRAN NAIK (new name) Henceforth, she shall be known as **KIRAN NAIK** (new name) for all future purposes.

**AFFIDAVIT**

By virtue of an affidavit sworn before the Notary Public, Kodinga, on Dated 25-06-2026, I, Mr. Laxman Pujari, S/O-Phaguna Pujari, Village/PO/PS-Kosagumuda, Dist. Nabarangpur, PIN-764061, Odisha, declare that I have changed the name of my Son from Himangshu Pujari to Himansu Sekhar Pujari. Henceforth, He shall be known as **Himansu Sekhar Pujari** for all purposes.

**Laxman Pujari**

**NOTICE FOR LOSS OF DOCUMENTS**

Notice is hereby given from Alok Kumar Patra that, he has applied for loan to LIC HFL. But at present, his one of the vendor namely Manjulata Behera has lost the Original Link Documents i.e. **Sale Deed No.: 7046, Dtd.: 18/08/1986** & Original Mutation ROR of Khata No.: 432/845 of Mouza: Dumuduma, which were kept with her and in-spite of her best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL At: Saheed Nagar, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication: LIC HFL, Saheed Nagar, Bhubaneswar, B. K. Pattanaik, Advocate, Mob. No. 9337395558**

**OFFICE OF THE GENERAL MANAGER, WATCO DIVISION-II, BHUBANESWAR,** 13001/1058/2627

Near Rajiv Bhawan, Unit-V, Bhubaneswar-751001, Odisha, India
**Telefax:** +91-674-2390322, **E-mail:** gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
Dtd. 02.07.2026

| | | |
|---|---|---|
| 01 | Nos of the work | 2 (Two) Nos |
| 02 | Estimate cost | Rs.18.58 lakhs & Rs.14.59 lakhs |
| 03 | Period of completion | 01 (One) Month |
| 04 | Class of contractor | D & C Class |
| 05 | Date & Time of availability of bid document in the portal | From **11.00 AM of Dt. 06.07.2026** to **5.00 PM of 20.07.2026** |
| 06 | Last date / time of receipt of bids in the portal | **5.00 PM of 20.07.2026** |
| 07 | Last date & time of seeking clarification | **5.00 PM of 10.07.2026** |
| 08 | Date & Time of opening of bids | **At 12.30 PM of 21.07.2026** |
| 09 | Name and Address of the Officer Inviting Bid | **General Manager, WATCO Division-II, BBSR** |

Further details can be seen from the e-Procurement portal: https://www.tendersorissa.gov.in/

**GENERAL MANAGER WATCO DIVISION-II, BHUBANESWAR**

OIPR-13001/13089/1/26-27/0004

**ZILLA SWASTHYA SAMITI, KANDHAMALA** 10001/331/2627
***(Under National Health Mission)***
Office of the CDM & PHO-cum-District Mission Director, NHM, Kandhamal, Odisha – 762001

**Advt. No.:** 6634 **Date:** 03/07/2026

**Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District**

Zilla Swasthya Samiti (ZSS), Kandhamala invites proposals as per the prescribed RFP documents from eligible bidders for Techno Managerial Services to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District. The detailed terms & conditions, eligibility and selection criteria may be downloaded from the district website https://kandhamal.odisha.gov.in. The interested bidders fulfilling the eligibility criteria may submit their proposals with paper cost, EMD and required documents as set forth in the RFP to the **CDM & PHO, Kandhamal, Phulbani, PIN–762001** through **Speed Post/Registered Post/Courier** on or before **30.07.2026 by 5:00 PM**. The envelope containing the proposal should be superscribed clearly as per the instructions mentioned in the RFP. The **Pre-Bid Discussion** will be held on **09.07.2026 at 11:00 AM**, and the **Technical Bid** will be opened on **31.07.2026 at 11:30 AM** in the office chamber of the **CDM & PHO, Kandhamala**. The undersigned reserves the right to reject any or all the proposals without assigning any reason thereof.

**Sd/- C.D.M. & P.H.O-cum-DMD, Kandhamala**

OIPR-10001/10015/1/26-27/0001

**Zilla Swasthya Samiti, Anugola** 10001/329/2627
**Office of the Chief District Medical & Public Health Officer cum District Mission Director, Anugola, 759122, Odisha**
**Mail ID:** dpmuang@ymail.com

**Walk-in-Interview for Recruitment of Medical Officer (Fulltime) and Empanelment of Part-Time Specialists**

**Advt. No.:** 1941 **Date:** 03/07/2026

Walk-in-interview for the post of **Medical Officer (Contractual)** in **UPHC Anugola** and empanelment of **Part-Time Specialists** (*O&G, Paediatrics, Medicine, Skin & VD, ENT, Eye, Psychiatric Specialist, Surgery Specialist, Nutritionist and Physiotherapist*) for **AMA Clinic** under **NUHM** for **UPHC Anugola & Talacher.** The above positions are purely temporary and also co-terminus with the scheme. The actual number of vacancies may differ at the time of engagement. Canvassing in any form will render the candidate disqualified for the position. Details of qualification, remuneration, job description, and application form can be downloaded from the district website: https://angul.odisha.gov.in.The interested candidates may attend the **Walk-in-Interview on 15.07.2026, 10:00 AM to 11:00 AM**. on the scheduled date registration. The candidates are requested to visit the district website regularl interval till completion of the recruitment process and the undersigned reserves the right to cancel any or all applications without assigning any reason or communication thereof.

**Sd/- CDM & PHO-cum-District Mission Director, Anugola**

OIPR-10001/10142/1/26-27/0010

**GOVERNMENT OF ODISHA** 26001/27/2627
**ST & SC DEVELOPMENT DEPARTMENT**
**OFFICE OF THE PROJECT ADMINISTRATOR,**
**INTEGRATED TRIBAL DEVELOPMENT AGENCY, JEYPORE**

**E-PROCUREMENT NOTICE**
**BID IDENTIFICATION No. PA ITDA (J)-01//2026-2027**
**No. 864 /2026. Dated, the 02 July, 2026.**

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | | |
|---|---|---|
| 01 | Name of the work | Civil Works as mentioned in DTCN |
| 02 | No. of Works | 37 (Thirty Seven) Numbers only |
| 03 | Estimated Cost | ₹16.00 Lakhs to ₹42.00 Lakhs |
| 04 | Period of completion | 03 (Three) to 06 (Six) Calendar Months |
| 05 | Date & Time of Bidding | From **07/07/2026 at 12.00 hours** to **16/07/2026 up to 17.00 hours** |
| 06 | Last date & time for receipt of bids in portal | **16/07/2026 up to 17.00 hours** |
| 07 | Offline Documents Received through Speed Post/Registered Post | **08/07/2026 at 10.00 hours** to **17/07/2026 up to 14.00 hours** (Working Days Only) |
| 08 | Bids received online shall be opened on | **17/07/2026 at 14.00 hours** |
| 09 | Bid Received offline documents shall be opened & Transparency Lottery Draw | **20/07/2026 at 10.30 AM onwards.** Offline Document Open and Transparency Lottery Draw. |
| 10 | Name and address of the officer inviting Bid | **Project Administrator, I.T.D.A., Jeypore** |

**Further details can be seen from the www.tendersodisha.gov.in.**

**Project Administrator, I.T.D.A., Jeypore**

OIPR-26001/26037/1/26-27/0001

32001/481/2627 Phone No. (0663)-2412791 E-mail : eemisbp@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
**'e' Procurement Notice**
Bid Reference No. SE MID SBP 10 / 2026-27
eemisbp@yahoo.co.in
No. 3004 // MID // Date: 01.07.2026

| | | |
|---|---|---|
| 1 | Name of the works | Civil construction works. |
| 2 | No. of Works | 10 (Ten) Nos |
| 3 | Estimated cost | Various from approximately **Rs.53.86 lakh to Rs.81.88 lakh** for 10 Nos of work (**Rs.662.00 lakh**) |
| 4 | Tender paper cost | Referred to DTCN |
| 5 | Period of completion | Referred to DTCN |
| 6 | Date and Time of availability of bid documents in the portal | From **dt.06.07.2026 at 11.00 AM** to **dt.15.07.2026 up to 5.30 PM** |
| 7 | Last date / time of receipt of bids in the portal | **Dt.15.07.2026 up to 5.30 PM** |
| 8 | Date of opening of Technical Bid (Cover-I) | **Dt.17.07.2026 at 11.00 AM onwards** |
| 9 | Name and address of the OIT | **Superintending Engineer, Minor Irrigation Division, Sambalpur.** |
| 10 | ****Further details can be seen from the e-Procurement market place http://tendersodisha.gov.in** | |

**Superintending Engineer M.I. Division, Sambalpur**

OIPR-32001/32036/1/26-27/0009

## ଅପହରଣ ଅଭିଯୋଗର ୪ ଘଣ୍ଟା ପରେ ଭୁବନେଶ୍ୱରରୁ ନାବାଳିକା ଉଦ୍ଧାର

ନିମାପଡ଼ା, ୩।୭ (ସମିସ): ନିମାପଡ଼ା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ଅପହରଣ ଅଭିଯୋଗର ଚାରି ଘଣ୍ଟା ଭିତରେ ପୁଲିସ ନାବାଳିକାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ନାବାଳିକାକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ ଅପହରଣକାରୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ସମରେନ୍ଦ୍ର ପାଇକରାୟ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଅଞ୍ଚଳ ର ଜଣେ ୧୫ ବର୍ଷୀୟା ନାବାଳିକା ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସାଇକେଲ ନେଇ ସ୍କୁଲ ନିକଟ ନିଜ ସାଙ୍ଗ ଘରକୁ ଗତ ୧ ତାରିଖ ବୁଧବାର ସକାଳ ୯ଟା ସମୟରେ ଆସିଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଓ ସଂପର୍କୀୟଙ୍କ ଘର, ନାବାଳିକାର ସାଙ୍ଗସାଥୀ ଘର ଖୋଜି ନ ପାଇବାରୁ ଗତ ୨ ତାରିଖ ସନ୍ଧ୍ୟା ସମୟରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଅପହରଣକାରୀ ଭୁବନେଶ୍ୱର ପାତ୍ରପଡ଼ାର ଫୋନ୍ ମାଧ୍ୟମରେ ନାବାଳିକାଙ୍କ ପରିବାରକୁ ଧମକ ଦେବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲା। ନାବାଳିକା ପରିବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ସମରେନ୍ଦ୍ର ପାଇକରାୟ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ବେଳେ ନାବାଳିକାକୁ ଅପହରଣକାରୀ ଅପହରଣ କରି ଭୁବନେଶ୍ୱର ପାତ୍ରପଡ଼ାରେ ରଖିଥିବା ଖବର ପାଇ ନିମାପଡ଼ା ଥାନା ପୋଲିସ ସେଠାରେ ଚଢ଼ଉ କରି ଚାରି ଘଣ୍ଟା ମଧ୍ୟରେ ନାବାଳିକାକୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି।

# ସମୁଦ୍ର ମାଡ଼ରେ ଘାଇଲା ୧୬ ଗାଁ






**ଆତଙ୍କରେ ସମୁଦ୍ର ଉପକୂଳବାସୀ**
**ସ୍ଥାୟୀ ସୁରକ୍ଷା ଦାବିରେ ଉଠିଲା ସ୍ୱର**
**ଆଉ କେତେ ଗାଁକୁ ଗିଳିବ ସମୁଦ୍ର?**
**ପାଳିବନ୍ଧ-ରାମଗଡ଼ରେ ବଢୁଛି ଆତଙ୍କ**
**ଗ୍ରାମବାସୀଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ**

ଛତ୍ରପୁର,୩।୭ (ସମିସ): ପୋଡମପେଟା ପରେ ଏବେ ଗଞ୍ଜାମ ଉପକୂଳର ଆଉ ୧୬ଟି ଗାଁ ଉପରେ ସମୁଦ୍ରର କରାଳ ଛାୟା ଘନେଇଛି। ଦିନକୁ ଦିନ ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡ଼ି ଆସୁଥିବା ବେଳେ କୂଳ କ୍ଷୟ ଅସ୍ୱାଭାବିକ ଗତିରେ ବଢୁଛି। ଭିଟାମାଟି, ଚାଷଜମି ଓ ଝାଉଁ ଜଙ୍ଗଲ ସମୁଦ୍ରରେ ଲୀନ ହେଉଥିବାରୁ ପାଳିବନ୍ଧ ଓ ରାମଗଡ଼ ପଞ୍ଚାୟତର ହଜାର ହଜାର ଲୋକ ଆତଙ୍କରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଜିଲ୍ଲାପାଳ ସ୍ଥାୟୀ ପଦକ୍ଷେପର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେହି ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳକୁ ଯିବା ରାସ୍ତା ଖୋଳି ପ୍ରବେଶ ନିଷେଧ କରାଯିବା ଘଟଣାକୁ ନେଇ ସ୍ଥାନୀୟଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ସ୍ଥାୟୀ ସମୁଦ୍ର ସୁରକ୍ଷା ବ୍ୟବସ୍ଥା ବିଳମ୍ବ ହେଲେ ପୋଡମପେଟା ପରି ଆଉ କିଛି ଗାଁ ମାନଚିତ୍ରରୁ ଲିଭିଯିବା ଆଶଙ୍କା ପ୍ରକାଶ ପାଇଛି। ଦୈନିକ ଜଳପତନ ବୃଦ୍ଧି ସାଙ୍ଗକୁ ଜଳବାୟୁର ପରିବର୍ତ୍ତନ ଯୋଗୁଁ ଏବେ ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡି ଆସୁଛି। ଫଳରେ ଏବେ ଦୈନିକ କୂଳ ଲଙ୍ଘିବା ଘଟଣା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାର ଉପକୂଳ ଦିନକୁ ଦିନ ସମୁଦ୍ର କୂଳ ଲଘୁଛି। ସମୁଦ୍ରର ଏହି କରାଳ ରୂପ ପାଇଁ ଗଞ୍ଜାମ ବ୍ଲକର ଦୁଇ ପଞ୍ଚାୟତର ୧୬ଖଣ୍ଡ ଗ୍ରାମବାସୀ ଭୟଭିତ ଅବସ୍ଥାରେ ରହିଛନ୍ତି। ପୋଡମପେଟାର ଗୋଟିଏ ପରେ ଗୋଟିଏ ଘର ସମୁଦ୍ରରେ ଲୀନ ହେବା ପରେ କୂଳ ଏବେ ଖାଇ ଖାଇ ଗୋଟିଏ ପରେ ଗୋଟେ ଗାଁକୁ ମାଡି ଚାଲିଛି। ଝାଉଁ ବଣ ସାଙ୍ଗକୁ ଜମି ଆସି ଜୀବନ ଜୀବିକା ବିପଦରେ ରହିଛି। ଏନେଇ ବାରମ୍ବାର ଖବର ପ୍ରସାରଣ ପରେ ଗ୍ରାମବାସୀଙ୍କୁ ଡାକି ସେମାନଙ୍କ ସହ ଆଲୋଚନା କରିବା ସହ ବିହିତ ପଦକ୍ଷେପ ନେବାପାଇଁ ଆଜି ଅପରାହ୍ନରେ ପ୍ରତିଶ୍ରୁତି ଦେଇଥିଲେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ। ସନ୍ଧ୍ୟାରେ ତରବର ହୋଇ ସେଠାକୁ ଯିବାକୁ ଥିବା ରାସ୍ତାକୁ ଖୋଳି ଅବରୋଧ କରିଦେଇଛି ଜିଲ୍ଲା ପ୍ରଶାସନ। ଆଉ ଏହାକୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ସମୁଦ୍ର କୂଳ ଲଙ୍ଘିବାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳ ବୈଠକ ଡାକି ପ୍ରଥମେ ପ୍ରତିଶ୍ରୁତି ଦେଲେ ଏବଂ ପରେ ସ୍ଥାୟୀ ସମାଧାନ କରିବା ପରିବର୍ତ୍ତେ ସେଠାକୁ ଯିବାକୁ ଥିବା ରାସ୍ତା ଖୋଳି ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କରି ଦିଆଯାଇଛି। ଫଳରେ ସମୁଦ୍ରର କୂଳ ଲଙ୍ଘିବା ଘଟଣାକୁ ଅଜ୍ଞାତରେ ଅଞ୍ଚଳ ବାସୀ ମାନେ ରହିବେ। ଆସୁଥିବା ବିପଦକୁ ଆଗରୁ ଜାଣିବା ପରିବର୍ତ୍ତେ ହଠାତ ବିପଦକୁ ଆମନ୍ତ୍ରଣ କରାଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଦିନକୁ ଦିନ ସମୁଦ୍ର ଗ୍ରାସୁଛି ଭିଟାମାଟି, ସମୁଦ୍ର ଏହି କରାଳ ରୂପ ଆଗରେ ହାର ମାନୁଛି ମଣିଷର ଅସ୍ତିତ୍ୱ। ଦିନକୁ ଦିନ ଉଚ୍ଚ ଜୁଆର ସାଙ୍ଗକୁ ଲଙ୍ଘୁଛି ସମୁଦ୍ର। ଦିନେ ଗ୍ରାମରୁ ଦୁଇ କିମି ଥିବା ବେଳେ ଏବେ ଗାଁ ମୁହଁରେ ସମୁଦ୍ର। ଏହି ସମୁଦ୍ର ଆଁରେ ଲୀନ ହୋଇଯିବ କି ୧୬ ଖଣ୍ଡ ଗାଁ। ଗଞ୍ଜାମ ବ୍ଲକର ପାଳିବନ୍ଧ ପଚାଂୟତର ୯ ଖଣ୍ଡ ଗ୍ରାମ ଓ ରାମଗଡ ପଚାଂୟତର ୭ଖଣ୍ଡ ଗ୍ରାମବାସୀ ଏବେ ଜୀବନ ଓ ଜୀବକ ପାଇଁ ସଂଘର୍ଷ। ପୂର୍ବରୁ ପାଳିବନ୍ଧ ପଚାଂୟତର ପୋଡମପେଟାର ୫ଶହ ଘର ଥିବା ବେଳେ ଆଉ ମାତ୍ର କିଛି ହାତ ଗଣତି ଘର ରହିଛି। ଏବେ ଗୋଟେ ପରେ ଗୋଟେ ସମୁଦ୍ର ଆଁରେ ଲୀନ ହୋଇଗଲାଣି। ଯଦି ସେଠାରେ ଜନବସତି ନାହିଁ ତଥାପି ଏବେ ସମୁଦ୍ର କୂଳ ଅନ୍ୟ ଗାଁ ଆଡକୁ ମୁହାଇବାରେ ଲାଗିଛି, କୂଳ ଖାଇ ଖାଇ ଯାଉଛି। ନିଜ ଆଖି ଆଗରେ ଭିଟାମାଟି ଉଜୁଡି ଯାଉଥିବା ଦେଖି ସ୍ଥାନୀୟ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି। ଗତ କିଛି ଦିନ ହେବ ସମୁଦ୍ର ଅସ୍ୱାଭାବିକ ଭାବେ ଉଚ୍ଚ ଜୁଆର ଗାଁ ମୁହାଁ ହେଉଛି । ଜୁଆର ପ୍ରଖର ସ୍ରୋତ ସିଧାସଳଖ ଗାଁ ମଧ୍ୟକୁ ମାଡି ଆସୁଛି। ଏନେଇ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେବେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତବାନୀ ଦେଇଛନ୍ତି। ଯେଉଁ ସମୁଦ୍ର ଦିନେ ଗାଁଠୁ ୨କିଲୋମିଟର ଦୂରରେ ଥିଲା ତାହା ଆଜି ଗାଁ ମୁହଁରେ। ଏପରିକି ପୋଡମପେଟା ହେଉଛି ଅଲିଭ ରିଡଲେ କଇଁଚଙ୍କ ଅଣ୍ଡାଦାନ ଏନ୍ତୁଡି ଶାଳ ରହିଥିଲା। ପ୍ରତିବର୍ଷ ୭ଲକ୍ଷ ଗଣ ଅଣ୍ଡାଦାନ ମଧ୍ୟ ହେଉଥିଲା। କିନ୍ତୁ ଚଳିତବର୍ଷ ଏଠି ଅଣ୍ଡାଦାନ ମଧ୍ୟ ହୋଇପାରିଲା ନାହିଁ । କୂଳ ନଷ୍ଟ ହେବା ସହ ସବୁ ଭାଙ୍ଗି ଚୁରମାର ହୋଇଗଲା । ଗ୍ରାମବାସୀଙ୍କ ଆନ୍ଦୋଳନ ଚେତବାନୀ ବାରମ୍ବାର ଖବର ପ୍ରସାରଣ ପରେ ଗଞ୍ଜାମ ଜିଲାପାଳ ଗ୍ରାମବାସୀଙ୍କୁ କାର୍ଯ୍ୟାଳୟକୁ ଡାକି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ୭ ରୁ ୮ ଖଣ୍ଡ ଗ୍ରାମର ଭଦ୍ରବ୍ୟକ୍ତି, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଜିଲ୍ଲାପାଳଙ୍କ ସହ ବହୁ ସମୟ ଧରି ଆଲୋଚନା ହୋଇଥିଲା । ଜିଲା ପ୍ରଶାସନ ପକ୍ଷରୁ ଏକ ଟିମ ସେଠାକୁ ଯାଇ ସ୍ଥିତି ପରଖିବା ସହ ଏକ ଡିପିଆର ପ୍ରସ୍ତୁତ କରିବେ ଏବଂ ତାହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ । ଗ୍ରାମବାସୀଙ୍କ ପକ୍ଷରୁ ତୁରନ୍ତ ପଥର ବନ୍ଧ ପକାଯିବାକୁ କହିଥିଲେ । ତୁରନ୍ତ ନକଲେ ଏବେ ବର୍ଷା ଲାଗି ରହିଛି ଗାଁ ଆଡକୁ ମାଡି ଆସିବ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ନନେବେ ଏହି ଆନ୍ଦୋଳନ ଉଗ୍ରରୂପ ନେବ ବୋଲି କୁହାଯାଇଛି । ଏପରିକି ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏହା ଉପରେ ଚିଠି ଲେଖିଛନ୍ତି । ତୁରନ୍ତ ବୈଷୟିକ ଟିମ ଆସି ସ୍ଥିତି ପରଖିବା ସହ ବିହିତ ପଦକ୍ଷେପ ନେବାକୁ ଚିଠିରେ ଉଲେଖ କରିଛନ୍ତି । ଅନ୍ୟ ପକ୍ଷରେ ୨୦୨୨ ଅଗଷ୍ଟ ୧୦ ରେ ରାଜ୍ୟସରକାର ଓ ଚେନ୍ନାଇର ଏନଆଇଓଟି ସହ ଏମଓୟୁ ହୋଇଥିଲା। ଏହି ଟିମ ବୈଷୟିକ ସହାୟତା ପ୍ରଦାନ କରିବ କିନ୍ତୁ ତାହା ଏପ୍ରର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । କେବଳ ଗଞ୍ଜାମ ବ୍ଲକର ପାଳିବନ୍ଧ ପଂଚାୟତ ସମୁଦ୍ର କୂଳ ଖାଉନି। ଛତ୍ରପୁର ବ୍ଲକର ଆର୍ଯ୍ୟପଲ୍ଲୀ ଅଂଚଳରେ ମଧ୍ୟ କୂଳ ଖାଉଛି। ବେଳ ଥାଉ ଥାଉ ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ ତେବେ ପୋଡମପେଟା ଭଳି ଆଉ କିଛି ଗାଁ ସମୁଦ୍ର ଆଁରେ ଲୀନ ହୋଇଯିବ। ଏପରିକି ମାନଚିତ୍ରରୁ କିଛି ଗାଁ ସବୁଦିନ ପାଇଁ ଲିଭିଯିବ।

**ପୀତବାସ ପଣ୍ଡା ହତ୍ୟା ମାମଲା**

## ଏସ୍‌ସିବି ପରିବର୍ତ୍ତେ ମଦନଙ୍କୁ ବ୍ରହ୍ମପୁର ଜେଲ୍‌କୁ ସ୍ଥାନାନ୍ତର ନିର୍ଦ୍ଦେଶ



**ବିନା ଅସ୍ତ୍ରୋପଚାରରେ ୩ ମାସ ହେଲା ଥିଲେ ମେଡିକାଲରେ**
**କଟକ ସ୍ଥାନାନ୍ତରକୁ ପ୍ରତିବାଦ କରିବା ହେଲା ବୁମେରାଂ**
**ନିଜ ରିସ୍କରେ ମେଡିକାଲରୁ ଜେଲକୁ ସ୍ଥାନାନ୍ତର ନିର୍ଦ୍ଦେଶ**

ବ୍ରହ୍ମପୁର, ୩।୭(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ଆଇନଜୀବୀ ମଦନ ଦଳେଇଙ୍କୁ ଏମକେସିଜି ମେଡିକାଲରୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଏନେଇ ଦାଖଲ ପିଟିସନ ଉପରେ ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଅଭିଯୁକ୍ତ ମଦନ ଦଳେଇଙ୍କ ଗୋଡ଼ରେ ଦୀର୍ଘ ବର୍ଷ ପୂର୍ବେ ହୋଇଥିବା ଅସ୍ତ୍ରୋପଚାରରେ ସମସ୍ୟା ଦେଖାଦେଇଥିଲା। ଯାହାକୁ ନେଇ ସେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏନେଇ ଆବେଦନ ପରେ କୋର୍ଟଙ୍କ ଅନୁମତି ଅନୁଯାୟୀ ଗତ ମାର୍ଚ୍ଚ ୧୪ତାରିଖରେ ମଦନଙ୍କୁ ଏମକେସିଜି ମେଡିକାଲର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା। ତେବେ ଦୀର୍ଘ ୩ ମାସ ପରେ ମଧ୍ୟ ବିଭିନ୍ନ କାରଣରୁ ମଦନଙ୍କ ଗୋଡ଼ରେ ଆବଶ୍ୟକ ଅସ୍ତ୍ରୋପଚାର ହୋଇପାରିଲା ନାହିଁ। ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସରଞ୍ଜାମ ନଥିବାରୁ ଏଠାରେ ହୋଇପାରିନଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଦନଙ୍କୁ ଗୁରୁବାର କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର ପାଇଁ ଯୋଜନା ହୋଇଥିଲା। ତେବେ ଦୀର୍ଘ ମାସ ଧରି ଏମକେସିଜିରେ ବିନା ଚିକିତ୍ସାରେ ରହିବା ପରେ ପୁଣି ଏସସିବିରେ କିଭଳି ଚିକିତ୍ସା ହେବ ତାକୁ ନେଇ ମଦନ ସନ୍ଦେହରେ ପଡ଼ିଥିଲେ। ତେବେ ଏଥିପାଇଁ ସେ ସେଠାରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କ ଜରିଆରେ ଚିକିତ୍ସା ହେବା ଓ ଏଥିପାଇଁ ସେଠାରେ ଆବଶ୍ୟକ ସରଞ୍ଜାମ ଉପଲବ୍ଧ ଅଛିକି ନାହିଁ ଲିଖିତ ଜାଣିବାକୁ ଚାହିଁ ଥିଲେ। ଏନେଇ ସେ ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଆବେଦନ କରିଥିଲେ। ମଦନଙ୍କ ପ୍ରତିବାଦ ପରେ ତାଙ୍କୁ ଗତକାଲି କଟକ ସ୍ଥାନାନ୍ତର ନେଇ ହୋଇଥିବା ଉଦ୍ୟମ ସ୍ଥଗିତ ରହିଥିଲା। ଯଦିଓ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇଥିଲା ପରେ ପୁଣି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦିନକ ପାଇଁ ପୁନଃ ଭର୍ତ୍ତି କରାଯାଇଥିଲା। ତେବେ ଆଜି ମଦନଙ୍କ ପକ୍ଷରୁ ଦାଖଲ ପିଟିସନକୁ କୋର୍ଟ ଖାରଜ କରିବା ସହିତ ତାଙ୍କର ଗୋଡ ସମସ୍ୟା ବ୍ୟତୀତ ଅନ୍ୟ ସମସ୍ୟା ନଥିଲେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା ପାଇଁ ସହମତି ପ୍ରକାଶ ନ କରିବାରୁ ନିଜ ରିସ୍କରେ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପିଟିସନର ଶୁଣାଣି ବେଳେ ମଦନଙ୍କ ପାଇଁ ଆଶ୍ରିତ ବେହେରା ଓ ରଂଜନ ନାହାକ ଏବଂ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ପ୍ରସାଦ ମିଶ୍ର ମକାଦମା ପରିଚାଳନା କରିଥିଲେ। ଆଜି ବିଳମ୍ବିତ ରାତି ହୋଇଥିବାରୁ ମଦନ ଦଳେଇଙ୍କୁ ମେଡିକାଲରୁ ଜେଲକୁ ସ୍ଥାନାନ୍ତର କରାଯାଇ ନ ଥିବା ବେଳେ ଶନିବାର ପୂର୍ବାହ୍ନରେ ତାଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ଜେଲକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ୬ରୁ ବୈତରଣୀ ସୁରକ୍ଷା ଅଭିଯାନ



**ଆନନ୍ଦପୁରରୁ ଲୋକଭବନ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ**
**ନଦୀ ହତ୍ୟା ନେଇ ରାସ୍ତାରେ ବ୍ୟାପକ ଜନସଚେତନତା ସୃଷ୍ଟି ଲକ୍ଷ୍ୟ**
**ବାଲି ଲୁଟ୍ ଓ ନଦୀ ସୁରକ୍ଷା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ**

ଆନନ୍ଦପୁର ୩।୭ (ସମିସ): ବୈତରଣୀ ନଦୀର ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ। ଫଳରେ ଏହାର ସୁରକ୍ଷା ପାଇଁ ଆସନ୍ତା ୬ ତାରିଖରୁ ପଦଯାତ୍ରା ଆରମ୍ଭ ହେବ। କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରୁ ଭୁବନେଶ୍ୱର ଲୋକଭବନ ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ। ୯ ତାରିଖ ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବ। ସେହିଦିନ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବୈତରଣୀ ସୁରକ୍ଷା ପାଇଁ ହସ୍ତକ୍ଷେପ ଦାବି କରିବେ ପ୍ରତିନିଧିମଣ୍ଡଳୀ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ଆଜି ଏହି ସୂଚନା ଦେଇଛନ୍ତି।

କେନ୍ଦୁଝର ଜିଲ୍ଲା ଗୋନାସିକାରୁ ପ୍ରବାହିତ ବୈତରଣୀ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମୃଦ୍ଧ କରିଛି। ବୈତରଣୀ ନଦୀ ହିଁ ସଭ୍ୟତାକୁ ରୁଦ୍ଧିମନ୍ତ କରିଛି। ତେବେ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀନାଳରୁ ବେଆଇନ ଭାବେ ପ୍ରତିଦିନ ବାଲି ଲୁଟ୍ ହେଉଛି। ଏହାର ପ୍ରଭାବ ନଦୀ ଉପରେ ପଡୁଛି। ବେଆଇନ ତଥା ବିନା ଲିଜରେ ଅବିଚାରିତ ଭାବେ ବାଲି ଉତ୍ତୋଳନ ଯୋଗୁଁ ନଦୀର ପ୍ରାକୃତିକ ଗତିପଥ ପରିବର୍ତ୍ତନ ହେଉଛି। ଫଳରେ ନଦୀକୂଳିଆ ଗାଁଲୋକେ ବର୍ଷାଦିନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମାଫିଆ-ପ୍ରଶାସନିକ କଳର କିଛି ବରିଷ୍ଠ ଅଧିକାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି ପଦଯାତ୍ରା ସମୟରେ ୬ ତାରିଖ ସନ୍ଧ୍ୟାରେ ପାଣିକୋଇଲି, ୭ ତାରିଖ ସନ୍ଧ୍ୟାରେ ଛତିଆ ଓ ୮ ତାରିଖ ସନ୍ଧ୍ୟାରେ ଫୁଲନଖରାଠାରେ ଏଲ୍‌ଇଡି ସ୍କ୍ରିନ ମଧ୍ୟରେ ନଦୀ ହତ୍ୟା ସମ୍ପର୍କିତ ସତ୍ୟ ଭିଡ଼ିଓ ପ୍ରଦର୍ଶିତ ହେବ ବୋଲି ଶ୍ରୀ ସାହୁ କହିଛନ୍ତି।

## ନର୍ଥ ଇଷ୍ଟ ଜୋନାଲ ବ୍ଲାଇଣ୍ଡ ଫୁଟବଲ: ମହିଳାଙ୍କୁ ସ୍ୱର୍ଣ୍ଣ, ପୁରୁଷଙ୍କୁ କାଂସ୍ୟ




ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶା ସରକାରଙ୍କ ଯୁବସେବା ବିଭାଗ ଓ ବୁଲ୍ସଆଇ ଓଡ଼ିଶାର ମିଳିତ ସହଯୋଗରେ ସ୍ଥାନୀୟ ୟୁନିଟ-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ୭ମ ପୁରୁଷ ଓ ୪ର୍ଥ ମହିଳା ନର୍ଥଇଷ୍ଟ ଜୋନାଲ ବ୍ଲାଇଣ୍ଡ ଫୁଟବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳକୁ ସ୍ୱର୍ଣ୍ଣ ଓ ପୁରୁଷ ଦଳକୁ କାଂସ୍ୟ ପଦକ ମିଳିଛି। ଏହି ପ୍ରତିଯୋଗିତାର ପୁରୁଷ ବିଭାଗରେ ୬ଟି ଓ ମହିଳା ବିଭାଗରେ ୩ଟି ଦଳ ଅଂଶଗ୍ରହଣ କରିଥିଲେ। ମହିଳା ଫାଇନାଲରେ ପଦ୍ମିନୀ ଟୁଡୁଙ୍କ ଗୋଲ ବଳରେ ଓଡ଼ିଶା ୧-୦ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ସେହିପରି ପୁରୁଷ ଫାଇନାଲରେ ନାଗାଲାଣ୍ଡକୁ ୩-୦ ଗୋଲରେ ହରାଇ ମେଘାଳୟ ଚାମ୍ପିଅନ ହୋଇଥିଲା। ସ୍ୱତନ୍ତ୍ର ସଚିବ ଅଶୋକ କୁମାର ପଣ୍ଡା ଓ ସାଂକସନ ଅଫିସର ତ୍ରିଲୋଚନ ମିଶ୍ର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପୂର୍ବତନ ମନ୍ତ୍ରୀ ଡ଼. ବଳଭଦ୍ର ମାଝୀଙ୍କ ପତ୍ନୀ ବିୟୋଗ



ଭବାନୀପାଟଣା/ଲାଞ୍ଜିଗଡ଼, ୩।୭ (ସମିସ): କଳାହାଣ୍ଡି ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀଙ୍କ ପତ୍ନୀ ଶ୍ରୀମତୀ ମାଝୀ (୫୭) ଙ୍କ ଗୁରୁବାର ବିଳମ୍ବିତ ରାତିରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡ଼ିକାଲରେ ପରଲୋକ ଘଟିଛି। ଦୀର୍ଘଦିନ ସେ ପକ୍ଷଘାତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ଶୁଣି ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ଶ୍ରୀମତୀ ମାଝୀ ଲାଞ୍ଜିଗଡ଼ ବ୍ଲକରେ ଗତ ୨୦୦୨ରୁ ୨୦୧୨ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷା ରହିଥିବାବେଳେ ୨୦୧୨ରୁ ୨୦୧୭ ଯାଏଁ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷା ରହିଥିଲେ। ବର୍ତ୍ତମାନ ସେ ଲାଞ୍ଜିଗଡ଼ ବ୍ଲକର କୁମଖାଲ ପଞ୍ଚାୟତର ସମିତି ସଭ୍ୟା ଭାବେ କାର୍ଯ୍ୟରତ ଥିଲେ। କଳାହାଣ୍ଡି ଜିଲ୍ଲା ତଥା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଜଣେ ଦକ୍ଷ ରାଜନେତ୍ରୀ ଭାବେ ସେ ଜଣାଶୁଣା ଥିଲେ। ତାଙ୍କ ପରଲୋକରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପିସିସି ସଭାପତି ଭକ୍ତଚରଣ ଦାସ, ବିଜେପି ଜିଲ୍ଲା ସଭାପତି ଯୁଗଳ ପୋଢ଼, ବିଜେଡି ନେତା ଦିବ୍ୟାଶଙ୍କର ମିଶ୍ର, ଆପ୍ ନେତା ସତ୍ୟ ମହାରଙ୍କ ସମେତ ଅନେକ ବରିଷ୍ଠ ରାଜନୈତିକ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଫକୀର ମାଝୀ ମୁଖାଗ୍ନି ଦେଇଥିଲେ।

## ଓଡ଼ିଶାରେ ଆୟୋଜିତ ହେବ 'ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'




**ଭିନ୍ନକ୍ଷମମାନଙ୍କ ସଫଳତାର କାହାଣୀ ଉପରେ ନିର୍ମିତ ଚଳଚ୍ଚିତ୍ର ପାଇଁ ଆହ୍ୱାନ**
**ଚଳିତ ୭ ତାରିଖ ସୁଦ୍ଧା ଆବେଦନ**

ଭୁବନେଶ୍ୱର,୩।୭(ସମିସ): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରେରଣାଦାୟକ ସଫଳତାର କାହାଣୀକୁ ଜାତୀୟ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଶାରେ ଆୟୋଜିତ ହେବ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ 'ସାମର୍ଥ୍ୟ-୨୦୨୬'। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍ସନ୍ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ପ୍ରତି ଚଳଚ୍ଚିତ୍ରର ଅବଧି ସର୍ବାଧିକ ୫ ମିନିଟ୍ ରହିବା ସହ ଚଳିତ ବର୍ଷର ବିଷୟ 'ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତାର କାହାଣୀ' ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟର ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ମିଡିଆ ଛାତ୍ରଛାତ୍ରୀ ଓ ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତାମାନେ ଅଂଶଗ୍ରହଣ କରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସଫଳତା, ସଂଘର୍ଷ ଓ ପ୍ରେରଣାଦାୟକ ଜୀବନ କାହାଣୀ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପଠାଇବାକୁ ଆହ୍ୱାନ ଦିଆଯାଇଛି। ଚଳଚ୍ଚିତ୍ରଟି ଜଣେ ସଫଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଜୀବନ କାହାଣୀ ଉପରେ ଆଧାରିତ ହୋଇଥିବା ବେଳେ ଅଡିଓ ଡିସ୍କ୍ରିପ୍ସନ୍, ସାଙ୍କେତିକ ଭାଷା ବ୍ୟାଖ୍ୟା ସହ ସବ୍‌ଟାଇଟଲ୍ କିମ୍ବା କୋଲାଜ୍ କ୍ୟାପ୍ସନ୍ ବାଧ୍ୟତାମୂଳକ କରାଯାଇଛି। ଆଗ୍ରହୀ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ଚଳିତ ମାସ ୭ ତାରିଖ ସୁଦ୍ଧ ନିଜର ଏଣ୍ଟ୍ରି ପଠାଇବା ସହ ଅଧିକ ସୂଚନା ପାଇଁ www.shortfilmfestodisha.in ୱେବ୍‌ସାଇଟ୍‌ରେ ପରିଦର୍ଶନ କରିପାରିବେ। ପ୍ରାପ୍ତ ଚଳଚ୍ଚିତ୍ରଗୁଡ଼ିକୁ ବିଶିଷ୍ଟ ଜୁରୀ ସଦସ୍ୟମାନେ ୮ ଜୁଲାଇରେ ମୂଲ୍ୟାୟନ କରି ୧୧ ଜୁଲାଇରେ ପୁରସ୍କାର ଘୋଷଣା କରାଯିବ। ମନୋନୀତ ଚଳଚ୍ଚିତ୍ରଗୁଡ଼ିକ ଉତ୍ସବରେ ପ୍ରଦର୍ଶିତ କରାଯିବା ସହ ଜାତୀୟ ଓ ଆଞ୍ଚଳିକ (ଓଡ଼ିଶା) ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ରକୁ ପୁରସ୍କୃତ କରାଯିବ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ସମ୍ମିଳନୀରେ ପ୍ରସିଦ୍ଧ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ଜୁରୀ ସଦସ୍ୟ ଓ ପ୍ୟାନେଲ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଆଗରେ ବିଷ ବୋତଲ ଧରି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ଜମା ଟଙ୍କା ଫେରସ୍ତ ଦାବିରେ ହାଇଡ୍ରାମା**



ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱରସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ମହିଳା ହାତରେ ବିଷ ବୋତଲ ଧରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ସହ ନ୍ୟାୟ ଦାବିରେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ବ୍ୟାଙ୍କ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଭୋଗରାଇ ବ୍ଲକର ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ ଖଡ଼ିକାବାଡ଼ି ଗ୍ରାମର ଗୋପାଳ ଜେନାଙ୍କ ସ୍ତ୍ରୀ ପଦ୍ମାବତୀ ଜେନା (୩୬) ପ୍ରାୟ ତିନି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଅଧୀନରେ ବ୍ୟବସାୟ କରିବା ପାଇଁ ଚନ୍ଦନେଶ୍ୱର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୭ ଲକ୍ଷ ୫୬ ହଜାର ଟଙ୍କା ଋଣ ମଞ୍ଜୁର ହୋଇଥିଲା। ତାଙ୍କ ଅଭିଯୋଗ ଅନୁସାରେ, ଋଣରୁ ମାତ୍ର ୪ ଲକ୍ଷ ୫୬ ହଜାର ଟଙ୍କା ତାଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୩ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ରଖିବାକୁ ସେତେବେଳର ଶାଖା ପରିଚାଳକ ବାଧ୍ୟ କରିଥିଲେ। ପଦ୍ମାବତୀଙ୍କ କହିବା ଅନୁଯାୟୀ, ସେ ନିୟମିତ ଭାବେ ଋଣ କିସ୍ତି ପରିଶୋଧ କରିଆସୁଥିଲେ ମଧ୍ୟ ଜମା ରଖିଥିବା ୩ ଲକ୍ଷ ଟଙ୍କା ଆଜି ପର୍ଯ୍ୟନ୍ତ ପାଇନାହାନ୍ତି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିବାରୁ ସେ ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଶାଖା ପରିଚାଳକ ତାଙ୍କ ଘରକୁ ଯାଇ ଚାରିଟି ବ୍ଲାଙ୍କ ଚେକ୍ ନେଇଥିଲେ। ଅଧିକ ଟ୍ରାଞ୍ଜାକ୍ସନ କଲେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁଣି ଋଣ ଦିଆଯିବ ବୋଲି ପ୍ରଲୋଭନ ଦେଇ ପରବର୍ତ୍ତୀ ସମୟରେ ତାଙ୍କୁ ହଇରାଣ କରାଯାଉଛି। ଦୀର୍ଘଦିନ ଧରି ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଶେଷରେ ଶୁକ୍ରବାର ସକାଳେ ସେ ବିଷ ବୋତଲ ଧରି ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ଶାଖା ପରିଚାଳକଙ୍କୁ ଅଟକାଇ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଘଟଣାସ୍ଥଳରେ ତାଳସାରୀ ସାମୁଦ୍ରିକ ଥାନା ପୁଲିସ ଓ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

### ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

# କଳାହାଣ୍ଡିରେ ବିଗୁଡୁଛି ସ୍ୱାସ୍ଥ୍ୟସେବା



**ଭବାନୀପାଟଣା, ୩।୭ (ସମିସ):** ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମସା)ର କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଫଳରେ ଜିଲ୍ଲା ସଦର ହସ୍ପିଟାଲ ସମେତ ଗ୍ରାମାଞ୍ଚଳରେ ରୋଗୀ ସେବା ପ୍ରଭାବିତ ହୋଇଛି। କଳାହାଣ୍ଡି ଜିଲ୍ଲାର ସମସ୍ତ ସରକାରୀ ଚିକିତ୍ସାଳୟରେ ଆୟୁଷ ଡାକ୍ତର ସାମୟିକ ରୂପେ ସ୍ୱାସ୍ଥ୍ୟସେବା ଯୋଗାଉଥିବା କୁହାଯାଉଥିଲେ ବି ଗୁରୁତର ରୋଗୀଙ୍କ କ୍ଷେତ୍ରରେ ସଠିକ୍ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ।

ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି, ସରକାର ଦାବି ଗୁଡ଼ିକ ପ୍ରତି ବିଚାର କରି ସକାରାତ୍ମକ ନିଷ୍ପତି ନେବା ଉଚିତ୍। ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଆନ୍ଦୋଳନ ଦାବି ପୂରଣ ନହେବା ଯାଏଁ ଚାଲୁ ରହିବବୋଲି ସୂଚନା ମିଳୁଛି। କଳାହାଣ୍ଡି ଜିଲ୍ଲାରେ ୬ ଶହ ଡାକ୍ତର ମଞ୍ଜୁରିପ୍ରାପ୍ତ ପଦବୀ ରହିଥିବାବେଳେ ଏବେ ମାତ୍ର ୨ ଶହ ଡାକ୍ତର ରହିଛନ୍ତି। କମ ସଂଖ୍ୟକ ଡାକ୍ତର ଯୋଗୁଁ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହୋଇଛି। ସରକାର ଆନ୍ଦୋଳନରୁ ଓହରିବାକୁ ନାନା ଧମକ ଏବଂ ଭୟ ଦେଖାଇ ସାରିଛନ୍ତି। ତଥାପି ସରକାର ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଆମେ ଆମର ନିଷ୍ପତ୍ତିରେ ଅଟଳ ରହିବୁବୋଲି ଆନ୍ଦୋଳନକାରୀ ଡାକ୍ତରଙ୍କ ତରଫରୁ ସ୍ପଷ୍ଟ ମତ ପ୍ରକାଶ ପାଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଭବାନୀପାଟଣା, ୩।୭ (ସମିସ):** ସରକାରୀ ପ୍ରାଥମିକ ବିଦ୍ୟାଳୟ ପରଦେଶୀପଡ଼ାଠାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମୁଦୁଲିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ, ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ଆଚାରୀ ଶବର, ବିଆର୍‌ସିସି ଜୟ ମାଝୀ, ପ୍ରକୃତି ବନ୍ଧୁ ମନୋଜ କୁମାର ପାଣିଗ୍ରାହୀ, ନିହାରିକା ମ୍ୟାଡାମ, ମହେନ୍ଦ୍ର ପଣ୍ଡା, କିଶୋର ଉପାଧ୍ୟାୟ, ବିଭାଗୀୟ ଅଧିକାରୀ, ପ୍ରଶାନ୍ତ କୁମାର ନନ୍ଦ, ବୀରେନ କୁମାର ଆଚାର୍ଯ୍ୟ, ଟଙ୍କ ସାହୁ, ବିହାରୀ ମହାନନ୍ଦ, ଜିତେନ୍ଦ୍ର ମୁଣ୍ଡ ଓ ଅରୁଣ ମିଶ୍ର ଏବଂ ଏସ୍. ଏମ୍. ସି. ସଭାନେତ୍ରୀ ସଙ୍ଗୀତା ସାହୁ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସଂଯୋଜିକା ସ୍ୱାଧିନୀ ସାହୁ ମାନପତ୍ର ପଠନ କରିଥିଲେ ଓ ଗୀତା ଦେଇ ଅତିଥି ସ୍ୱାଗତ କରିଥିଲେ।

# କୋଟାମାଳ-ଡଙ୍ଗରୀପଡ଼ା ରାସ୍ତାରେ ଆଣ୍ଠୁଏ ପାଣି

### ପାଣି କାଦୁଅରେ ପଶି ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ

**ସିନାପାଲି, ୩।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୋଟାମାଳ ସ୍ଥିତ ଡଙ୍ଗରିପଡ଼ା ରାସ୍ତା ଅସରାଏ ବର୍ଷା ପରେ ଶୋଚନୀୟ ହୋଇପଡ଼ିଛି। ପଡ଼ାର କୁନି କୁନି ଶିଶୁ ନିକଟସ୍ଥ ଅଙ୍ଗନବାଡ଼ି ଓ ବିଦ୍ୟାଳୟକୁ ପାଣି କାଦୁଅରେ ପଶି ହୀନସ୍ତା ହୋଇ ଯାଉଛନ୍ତି। ସେହିପରି ଏହି ରାସ୍ତା ଦେଇ ଯୋଗୀମଠ ପର୍ଯ୍ୟଟନ ସ୍ଥଳୀକୁ ଅନେକ ଲୋକ ଯିବା ଆସିବା କରୁଛନ୍ତି। ଏପରିକି ଏହି ରାସ୍ତା ଦେଇ ଭରୁଆମୁଣ୍ଡ ଦେଇ କଳାହାଣ୍ଡିକୁ ସିଧାସଳଖ ଅଞ୍ଚଳର ଲୋକେ ଯିବା ଆସିବା କରୁଛନ୍ତି। ହେଲେ ଡଙ୍ଗରୀପଡ଼ା ମଧ ଭାଗରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମା ହୋଇ ରହୁଥିବା ବାରମ୍ବାର ଅଭିଯୋଗ ପରେ ମଧ କେହି ଶୁଣୁ ନ ଥିବା ଡଙ୍ଗରୀପଡ଼ାବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



### ଦୁର୍ଗମ ଅଞ୍ଚଳରେ ଅନ୍ଧବିଶ୍ୱାସର କରୁଣ ଚିତ୍ର

# ଚର୍ମରୋଗରେ ପୀଡ଼ିତ ଶିଶୁଙ୍କ ପାଇଁ ପୂଜାପାଠ

**ଲାଞ୍ଜିଗଡ଼, ୩।୭ (ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତୁର୍କା ଗାଁ ବସିବା ଇତିମଧ୍ୟରେ ଶହେବର୍ଷ ଟପିଲାଣି। ଏହି ଗାଁରେ ୩୦ ଆଦିବାସୀ ପରିବାର ବସବାସ କରନ୍ତି। ତଥାପି ଆଜି ଯାଏ ଗାଁରେ ଅନ୍ଧବିଶ୍ୱାସ ଦୂର ହୋଇନାହିଁ। ଫଳରେ ଗତ ୨ ମାସ ମଧ୍ୟରେ ଚର୍ମରୋଗରେ ଆକ୍ରାନ୍ତ ଗାଁର ୨୦ ଶିଶୁ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ରୋଗ ପ୍ରକୋପରୁ ରକ୍ଷା ପାଇବାକୁ ପୂଜା କରାଯାଉଥିଲା। ମାତ୍ର ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇଥିଲା। ଖବର ପାଇ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ଲାଞ୍ଜିଗଡ଼ ବ୍ଲକ ମେଡ଼ିକାଲ ଅଫିସର ଡ଼. ଭବାନୀ ଶଙ୍କର ଲେଙ୍କାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟଟିମ୍ ବୁଧବାର ସକାଳେ ଗାଁରେ ପହଞ୍ଚି ସମସ୍ତ ଗୁରୁତର ଶିଶୁଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲା।



ସୂଚନା ଅନୁସାରେ, ଆଜିକୁ ୨ମାସ ହେଲା ତୁର୍କାରେ ୧ ରୁ ୫ ବର୍ଷ ମଧ୍ୟରେ ଥିବା ୨୦ରୁ ଊର୍ଦ୍ଧ୍ୱ ଶିଶୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିଲେ। ୨ମାସ ତଳେ ପ୍ରଥମେ ପୁଅ ମାନସ ମାଝୀ, ଅମର ମାଝୀ, ଝିଅ ବର୍ଷା ମାଝୀ, ରାକ୍ଷୀ ମାଝୀ, ଅଙ୍କିତା ମାଝୀ, ଆଶାନ୍ତି ମାଝୀ, ସୁନିତା ମାଝୀ, ସୁନିତା ମାଝୀଙ୍କ ଶରୀରର ମୁହଁ, ପିଠି, ଗୋଡ଼, ହାତରେ ଗରମ ଫୋଡ଼ା ପରି ବାହାରି ଧୀରେ ଧୀରେ ଶରୀରର ବିଭିନ୍ନ ଅଂଶକୁ ବ୍ୟାପି ଯାଇଥିଲା। ଆମ ପିଲାଙ୍କୁ ମା' କମାନି ହୋଇଛି, ଡାକ୍ତରଖାନା ଗଲେ ମା' କୋପ କରିବେ କହି ଗୁଣିଆ ବା ପୂଜାରୀ ଡକାଇ ଧୂପଦୀପ ଦେଇ ପୂଜା ପାଠ କରୁଥିଲେ। ଗାଁ ଠାରୁ ୧୪ କିମି ଦୂରରେ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ମୂଷାନାଳରେ ରହିଥିବା ବେଳେ ତୁର୍କା ଗାଁ ଦାୟିତ୍ୱରେ ଥିବା ସିଏଚଓ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ଗାଁକୁ ଯାଉନଥିବାରୁ ଏପରି ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଗାଁର ଜଣେ ଶିକ୍ଷିତ ଯୁବକ ନବୀନ ମାଝୀ ଗାଁ ଲୋକଙ୍କୁ ବହୁ ବୁଝାଇ ଡାକ୍ତରଙ୍କ ପାଖକୁ ଯିବାକୁ କହିଥିଲେ ମଧ କେହି ଶୁଣି ନଥିଲେ। ପରେ ଖବର ପାଇ ଲାଞ୍ଜିଗଡ଼ ବ୍ଲକ ମେଡ଼ିକାଲ ଅଫିସର ଡ଼. ଲେଙ୍କାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ସକାଳେ ଗାଁରେ ୩ ଗୋଟି ଗାଡ଼ି ପହଞ୍ଚି ଗାଁର ଶିକ୍ଷିତ ଯୁବକ ନବୀନ ମାଝୀ, ଆକ୍ରାନ୍ତ ଶିଶୁଙ୍କ ବାପା ମା ସମେତ ସମସ୍ତ

### ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଉଦ୍ଧାର କରି ମେଡିକାଲ ନେଲା

ଗୁରୁତର ଶିଶୁଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଚର୍ମରୋଗ ବିଶେଷଜ୍ଞଙ୍କ ଠାରେ ଚିକିତ୍ସା କରାଇଥିବା ଦେଖିବାକୁ ମିଳିଛି। ଏନେଇ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ତୁର୍କା ଗାଁ ଦାଇତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କ ଚରମ ଅବହେଳା ଦର୍ଶାଇ ଘୋର ନିନ୍ଦା କରିଛନ୍ତି।

# ବିକାଶ ଆବାସିକ ବିଦ୍ୟାଳୟରେ ଇନ୍‌ଭେଷ୍ଟିଚର ସେରିମନି

**ଭବାନୀପାଟଣା, ୩।୭ (ସମିସ):** ବିକାଶ ଆବାସିକ ବିଦ୍ୟାଳୟରେ ଷ୍ଟୁଡେଣ୍ଟ କାଉନସିଲ ନିମନ୍ତେ ଇନଭେଷ୍ଟିଚର୍ ସେରିମନି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଡି ରାମ କୁମାର, ମୁଖ୍ୟ ଶିକ୍ଷା ଅଧିକାରୀ ଡି ବିଜୟା, ମୁଖ୍ୟ ଶିକ୍ଷା ଅଧିକାରୀ ଡି ପଦ୍ମିନୀ, ଅଧକ୍ଷ ତଥା ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରସନ୍ନଜିତ୍ ଦତ୍ତ, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାରେ ହେଡବୟ, ହେଡଗର୍ଲ, ତଥା ବିଭିନ୍ନ ବିଭାଗ ଓ କ୍ଲବ୍ ନିମନ୍ତେ କ୍ୟାପଟେନ୍, ଭାଇସ କ୍ୟାପଟେନ ବଛାଯାଇ ଏକ ଭବ୍ୟ ସମାରୋହର ଆୟୋଜନ କରି ସମସ୍ତ ନେତୃବୃନ୍ଦଙ୍କୁ ଅତିଥିମାନଙ୍କ ଦ୍ୱାରା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅତିଥିଗଣ ନବନିର୍ବାଚିତ ନେତୃବର୍ଗଙ୍କ ମାର୍ଗ ଦର୍ଶନ କରାଇଥିଲେ। ଉପାଧ୍ୟକ୍ଷ ପ୍ରସନ୍ନଜିତ୍ ଦତ୍ତ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ, କ୍ରୀଡ଼ା ଶିକ୍ଷକ ମନୋଜ ବିଶ୍ୱାଳ ଶପଥ ପାଠ କରାଇଥିଲେ।



# ନୂଆପଡ଼ାରେ ଭିବି-ଜି ରାମ୍-ଜି ଜିଲ୍ଲାସ୍ତରୀୟ ଜନସମ୍ମିଳନୀ

**ନୂଆପଡ଼ା/ସିନାପାଲି, ୩।୭ (ସମିସ):** ବିକଶିତ ଭାରତଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) (ଭିବି ଜି ରାମ ଜି)ର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ନୂଆପଡ଼ାସ୍ଥିତ ଏନ୍‌ଆଇସି ଭିଡିଓ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି।

ଆନ୍ଧ୍ରପ୍ରଦେଶର ତିରୁପତିରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଶୁଭାରମ୍ଭ କରିଥିଲେ। ନୂଆପଡ଼ାରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ସାମିଲ ହୋଇଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ) କ୍ଷମାନିଧି ଭୋଇ, ନୂଆପଡ଼ା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ବିଡିଓ, ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ମନରେଗା ସଂଯୋଜକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପିଇଓ, ଏଡିଇଓ, ଜିଆରଏସ୍, ଯାନ୍ତ୍ରିକ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଜିଲ୍ଲା ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଜୁନାଗଡ଼, ୩।୭ (ସମିସ):** ଜୁନାଗଡ଼ ତାଲବନ୍ଦପଡ଼ା ସ୍ଥିତ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ତାଲବନ୍ଦପଡ଼ାର ଋଷି ମୋହନ ଗହୀର। ସେ ପୋଖରୀକୁ ଗାଧୋଇବାକୁ ଯାଇ ବହୁ ସମୟ ଧରି ଫେରିନଥିଲେ। ପରିବାର ଲୋକେ ଖୋଜିବାକୁ ଯାଇ ପୋଖରୀରେ ମୃତଦେହ ଭାସୁଥିବା ଦେଖିଥିଲେ। ଜୁନାଗଡ଼ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ଓଲଟିଲା କୋଇଲା ବୋଝେଇ ଟ୍ରକ୍

**ଲାଞ୍ଜିଗଡ଼, ୩।୭ (ସମିସ):** ଭବାନୀପାଟଣା-ବିଶାଖାପାଟଣା ୬ ନମ୍ବର ରାଜ୍ୟ ରାଜପଥରେ ଗୁରୁବାର ବିଳମ୍ବିତ ରାତିରେ ସିକେରକୁପା ନିକଟସ୍ଥ ଏକ ଅଣଓସାରିଆ ପୋଲ ନିକଟରେ କୋଇଲା ବୋଝେଇ ଟ୍ରକ ରାସ୍ତା ତଳକୁ ଓଲଟି ପଡ଼ିଛି। ଫଳରେ ଟ୍ରକ୍ ଚାଳକ ଆହତ ହୋଇଛନ୍ତି। ଟ୍ରକଟି ବିଶାଖାପାଟଣାରୁ କୋଇଲା ବୋଝେଇ କରି ରାୟପୁର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବାବେଳେ ସିକେରକୁପା ନିକଟ ସଂକୀର୍ଣ୍ଣ ପୋଲ ଉପରେ ଚାଳକ ନିୟନ୍ତ୍ରଣ ହରାଇବାରୁ ଟ୍ରକ୍‌ଟି ରାସ୍ତା କଡ଼ରୁ ତଳକୁ ଖସି ପଡ଼ିଥିଲା। ସିକେରକୁପା ଫାଣ୍ଡି ପୁଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ଗାଡ଼ି ଭିତରେ ଫସି ରହିଥିବା ଚାଳକକୁ ଉଦ୍ଧାର କରିଥିଲେ।

# ଧର୍ମଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି

**ଧର୍ମଗଡ଼, ୩।୭ (ସମିସ):** ରଥଯାତ୍ରା ପାଇଁ ଧର୍ମଗଡ଼ ବ୍ଲକ ସ୍ଥିତ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ଗଠିତ ବିଭିନ୍ନ କମିଟିର ସଦସ୍ୟମାନେ ଯତ୍ନବାନ ହେବା ସହିତ ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଉପ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଉପଖଣ୍ଡ ପୁଲିସ ଅଧିକାରୀ ଭର୍ଷିତା ଅଡେପୁ, ସହକାରୀ ଜିଲ୍ଲାପାଳ ସୋନମ ଅଗ୍ରୱାଲ, ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ନଗରପାଳ ଅଶୋକ କୁମାର ମହାନ୍ତି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଥାନା ଅଧିକାରୀ ସୁଦର୍ଶନ ନାଏକ, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ, ବ୍ରଜମୋହନ ପଞ୍ଚଦେବ ଶ୍ରୀ ରାଧାକୃଷ୍ଣ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଷୀ, ସମ୍ପାଦକ ନିରଞ୍ଜନ ମହାପାତ୍ର ଓ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

# ନୂଆ ରାଜ ଜ୍ୟୋତିଷ ମନୋନୀତ କଲେ ଖଡ଼ିଆଳ ରାଜା



**ଖଡ଼ିଆଳ, ୩।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜଦରବାରଠାରେ ରାଜ ପରିବାର ପକ୍ଷରୁ ନୂଆ ରାଜ ଜ୍ୟୋତିଷ ଭାବରେ ଗୋବିନ୍ଦ ରଥଙ୍କୁ ଖଡ଼ିଆଳ ରାଜା ସାହେବ ଦେବ ଦେବ ସିଂଦେଓ ମନୋନୀତ କରିଛନ୍ତି। ରାଜ ପରମ୍ପରା ଅନୁଯାୟୀ ଖଡ଼ିଆଳ ଗଡ଼ଜାତ ଅଞ୍ଚଳରେ ସମସ୍ତ ଧାର୍ମିକ କାର୍ଯ୍ୟକ୍ରମ ରୀତିନୀତି ସହ ରାଜ ପରିବାରର ଘରୋଇ କାର୍ଯ୍ୟକ୍ରମର ତିଥି ବାହାର କରିଥାନ୍ତି ରାଜ ଜ୍ୟୋତିଷ। କିଛିମାସ ତଳେ ରାଜ ଜ୍ୟୋତିଷ ପ୍ରଫୁଲ୍ଲ ରଥଙ୍କ ପରଲୋକ ଘଟିଥିବା ବେଳେ ଆଜି ତାଙ୍କ ପୁଅ ଗୋବିନ୍ଦ ରଥଙ୍କୁ ନୂଆଁ ରାଜ ଜ୍ୟୋତିଷ ଭାବରେ ମନୋନୀତ କରାଯାଇଛି।

# ଗୋଡ଼ାଲର ୩ ଛାତ୍ର ସମ୍ମାନିତ

**ସିନାପାଲି, ୩।୭ (ସମିସ):** ଗତ ଜାତୀୟ ଆୟ ଭିତ୍ତିକ ମେଧା ବୃତ୍ତି ପରୀକ୍ଷା ବା ଏନଏମଏମଏସ୍ ପରୀକ୍ଷାରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ଗୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଲକ୍ଷ୍ମଣ ମାଝୀ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ହୋଇଥିବାବେଳେ ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଛି। ସେହିପରି ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷରୋପଣ ସହ ସେସବୁର ବିଶେଷ ଯତ୍ନ ନେଇଥିବା ଯୋଗୁଁ ଛାତ୍ର ବାଲାଜୀ ମାଝୀ ଓ ଟିକେଲାଲ ମାଝୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏନେଇ ଶୁକ୍ରବାର ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏକ ସଭା କରାଯାଇ ଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା।

# ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

**ଭବାନୀପାଟଣା, ୩।୭ (ସମିସ):** ଜିଲ୍ଲା ଶିଳ୍ପ କେନ୍ଦ୍ର କଳାହାଣ୍ଡି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦିବସ ଅବସରରେ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏନେଇ ଅନୁଷ୍ଠିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ପଟ୍ଟନାୟକ ପ୍ରଥମ ସ୍ଥାନ, ଅନ୍ୱେଷା ଅଭିଲିପ୍ସା ଜେନା ଦ୍ୱିତୀୟ ସ୍ଥାନ, ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ପ୍ରତ୍ୟାଶା ପଟ୍ଟନାୟକ ପ୍ରଥମ ସ୍ଥାନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀ ଟୁନି ନାଏକ ପ୍ରଥମ ସ୍ଥାନ, କୁଇଜ ପ୍ରତିଯୋଗିତାରେ ଧନେଶ୍ୱର ନିଆଲ ପ୍ରଥମ ସ୍ଥାନ, ଅଙ୍କିତା ପ୍ରିୟଦର୍ଶିନୀ ପ୍ରଧାନ ଦ୍ୱିତୀୟ ସ୍ଥାନ, ଟୁନି ନାଏକ ତୃତୀୟ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଗଛ ପଡ଼ି ବାଇକ୍ ଓ ଘର କ୍ଷତିଗ୍ରସ୍ତ



**ଭବାନୀପାଟଣା, ୩।୭ (ସମିସ):** ସ୍ଥାନୀୟ ଷ୍ଟାଚ୍ୟୁ ଛକ ନିକଟରେ ଏକ ବଡ଼ ଗଛ ହଠାତ୍ ଉପୁଡ଼ି ପଡ଼ିବା ଫଳରେ ବହୁ ସଂଖ୍ୟାରେ ଦୁଇ ଚକିଆ ଗାଡ଼ି ନଷ୍ଟ ହୋଇଥିବା ବେଳେ ପାଖରେ ଥିବା ଏକ ଘର ମଧ ଭାଙ୍ଗିଯାଇଛି। ଦୀର୍ଘ ସମୟଧରି ଉକ୍ତ ରାସ୍ତାଦେଇ ଯାନ ବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲା।

# ଡୋକରିଦର ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କୋକସରା, ୩।୭ (ସମିସ)**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଖଲିଗଡ଼ ପାଦଦେଶରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଥିବା ଡୋକରୀଦର

### ସେଲ୍ଫି ନେବା ବେଳେ ଖସି ପଡ଼ିଥିବା ଅନୁମାନ

ଝରଣା ନିକଟରୁ ଗୁରୁବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଦେଖିବାକୁ ମିଳିଥିବା ବେଳେ ଶୁକ୍ରବାର ପୁଲିସ ଓ ଅଗ୍ନିଶମ ବାହିନୀ ଶବ ଉଦ୍ଧାର କରିଛନ୍ତି। ମୃତ ଯୁବକ ଜଣକ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଦେଭୋଗ ଥାନା କର୍ଲାଗୁଡା ଗ୍ରାମର ଅମ୍ରିତଲାଲା ଦୁରିଆଙ୍କ ପୁଅ ଲୋକେଶ ଦୁରିଆ (୨୩)। ସେଲ୍‌ଫି ନେବାବେଳେ ଗୋଡ଼ ଖସିଯିବାରୁ ଏହି ଦୁର୍ଘଟଣା ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।



ପରିବାର ଲୋକଙ୍କ ସୂଚନା ଅନୁସାରେ, ଗତକାଲି (ଗୁରୁବାର) ସକାଳୁ ଲୋକେଶ ଘରୁ ବାହାରିଥିଲେ ମଧ ସେ କେଉଁଆଡ଼େ ଯାଉଛନ୍ତି କାହାକୁ କିଛି କହି ନଥିଲେ। ତେବେ ସଞ୍ଜ ପର୍ଯ୍ୟନ୍ତ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରା ପର୍ଯ୍ୟଟନ ସ୍ଥଳୀରେ ଏକ ବାଇକ୍ ରାସ୍ତା ଉପରେ ରହିଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ଲୋକେ ଖୋଜାଖୋଜି କରି ଝରଣା ଆଡ଼କୁ ଯିବା ସମୟରେ ସେଠାରେ ଶବ ପଡ଼ିଥିବା ଦେଖି ତୁରନ୍ତ ଆମପାଣି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ବାଇକ୍ ଆଧାରରେ ମୃତକଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲା। ଶୁକ୍ରବାର ସକାଳେ ଆମପାଣି ଥାନା ପୁଲିସ ଓ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ଝରଣା ନିକଟରୁ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ଅନୁସନ୍ଧାନରୁ ସେଲଫି ନେବା ବେଳେ ଗୋଡ଼ ଖସିଯିବାରୁ ଏହି ଅଘଟଣ ଘଟିଥିବା ପୁଲିସ ସନ୍ଦେହ କରିଛି ଏବଂ ପରିବାର ଲୋକେ ମଧ ସମାନ ଆଶଙ୍କା ପ୍ରକଟ କରିଛନ୍ତି। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ମାଣିକେରାରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଉଦ୍‌ଘାଟିତ



**ମ.ରାମପୁର, ୩।୭ (ସମିସ):** ଏସ୍‌ବିଆଇ ଫାଉଣ୍ଡେସନର ସହାୟତା ତଥା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମହାଶକ୍ତି ଫାଉଣ୍ଡେସନ ତତ୍ତ୍ୱାବଧାନରେ କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମାଣିକେରା ଗ୍ରାମଠାରେ ଏକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରର ଶୁଭ ଉଦଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାଣିକେରା ସରପଞ୍ଚ ଫଗନୁ ପାତ୍ର ଫିତା କାଟି ଏହାର ଉଦ୍‌ଘାଟନ କରିଥିଲେ। ମହାଶକ୍ତି ଫାଉଣ୍ଡେସନ ବ୍ଲକ ସଂଯୋଜିକା ଶ୍ୱେତା ଷଡଙ୍ଗୀ ଏହି ସ୍ୱୟଂ ଚାଳିତ ପାଣିପାଗ କେନ୍ଦ୍ର ଚାଷୀମାନଙ୍କ କୃଷି କାର୍ଯ୍ୟକୁ ଆହୁରି ସୁରକ୍ଷିତ ଓ ଲାଭଦାୟକ କରିବା ସହିତ ଶ୍ରମିକ, ଶିକ୍ଷାର୍ଥୀ ତଥା ଗ୍ରାମବାସୀ ମାନଙ୍କୁ ସତର୍କ ସୂଚନା ପ୍ରଦାନ କରିପାରିବ ବୋଲି ପ୍ରକାଶ କରିଥିଲେ। ଏହା ୧୫ କିଲୋମିଟର ରେଞ୍ଜ ର ତାପମାତ୍ରା, ବାୟୁର ଆର୍ଦ୍ରତା, ବୃଷ୍ଟିପାତ ର ପରିମାଣ, ପବନର ବେଗ ଓ ଦିଗ, ସୌର ବିକିରଣ, ବାୟୁମଣ୍ଡଳୀୟ ଚାପ, ଅତିବାଇଗଣି ସୂଚକାଙ୍କ, କାକର ବିନ୍ଦୁ ଇତ୍ୟାଦି ପାଣିପାଗ ସମ୍ବନ୍ଧୀୟ ସୂଚନା ତଥା ୨୪ ଘଣ୍ଟିଆ ପୂର୍ବାନୁମାନର ସଠିକ ସୂଚନା ପ୍ରଦାନ କରିବ।

# ଚିକିତ୍ସା ଅବହେଳାରୁ ଆଖି ବୁଜିଦେଲା ୪ ବର୍ଷର ଶିଶୁ



ପାଟଣାଗଡ଼,୩।୭(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଡାକ୍ତରଖାନାର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ବିବାଦ ପିଛା ଛାଡୁନି। ଶୁକ୍ରବାର ଡାକ୍ତରମାନଙ୍କ ଆନ୍ଦୋଳନ ଚାଲିଥିବାବେଳେ ଚିକିତ୍ସା ଅବହେଳାରୁ ପାଟଣାଗଡ଼ ଡାକ୍ତରଖାନାରେ ଏକ ୪ ବର୍ଷର ଶିଶୁର ମୃତ୍ୟୁ ଗଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପାଟଣାଗଡ଼ ପୁଲିସ ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତି ଶାନ୍ତ କରିବାକୁ ଉଦ୍ୟମ କରିଥିଲା। ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପାଟଣାଗଡ ସହର ଗଡ଼ଭିତରପଡ଼ା ବାସିନ୍ଦା ହିଟଲର ଥନାପତି ତାଙ୍କ ୪ ବର୍ଷର ଅସୁସ୍ଥ ଶିଶୁକୁ ଧରି ଶୁକ୍ରବାର ଆମ୍ବୁଲାନ୍ସ ଯୋଗେ ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ଶିଶୁଟିର ଅବସ୍ଥା ଠିକ୍ ନ ଥିବାବେଳେ ଆମ୍ବୁଲାନ୍ସରେ ଅକ୍ସିଜେନ ମଧ୍ୟ ନ ଥିଲା। ଚିକିତ୍ସା ପାଇଁ ଡାକ୍ତରଖାନାରେ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ। ଶିଶୁଟି ଗୁରୁତର ହେବାରୁ ଅନ୍ୟ ୱାର୍ଡକୁ ନେବାପାଇଁ ଉପସ୍ଥିତ କର୍ମଚାରୀ କହିଥିଲେ। ଅନ୍ୟ ୱାର୍ଡରେ ମଧ୍ୟ ଅକ୍ସିଜେନ ନ ଥିଲା। ଏହିଭଳି ଅବ୍ୟବସ୍ଥା ଆଉ ଅବହେଳାରୁ ଶିଶୁପୁତ୍ରଟି ଆଖି ବୁଜିଥିଲା। ଶିଶୁଟିଙ୍କୁ କୁଣ୍ଡାଇ ଧରି ମା' କାନ୍ଦୁଥିବାର ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଚିକିତ୍ସା ଅବହେଳାରୁ ପୁଅର ମୃତ୍ୟୁ ଟିଛି। ଡାକ୍ତରଖାନା କର୍ତ୍ତୃପକ୍ଷ ଚିକିତ୍ସା ହୋଇପାରିବ ନାହିଁ ବୋଲି କହିଥିଲେ ସେ ଅନ୍ୟତ୍ର ଚିକିତ୍ସା ପାଇଁ ନେଇଥାନ୍ତେ। ଡାକ୍ତରଙ୍କ ଅବହେଳା ଯୋଗୁଁ ପୁଅର ମୃତ୍ୟୁ ଘଟିଥିବା ହିଟର ଅଭିଯୋଗ ଆଣିଛନ୍ତି। ଏହି ଘଟଣାରେ ଡାକ୍ତରଖାନା ଏସଡ଼ିଏମଓ ସରୋଜ ସ୍ୱାଇଁ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ ଶିଶୁଟି ଗୁରୁତର ଥିଲା। ତାର ମୃତ୍ୟୁ ହୋଇସାରିଥିଲା ବୋଲି ସଫେଇ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ଶଗଡା/ମନମୁଣ୍ଡା,୩।୭(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଆଜି କଣ୍ଟାମାଳ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ନିର୍ମାଣାଧୀନ ସ୍ୱାସ୍ଥ୍ୟ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ତଥା ନିର୍ମାଣ ହେଇସାରିଥିବା ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରଥମେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ୨୦୧୮ ମସିହାରୁ ମଂଜୁର ହୋଇଥିବା ୫୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର କୋଠାର ନିର୍ମାଣ କାମ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନି। ଏଣୁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମସ୍ତ ବକେୟା କାମକୁ ତୁରନ୍ତ ସାରିବା ସହ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବାକୁ କୋଠା ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଲସାଗୋରାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠାର କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି ହସ୍ତାନ୍ତର କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ରୋଗୀମାନଙ୍କ ସହ ଆଲୋଚନା ସହ ଓମ୍‌ସା ଦ୍ୱାରା ଆହୁତ ଡାକ୍ତରଙ୍କ ସମୂହ ଧର୍ମଘଟ ବେଳେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା କିପରି ପ୍ରଦାନ କରାଯାଉଛି ତାହାର ପର୍ଯ୍ୟବେକ୍ଷଣ କରିଥିଲେ। ଏ ଅବସରରେ ରୋଗୀମାନଙ୍କୁ ଉଚିତ ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ସେବା, ଜରୁରୀକାଳୀନ ସେବା ଯୋଗାଇଦେବା ପାଇଁ ଡାକ୍ତରଖାନା ଦାୟିତ୍ୱରେ ଥିବା ବିଭାଗୀୟ କିଭ୍ରୁପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ଡା. ମହେନ୍ଦ୍ର ସଏ, ଡା. ସମ୍ମୋହିନୀ ସୁଧା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ଗିରିଜା ପ୍ରସାଦ ମିଶ୍ର, ଅତିରିକ୍ତ ଯନ୍ତ୍ରୀ ରାଧାକୃଷ୍ଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ଝାରସୁଗୁଡ଼ା,୩।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଭାଗନେଇ କୃତିତ୍ୱ ହାସଲ୍ କରିଛନ୍ତି। କନିଷ୍ଠ ବର୍ଗ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରତ୍ୟୁଷା ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ସନ୍ତୋଷିନୀ ସାହୁ ପ୍ରଥମ ସ୍ଥାନ ଲାଭ କରିଛନ୍ତି। ବରିଷ୍ଠ ବର୍ଗ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ର ବିବେକ ରଞ୍ଜନ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଦଶମ ଶ୍ରେଣୀ ଛାତ୍ରୀ ଦିବ୍ୟାଙ୍କା ମହାରଣା ଇଂରାଜୀରୁ ଓଡ଼ିଆ ଅନୁବାଦରେ ତୃତୀୟ ସ୍ଥାନ ଲାଭ କରିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ସଂସ୍କୃତି ଅଧିକାରୀ ରୀତା ବଳିୟାର ସିଂହ ପୁରସ୍କୃତ କରିଥିଲେ। ଅଧକ୍ଷ ଶୁଭଦୀପ୍ତ ଜେନା କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଶିକ୍ଷକ ଛତ୍ରପତି ପଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡୁଙ୍ଗୁରିପାଲି,୩।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବେହେରାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଛତ୍ରପତି ପଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଭୁତି ଭୂଷଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିସାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଛତ୍ରପତି ପଧାନଙ୍କୁ ଫୁଲଚନ୍ଦନ, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଜିଲ୍ଲା ଶିକ୍ଷା ଶାସ୍ତ୍ର ସଂଯୋଜକ ଅକ୍ଷୟ ସାହୁ, ସମିତି ସଭ୍ୟା ଶିବାଞ୍ଜଳି ପଣ୍ଡା, ପ୍ରାକ୍ତନ ସିଆରସିସି ସୁରେନ୍ଦ୍ର ରଥ, ପଞ୍ଚସଖା ଶିକ୍ଷାସେତୁ ସଭାପତି ସୁରେଶ ପୂଜାରୀ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କାର୍ତ୍ତିକ ପଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାନ୍ତନୁ ବାରିକ, ଲିଙ୍ଗମାର୍ଣ୍ଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନାତନ ବେହେରା, ଶିକ୍ଷାବିତ ତ୍ରିଲୋଚନ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବେହେରାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ବେହେରାମାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରାରୀ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ମିନାକ୍ଷୀ ସାଓ ଧନ୍ୟବାଦ ଅର୍ପଣ କରିଥିଲେ। ବାଙ୍କୀପାଲି ସିଆରସିସି ସୁନୀଲ ସେଠ୍, ମାୟାବର୍ହା ସିଆରସିସି ସୌରଭ ସାହୁ, ସରଗୁଲ ସିଆରସିସି ନୀଳକଣ୍ଠ ନାଏକ, ଚିନାଜୁରୀ ସିଆରସିସି ରମେଶ ଭୋଇ, ଶୁଖା ସିଆରସିସି ସୁରେଶ ନାୟକ, ଅନ୍ଧାରିବାଞ୍ଜି ସିଆରସିସି ଚିତ୍ତରଞ୍ଜନ ଠାକୁର, ଚିନାଜୁରୀ ସିଆରସିସି ରମେଶ ଭୋଇ, ପିପିଲିପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ପାଣିଗ୍ରାହୀ, ବଡ଼ ଭାଲୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟଶ୍ରୀରାମ ସିକନ୍ଦର, ଗୌତମ ସାହୁ, ଶିକ୍ଷକ ବିଭୁତି ପୂଜାରୀ, ଶିକ୍ଷୟିତ୍ରୀ ମିନା ପଧାନ, ସସ୍ମିତା ସାହୁ, ରେଣୁକା ବେରିଆ, ମଧୁମିତା ବିଶ୍ୱାଳ, ବନ୍ଦିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଫଟାମୁଣ୍ଡା ସ୍କୁଲ ବାଳିକା ଶୌଚାଳୟ ଉଦ୍‌ଘାଟିତ




ମନମୁଣ୍ଡା,୩।୭(ସମିସ): ନୂଆଁଦିଲ୍ଲୀ ବସନ୍ତ ସୋସିଆଲ ଫାଉଣ୍ଡେସନର ମନମୁଣ୍ଡା ଶାଖା ତରଫରୁ ଭାରତୀୟ ଷ୍ଟେଟ ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ଲକ ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିର୍ମିତ ବାଳିକା ଶୌଚାଳୟ ଉଦ୍‌ଘାଟିତ ହୋଇଛି। ଫାଉଣ୍ଡେସନର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେସନର ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଖମାରୀ, ଶିକ୍ଷାବିତ ଦେବାଶିଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଜୟ ମାଝୀଙ୍କ ଶିକ୍ଷକ ଶାନ୍ତନୁ ସ୍ୱାଇଁ, ସ୍ମାରକ ସାହୁ, ଦିଗସନ୍ ସୁନା, ଶିକ୍ଷୟିତ୍ରୀ ଗୁଆଦେଇ ମାଝୀ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଶିକ୍ଷକ ଶାନ୍ତନୁ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୋଇସାହିରେ ମାସେ ହେଲା ନଳକୂଅ ଅଚଳ

ଶଗଡା,୩।୭(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ପଞ୍ଚାୟତ ଭୋଇସାହିରେ ଥିବା ନଳକୂଅଟି ଗତ ୧ ମାସରୁ ଅଧିକ ହେବ ଅଚଳ ହୋଇପଡିଛି। ଗାଁରେ ୩୦ ପରିବାରର ପାଖାପାଖି ୮୦ଜଣ ଲୋକ ବସବାସ କରୁଛନ୍ତି। ପିଇବା ପାଣି ପାଇଁ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ନଳକୂପର ଚେନ୍ ଛିଣ୍ଡି ଯାଇଥିବାରୁ ପାଣି ଆସୁ ନ ଥିବା ପଡାବାସୀ ଅଭିଯୋଗ କରିଛନ୍ତି। ଅଚଳ ନଳକୂଅକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି।

## ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲା ଦେବଗଡ଼ ଜିଲ୍ଲା ଠିକାଦାର ସଂଘ



ଦେବଗଡ଼,୩।୭(ସମିସ): ଜିଲ୍ଲା ଠିକାଦାର ସଙ୍ଘର ଏକ ପ୍ରତିନିଧି ମଣ୍ଡଳୀ ଆଜି ରେଙ୍ଗାଲବେଡ଼ାସ୍ଥିତ ଗୋହିରା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମ୍ପ୍ରତି ପ୍ରକାଶ ପାଇଥିବା ଟେଣ୍ଡର ପ୍ରକ୍ରିୟାରେ କେତେକ ବିଡ଼ର ନିୟମ ଉଲ୍ଲଂଘନ କରିଥିବାରୁ ଏହାର ତୁରନ୍ତ ସମୀକ୍ଷା କରିବାକୁ ସଂଘ ଦାବି କରିଛି। ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ନିଖିଳ ଓଡ଼ିଶା ଠିକାଦାର ମହାସଂଘ ଅଧୀନରେ ଥିବା ସମସ୍ତ ଜିଲ୍ଲା ସଂଘ ମିଳିତ ଭାବେ ଏକ ସଂକଳ୍ପ ପାରିତ କରିଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ, ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ସମସ୍ତ ଟେଣ୍ଡର କେବଳ ସ୍ଥାନୀୟ ଠିକାଦାରଙ୍କ ପାଇଁ ସଂରକ୍ଷିତ ରହିବ। ଏହା ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଅନୁସାରେ କରାଯିବ; ମାତ୍ର କେତେକ ବାହାର ବିଡ଼ର ଏହି ନିୟମକୁ ଅବମାନନା କରି ୧୦ କୋଟିରୁ କମ୍ ମୂଲ୍ୟର ଟେଣ୍ଡରରେ ଭାଗ ନେଇଛନ୍ତି; ଯାହା ସ୍ଥାନୀୟ ଠିକାଦାରଙ୍କ ଜୀବିକାକୁ ପ୍ରଭାବିତ କରୁଛି। ଏହା ସହିତ ବିଡ଼ରମାନେ ଅତି ଅଯୌକ୍ତିକ ଭାବେ ଅଳ୍ପ ମୂଲ୍ୟ କୋଟ୍ କରିଛନ୍ତି। ଏହାଦ୍ୱାରା ଦେବଗଡ଼ ଜିଲ୍ଲାରେ ହେବାକୁ ଥିବା ବିକାଶମୂଳକ କାର୍ଯ୍ୟର ଗୁଣବତ୍ତା ଏବଂ ସ୍ଥାୟୀତ୍ୱ ବିପନ୍ନ ହେବ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି। ସଙ୍ଘର ସମସ୍ତ ଅଭିଯୋଗକୁ ଶୁଣିବା ପରେ ଅଧୀକ୍ଷଣ ଯନ୍ତ୍ରୀ ଏହାର ଠିକ୍ ସମୀକ୍ଷା କରିବା ସହ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଂଘକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିବା ଜିଲ୍ଲା ଠିକାଦାର ସଙ୍ଘ ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ ସୂଚନା ପ୍ରଦାନ କରାଯାଇଛି।



ଲଗାଣ ବର୍ଷା ଯୋଗୁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୋର୍ଟ ଛକ ପାଖ ମାଁ ମଙ୍ଗଳା ପେଟ୍ରୋଲ ପମ୍ପର ପାଚେରି, ସମସ୍ତ ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଗଳି ପଡିଛି



ଦେବଗଡ଼ରେ ୩ ଦିନ ଧରି ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି

## ଗଡଡଧୃମାଲ୍‌ରେ ସ୍କୁଲ ସ୍ଥାପନ ପାଇଁ ଦାବିପତ୍ର



ବୌଦ୍ଧ,୩।୭(ସମିସ): ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ଗଡଡଧୃମାଲ୍‌ରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରାହ୍ମଣୀପାଲି ସରପଞ୍ଚ ଅରୁଣ ବାଘଙ୍କ ନେତୃତ୍ୱରେ ଗ୍ରାମବାସୀ ଆଜି ବୌଦ୍ଧ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ମଧ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଗଣଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ମନ୍ତ୍ରୀ ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଗ୍ରାମବାସୀ ପ୍ରକାଶ କରିଛନ୍ତି ଯେ ତାଙ୍କ ଗ୍ରାମର ୩୦ରୁ ଅଧିକ ପିଲା ବିପଦସଙ୍କୁଳ ଅବସ୍ଥାରେ ଏକ ନାଳ ପାର ହୋଇ ପଡୋଶୀ ମୁଣ୍ଡାପଡା ପଞ୍ଚାୟତର କନ୍ଧଧୃମାଲ ଗ୍ରାମକୁ ପାଠ ପଢିବା ପାଇଁ ଯାଉଛନ୍ତି। ତେଣୁ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ସେମାନେ ଦାବି କରିଛନ୍ତି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର ରଥ ଗ୍ରାମବାସୀଙ୍କ ଦାବିପତ୍ର ଗ୍ରହଣ କରିଥିଲେ।

## ଏସ୍‌ପିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି



ବୌଦ୍ଧ, ୩।୭(ସମିସ): ବୌଦ୍ଧରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ଏଥିରେ ସୁଧାର ଆଣିବାକୁ ବିଜେଡିର ଏକ ପ୍ରତିନିଧି ଦଳ ଏସ୍‌ପି କୁଲଦୀପ ମିନାଙ୍କୁ ଭେଟିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, କୈଳାସ କୁମାର ମୁଖୀ, ପୂର୍ବତନ କଣ୍ଟମାଳ ବିଧାୟକ ମହୀଧର ରଣା, ଅଶୋକ ସାହୁ, ଧୀରେନ୍ ଦେହୁରୀ, ବାଳମୁକୁନ୍ଦ ମେହେର, ପ୍ରେମରାଜ ରଣା, ଅବକାଶ ସାହୁ, ଅମ୍ରିତ ପ୍ରଧାନ, ଅନିକେତ୍ ଦାନୀ ପ୍ରମୁଖ ଏସ୍‌ପିଙ୍କୁ ଭେଟିଥିଲେ।

## ବିଏଲ୍‌ଓ, ସୁପରଭାଇଜରଙ୍କ ପ୍ରଶିକ୍ଷଣ

ଝାରସୁଗୁଡ଼ା,୩।୭(ସମିସ): ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ଅଧୀନ ବିଏଲଓ ଓ ବିଏଲଓ ସୁପରଭାଇଜରମାନଙ୍କ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୋଲାବିରା, କିର୍ମିରା ଓ ଲଇକେରା ବ୍ଲକର ବିଏଲଓ ଓ ବିଏଲଓ ସୁପରଭାଇଜରମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଝାରସୁଗୁଡ଼ା ବ୍ଲକ୍ ଓ ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ବିଏଲଓ ଓ ବିଏଲଓ ସୁପରଭାଇଜରମାନଙ୍କ ପାଇଁ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୃଥକ ପୃଥକ ଭାବେ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷଣ ସମୟରେ ନୂତନ ମତଦାତାଙ୍କ ପଞ୍ଜୀକରଣ, ମୃତ, ସ୍ଥାନାନ୍ତରିତ ଏବଂ ଦ୍ୱୈତ ନାମ ଅପସାରଣ, ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ଠିକ୍ ପାଳନ ଏବଂ ବିଭିନ୍ନ ଅନଲାଇନ୍ ସେବାର ବ୍ୟବହାର ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ୩୧୦ ଜଣ ବିଏଲଓ ଏବଂ ୨୬ ଜଣ ବିଏଲଓ ସୁପରଭାଇଜରଙ୍କୁ ୫ରେ ପ୍ରକାଶ ପାଇବାକୁ ଥିବା ଚିଠା ଭୋଟର ତାଲିକାକୁ ସେଦିନ ନିଜ ନିଜ ବୁଥ୍‌ରେ ଭୋଟରଙ୍କ ଉପସ୍ଥିତିରେ ଡିସପ୍ଲେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ନରସିଂହଙ୍କ କୁତୁର୍ଲା ପାକ୍ସ ପରିଦର୍ଶନ



ବଲାଙ୍ଗିର,୩।୭(ସମିସ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ୍ କୁତୁର୍ଲା ପଞ୍ଚାୟତର କୁତୁର୍ଲା ପ୍ରାଥମିକ ସମବାୟ ସମିତିରେ .ଲିଥିବା ଧାନ ମଣ୍ଡିକ ପରିଦର୍ଶନ କରିଛନ୍ତି। ପେକ୍ସ ସେକ୍ରେଟେରୀ ଜିତେନ ନାଗ, ସଭାପତି ନିଳାମ୍ବର ବାବୁ, .କ୍ଷୀ କୃଷ୍ଣ ସେଠ, ଇସମାଇଲ ସୁନା, ଉଦୟନାଥ ପାଣିଗ୍ରାହୀ, ବାଙ୍କ ପ୍ରଧାନ, ଗୋ÷÷ରାଙ୍ଗ ପୋଡ, ଅଶୋକ ସେଲମା, ଚକା ପଧାନ, ଦାମୋଦର ପ୍ରଧାନ, ସୁମିତ୍ରା ଜାଲ, କଂଗ୍ରେସ ନେତା ରାମଜୀ ଚୌଧୁରି, ସଂକୀର୍ତ୍ତନ ବାଗ, କାନ୍ତେଶ୍ୱର ପ୍ରଧାନ ପପୁ ପାତ୍ର, ଅସିତ ମିଶ୍ର, ଭିକାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସୁରକ୍ଷା ପାଇଁ ଶପଥ



ବଲାଙ୍ଗିର,୩।୭(ସମିସ): ବଲାଙ୍ଗିର ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟୁତ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଓ ବରିଷ୍ଠ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ଛାତ୍ରୀମାନଙ୍କୁ ବିଦ୍ୟୁତର ସୁରକ୍ଷିତ ବ୍ୟବହାର, ଦୁର୍ଘଟଣାରୁ ରକ୍ଷା ପାଇବାର ଉପାୟ ଏବଂ ବିଦ୍ୟୁତ ସମ୍ବନ୍ଧୀୟ ସତର୍କତା ବିଷୟରେ ସଚେତନ କରାଯାଇଥିଲା। ସମସ୍ତ ଛାତ୍ରୀଙ୍କୁ ବିଦ୍ୟୁତ ସୁରକ୍ଷା ଶପଥ ପାଠ କରାଯାଇଥିଲା। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏନର୍ଜି କ୍ଲବ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷୟିତ୍ରୀ ଧାରାଶ୍ରୀ ଧିମହୀ ବେହେରା ଉପସ୍ଥିତ ଛାତ୍ରୀମାନଙ୍କୁ ବିଦ୍ୟୁତ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟୁତ ଆମ ଜୀବନର ଅପରିହାର୍ଯ୍ୟ ଅଂଶ; ହେଲେ ଅସାବଧାନତା ଜୀବନ ପ୍ରତି ବିପଦ ଆଣିପାରେ। ତେଣୁ ପ୍ରତ୍ୟେକ ଛାତ୍ରୀ ବିଦ୍ୟୁତର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ଆବଶ୍ୟକ ବୋଲି ସଚେତନ କରାଯାଇଥିଲା। ଶିକ୍ଷୟିତ୍ରୀ ଜସ୍ମିନ ସାହୁଙ୍କ ଦ୍ୱାରା ପରିଚାଳିତ କୁଇଜ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଭାଗ ନେଇ ବିଦ୍ୟୁତ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଛାତ୍ରୀ ସ୍ମୃତିଶିଖା କୁମ୍ଭାର, ସୁସ୍ମିତା କୁମ୍ଭାର ଓ ଶ୍ରେୟା ଶେଫାଳି ସାହୁ ଯଥାକ୍ରମେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଛାତ୍ରୀ ପ୍ରିୟାଂଶି ପ୍ରିୟଦର୍ଶନୀ ଦାଶ, ସୋନିୟା ନାଏକ, ଦିବ୍ୟାଂଶୀ ଗାଇଗରିଆ, ଅନୁଷ୍କା ଷାଣ୍ଢ ଓ ଦମୟନ୍ତୀ ଖୁଆସ ବିଦ୍ୟୁତର ସୁରକ୍ଷିତ ବ୍ୟବହାର, ବିଦ୍ୟୁତ ଦୁର୍ଘଟଣାରୁ ସତର୍କ ରହିବା ଏବଂ ବିଦ୍ୟୁତ ସଂଚୟର ଆବଶ୍ୟକତା ସମ୍ପର୍କରେ ସୁନ୍ଦର ଓ ତଥ୍ୟ ଭିତ୍ତିକ ବକ୍ତବ୍ୟ ରଖିଥିଲେ। ସମସ୍ତ ବିଦ୍ୟୁତ ଉପକରଣ ବ୍ୟବହାର ସମୟରେ ସୁରକ୍ଷା ନିୟମ ପାଳନ କରିବା ସହ ଅପଚୟ ରୋକି ଶକ୍ତି ସଂଚୟ ଦିଗରେ ସଚେତନ ହେବା ଉଚିତ ବୋଲି ମତ ପ୍ରକାଶ ପାଇଛି। ଶିକ୍ଷୟିତ୍ରୀ ନୂତନ ନାୟକ, ଯାଜ୍ଞସିନୀ ମହାପାତ୍ର, ସ୍ୱରୂପା ହୋତା, ପ୍ରଜ୍ଞା ପରମିତା ବଘାର, ପ୍ରିୟମ୍ବଦା ଦେବ, ସବିତା ମିଶ୍ର, ରଶ୍ମିତା ଦାଶ, ସୌମ୍ୟା ସାହୁ, ବିଦ୍ୟୁରେଖା ସାହୁ, ଦେବସ୍ମିତା ପାଣିଗ୍ରାହୀ, ଲିଜା ସାହୁ, ସଂଗୀତା ସାହୁ, ସୋମନାଞ୍ଜଳି ସାହୁ, ନମିତା କର, ଅଂଶୁ ସାହାଣୀ, ଦୀପ୍ତି ବେହେରା, ରଶ୍ମିରେଖା ବାଗ, ସ୍ୱରଞ୍ଜିକା ରାଉତ ସହଯୋଗ କରିଥିଲେ।

## ଯାଦବ ସମାଜର ବାର୍ଷିକ ବୈଠକ

ବୌଦ୍ଧ,୩।୭(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡିପଦରରେ ଜାଲୋଇ କେନ୍ଦ୍ର ଯାଦବ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଟୁ ବଗର୍ତ୍ତିଙ୍କ ସଭାପତିତ୍ୱ ଏବଂ ରାକେଶ ଦୀପଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଯାଦବ ସମାଜର ସାଙ୍ଗଠନିକ ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସରକାରୀ ଓକିଲ ଭାବେ ନିଯୁକ୍ତ ହୋଇଥିବା ତୁଷାରକାନ୍ତ ଦୀପ ଓ ଧବଳେଶ୍ୱର ମନହୀରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ କୁଲୁତାଖଲି, କମ୍ପରା, ଜାଲୋଇ, ମୁଣ୍ଡିପଦର, ରାଉତ ବାହାଲ୍, ହରିପୁର, କାଶଲ୍‌ପୁର, ସୁବର୍ଣ୍ଣପୁର, ପଲସପାଟ ଓ ବଲାକିରା ଗ୍ରାମର ଯାଦବ ସମାଜର ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରକାଶ ବାଘ, ଶିଶିରକାନ୍ତ ଦୀପ, ଶରଦ କାଣ୍ଡ, ପ୍ରଭାକର ଦୀପ, ଉମେଶ ସାନ୍ଧ ସହଯୋଗ କରିଥିଲେ।





## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। ଅଟକି ଥିବା ଧନ ମିଳିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟ ଆଗରୁ ବଢ଼ାଇବାକୁ ପ୍ରୟାସ କରିବେ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ।

**ମିଥୁନ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଜମି କିଣିବା ଯୋଗ ଅଛି।

**ସିଂହ:** ପୁରୁଣା ନିବେଶରୁ ଲାଭ ମିଳିବ। ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଚକ୍ଷୁ ସମସ୍ୟା ଘେରି ପାରେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ କିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟବସାୟରେ ଲାଭ ମିଳିବ। ବୈବାହିକ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମୀନ:** ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଚାନକ ବିଦେଶ ଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

## ଆଜିର ଇତିହାସ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍‌ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ।
- ୧୯୪୬- ଫିଲିପାଇନ୍ସ ଆମରିକା ଠାରୁ ସ୍ୱାଧୀନ ହେଲା।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ।
- ୧୯୯୭- ନାସାର ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ।


## ଆଜି ବାହୁଡ଼ିଥିଲେ

# ସ୍ୱାମୀ ବିବେକାନନ୍ଦ



ସ୍ୱାମୀ ବିବେକାନନ୍ଦ ସନାତନ ଧର୍ମ ଓ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ଯୁବସମାଜ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସହ ଶାରୀରିକ ଶକ୍ତିର ବିକାଶକୁ ସେ ଗୁରୁତ୍ୱ ଦେଉଥିଲେ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ। ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ। ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଲାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ। ତାଙ୍କ ମା' ଭୁବେନଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ତାଙ୍କର ଜ୍ଞାନାର୍ଜନ ସ୍ପୃହା ଓ ଧାରଣାଶକ୍ତି ଅତି ଅଦ୍ଭୁତ ଥିଲା। ସେ ଗୋଟିଏ ଗୋଟିଏ ମୋଟା ବହିକୁ ଗୋଟିଏ ଦିନରେ ହିଁ ପଢ଼ି ଶେଷ କରିଦେଉଥିଲେ। ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା କଲିକତାର ଓ ଦୃଢ଼ମନର ଅଧିକାରୀ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୂପେ ବରଣ କରିଥିଲେ। ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କ ଦ୍ୱାରା ସମ୍ପାଦିତ କରାଇଥିଲେ। ମାତ୍ର ୨୬ ବର୍ଷ ବୟସରେ ସେ ସନ୍ୟାସୀ ହୋଇଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମମହାସଭାରେ ସଭାକୁ ସମ୍ବୋଧନ କରି ସେ "ପ୍ରିୟ ଆମେରିକାବାସୀ ଭାଇ ଓ ଭଉଣୀମାନେ" କହି ତାଙ୍କର ଓଜସ୍ୱିନୀ ବକ୍ତୃତାର ଆରମ୍ଭ କରିଥିଲେ। ଏହି ସମ୍ବୋଧନ ଏବଂ ଭାରତୀୟ ସଂସ୍କୃତି ଉପରେ ତାଙ୍କର ପାଣ୍ଡିତ୍ୟ ପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବାସହ ଭାରତୀୟ ମୂଲ୍ୟବୋଧକୁ ମଧ୍ୟ ବିଶ୍ୱ ଦରବାରରେ ପରିଚିତ କରାଇଥିଲା। ଏହାପରେ ସେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ। ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା।

# 'ରାମାୟଣ'ର ଭିଡିଓ ଲିକ୍ !



ନିର୍ଦ୍ଦେଶକ ନିତେଶ ତିୱାରିଙ୍କ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ଆସନ୍ତା ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଫିଲ୍ମ ନିର୍ମାତା ଏହାକୁ ଆନ୍ତର୍ଜାତିକ ସ୍ତରରେ ପ୍ରଦର୍ଶନ ପାଇଁ ପ୍ରମୋସନ୍‌ର କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ଏଥିରେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇପଲ୍ଲବୀ ଓ ରାବଣ ଭୂମିକାରେ ଯଶ୍ ଦେଖାଯିବେ। ଇତିମଧ୍ୟରେ ଏହାର ପ୍ରଥମ ପାର୍ଟର ସୁଟିଂ ସରି ଯାଇଛି। ଏବେ ଏହାର ଏଡିଟିଂ କାମ ଚାଲିଛି। ଏହି ସବୁ ଭିତରେ 'ରାମାୟଣ'ର ଏକ ୧୯ ସେକେଣ୍ଡର ଭିଡିଓ କ୍ଲିପ୍ ଲିକ୍ ହୋଇଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଭିଡିଓରେ ରଣବୀର କପୁର ନଜର ଆସୁଛନ୍ତି। ଏଥିରେ ଏକ ଯୁଦ୍ଧ ସିନ୍ ରହିଛି। ରଣବୀର ଏକ ବିଶାଳକାୟ ଦାନବ ଉପରକୁ ଶର ନିକ୍ଷେପ କରୁଥିବାର ଦେଖାଯାଉଛନ୍ତି। ସେହେଲେ ରଣବୀରଙ୍କ ଅପେକ୍ଷା ଦାନବ ଦର୍ଶକଙ୍କ ବେଶୀ ଦୃଷ୍ଟି ଆକର୍ଷଣ କରିଛି। ଏହି ସିନ୍ ଭାଇରାଲ ହେବା ପରେ କିଛି ଲୋକ ଏହାକୁ ନେଇ ଉତ୍ସାହିତ ଥିବାବେଳେ ଆଉ କିଛି ଜଣ ଏହାକୁ ଜବରଦସ୍ତ ଟ୍ରୋଲ୍ ମଧ୍ୟ କରୁଛନ୍ତି। କିଛି ୟୁଜର୍ସ ସୋସିଆଲ ମିଡିଆରେ ଲେଖୁଛନ୍ତି ଯେ, ଏଭଳି ଖରାପ ଗ୍ରାଫିକ୍ସ ଯୋଗୁଁ ଫିଲ୍ମର ୪୦୦୦ କୋଟି ଟଙ୍କାର ବଜେଟ୍ ସମ୍ପୂର୍ଣ୍ଣ ପାଣିରେ ଭାସିଯିବ। ଆଉ କିଛି ଜଣ 'ରାମାୟଣ'ରେ ଏଭଳି ଦାନବ କୋଉଠୁ ଆସିଲା ବୋଲି କହିଛନ୍ତି। ସେହିଭଳି ଆଉ କିଛି ଜଣ ଏହାକୁ 'ଆଦିପୁରୁଷ ୨' ବୋଲି କହିଛନ୍ତି। ଅବଶ୍ୟ ଆଉ କିଛି ଏହା ଏଆଇ ଦ୍ୱାରା ନିର୍ମିତ ଭିଡିଓ କହିଛନ୍ତି। ତେବେ ଏହି ଭାଇରାଲ କ୍ଲିପ୍‌କୁ ନେଇ ଫିଲ୍ମ ନିର୍ମାତା ଏଯାବତ୍ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

# ବିପଜ୍ଜନକ ହେଲା ଭାଇରାଲ ଟ୍ରେଣ୍ଡ

ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଟ୍ରେଣ୍ଡ ମାନ ଭାଇରାଲ ହୋଇଥାଏ। ସେଥିରୁ କିଛି ମଜାଳିଆ ଥିବା ବେଳେ ଆଉ କିଛି ଥାଏ ଖୁବ୍ ବିପଜ୍ଜନକ। ଏହି କ୍ରମରେ ଏବେ ଏକ ଟ୍ରେଣ୍ଡକୁ ନେଇ ଅଷ୍ଟ୍ରେଲିଆରୁ ଏକ ଭୟାନକ ମାମଲା ସାମ୍ନାକୁ ଆସିଛି। ଏଠାରେ ୧୦ ବର୍ଷ ବୟସର ଭାଇଲେଟ୍ ଜେରବଷ୍ଟ ଇଣ୍ଟରନେଟ୍‌ରେ ଏକ ଭିଡିଓକୁ ଦେଖି ଜେଲ୍ ଭର୍ତ୍ତି ଖେଳଣାକୁ ମାଇକ୍ରୋୱେଭ୍‌ରେ ଗରମ କଲା। ଏହାପରେ ତା'ସହିତ ଯାହା ଘଟିଲା, ତାହା ସମସ୍ତଙ୍କୁ ବ୍ୟଥିତ କରିଛି। ଭାଇଲେଟ୍ ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମ୍‌ରେ କିଛି ଭିଡିଓ ଦେଖୁଥିଲା। ଏଥିରେ ଦେଖିବାକୁ ମିଳିଥିଲା ଜେଲ୍ ଭର୍ତ୍ତି ଖେଳଣାକୁ ମାଇକ୍ରୋୱେଭ୍‌ରେ ରଖାଯାଉଛି ଏବଂ ୩୦ ସେକେଣ୍ଡର ଟାଇମର ସେଟ୍ କରାଯାଉଛି।

ସେ ମଧ୍ୟ ସେମିତି କରିଥିଲା। ଯେମିତି ସମୟ ପୂରା ହୋଇଛି, ଭାଇଲେଟ୍ ଖେଳଣାକୁ ସେଥିରୁ ବାହାର କଲା। ସେ ଦେଖିବାକୁ ଚାହୁଁଥିଲା, ଖେଳଣାଟି ନରମ ହୋଇଛି କି ନାହିଁ। ତେଣୁ ସେ ତାକୁ ଜୋର୍‌ରେ ଚାପି ଦେଲା। ଯେମିତି ସେ ତାହାକୁ ଦବାଇଛି ତାହା ଜୋର୍‌ରେ ଫାଟିଲା। ତା'ଭିତରେ ଥିବା ତରଳ ରସାୟନ ପଦାର୍ଥ ସିଧା ଭାଇଲେଟ୍‌ଙ୍କ ମୁହଁରେ ଲାଗିଲା। ତା'ର ପାଟିଶୁଣି ମା' ସିଧା ଦୌଡ଼ି ଆସି ତା' ମୁହଁରେ ଥଣ୍ଡା ପାଣି ପକାଇଲେ। ବାପା ଆମ୍ବୁଲାନ୍ସକୁ ଡାକିଲେ। ଏହି ଯନ୍ତ୍ରଣା ଏତେ ଭୟାବହ ଥିଲା ଯେ, ମୁହଁର ତ୍ୱଚା ତରଳି ଯେମିତି ତାହା ପାଟି ଭିତରକୁ ଯାଉଛି, ସେ ଅନୁଭବ କରୁଥିଲେ। ସେହିପରି ଲଗାତାର ସେ ତାହାକୁ ପାଟିରୁ ବାହାର କରୁଥିଲେ। ହସ୍‌ପିଟାଲରେ ପିଲାଟିର ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଚିକିତ୍ସା ଚାଲିଲା। ହସ୍‌ପିଟାଲ ଡାକ୍ତରଙ୍କ କହିବା ଅନୁସାରେ, ସେହି ସପ୍ତାହରେ ସ୍କୁଇସି ଟଏ ଟ୍ରେଣ୍ଡ ଯୋଗୁଁ ଆଉ କିଛି ପିଲା ଏମିତି ଗୁରୁତର ହୋଇ ହସ୍‌ପିଟାଲ ଆସିଥିଲେ। ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ପିଲାମାନେ କିଛି ଚିନ୍ତା ନ କରି ଇଣ୍ଟରନେଟ୍‌ରେ ଭାଇରାଲ ଟ୍ରେଣ୍ଡକୁ ଅନୁକରଣ କରୁଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମରେ ଦେଖାଯାଉଥିବା ଚ୍ୟାଲେଞ୍ଜ ପିଲାଙ୍କ ପାଇଁ ବିପଜ୍ଜନକ ହୋଇପାରେ। ବିଶେଷଜ୍ଞଙ୍କ କହିବା କଥା, ଏହି ଖେଳଣା ଭିତରେ ଜେଲ୍ ତଥା ରସାୟନ ଥାଏ। ଯାହାକି ମାଇକ୍ରୋୱେଭ୍ ଗରମକୁ ସହ୍ୟ କରିପାରେ ନାହିଁ ଏବଂ ବିସ୍ଫୋରଣ ଘଟିଥାଏ। ଏଭଳିସ୍ଥିତିରେ ବାପାମାଆଙ୍କୁ ଖୁବ୍ ସତର୍କ ରହିବାର ଆବଶ୍ୟକ ଅଛି। ବିଶେଷକରି ପିଲା ଫୋନ୍‌ରେ କ'ଣ ଦେଖୁଛି ଏବଂ ଏକୁଟିଆରେ କ'ଣ ସବୁ ପରୀକ୍ଷା କରୁଛି।



## ପ୍ରହେଳିକା



- ସ୍ନାନ ବିଧି କର୍ମ ହୋଇଲେ ଅନ୍ତ
  ଜ୍ୱରରେ ପୀଡ଼ିତ ହୁଅନ୍ତି ନାଥ
  ଶ୍ରଦ୍ଧାଳୁଙ୍କ ଠାରୁ ଦୂରରେ ରହି
  ବିଶ୍ରାମ କରନ୍ତି ଜଗତ ସାଇଁ
  ହୁଏ ଜ୍ୱର ଉପଚାର
  କେଉଁ ଗୃହେ ପ୍ରଭୁ ଚିକିତ୍ସା ହୁଅନ୍ତି
  କୁହ ଦେଖି ନାମ ତା'ର।

  ଉତ୍ତର-ଅଣସର ଗୃହ

- ସ୍ନାନଯାତ ପରେ କଳା ସାଆନ୍ତ
  ଜ୍ୱରରେ ପୀଡ଼ିତ ହୁଅନ୍ତି ନାଥ
  ବିଶ୍ରାମ କରନ୍ତି କଳା କହ୍ନେଇ
  ଭକ୍ତଙ୍କୁ ଦର୍ଶନ ଦିଅନ୍ତି ନାହିଁ
  ପ୍ରଭୁଙ୍କୁ ନ ଦେଖି ବିକଳ ହୋଇ
  ବ୍ରହ୍ମଗିରି ଭକ୍ତ ଯାଆନ୍ତି ଧାଇଁ
  ଅଣସର କାଳେ ସିଏ
  ଦାରୁଙ୍କ ବଦଳେ ଦର୍ଶନ ଦିଅନ୍ତି
  କୁହ ତାଙ୍କ ନାମ କିଏ।

  ଉତ୍ତର-ପ୍ରଭୁ ଅଲାରନାଥ

- ଅଣସରେ ହୁଏ ଚିକିତ୍ସା ବିଧି
  କରନ୍ତି ସେବକ ଦିନ ଏ ରାତି
  ତେଲ ଉପଚାର ନିଇତି ହୁଏ
  ଶରୀରରୁ ପୀଡ଼ା ଦୂରେଇ ଦିଏ
  ନାନା ଜାତି ପୁଷ୍ପ, ଚେର ଓ ମୂଳ
  ରାଶି ତୈଳେ ହୋଇଥାଏ ମିଶ୍ରଣ
  ପ୍ରଭୁଙ୍କ ଶ୍ରୀଅଙ୍ଗେ ସିଏ
  ଜ୍ୱର ବ୍ୟାଧି ପାଇଁ ହୁଅଇ ଲେପନ
  କୁହତ ତା'ନାମ କିଏ।

  ଉତ୍ତର-ଫୁଲୁରି ତେଲ

ତେନ୍ତୁଳିପଦା, ଜଗତସିଂହପୁର

# ଜଗତେ ସୁଖୀ କିଏ



ମନୀଷା ପଣ୍ଡା

ଜଗତେ ସୁଖୀ
ସେଇ ଲୋକଟି
ଅନ୍ୟ ଖୁସିରେ ଦିଏ ଯେ ହସି
ଈର୍ଷା ଭାବଟି ନାହିଁ,
ଲୋଭ ଘୃଣାରୁ
ଦୂରେଇ ଯାଏ
ସୁଖୀ ମଣିଷ ସେହି।।
କାଉ କହିଲା ହଂସକୁ ଦିନେ
କେତେ ଦୁଃଖୀ ମୁଁ ସତେ
କର୍କଶ କଣ୍ଠ କାଳିଆ ଦେହ
ସଭିଙ୍କ ଘୃଣା ମୋତେ।।
ହଂସଟି କହେ ବାଇଆଟା ତୁ
ମୋତେ କି ଭାବୁ ସୁଖୀ
ଏତେ ଯେ ରଙ୍ଗ ରଖି ବିଧାତା
ନ ଦେଲା ମୋତେ ମାଖି
ଧଳା ଦେହରେ
କେତେ କଷ୍ଟରେ
ଜଳେ ପହଁରୁ ଥାଏ,
ଖାଇବା ପାଇଁ ଦିବସ ରାତି
ଡେଣାକୁ କଷ୍ଟ ଦିଏ।
ମୟୂର କହେ ଭାବିଛ ଦୁହେଁ
ନାନାଦି ରଙ୍ଗ ଦେଇ
ପ୍ରକୃତି ମୋତେ ଦେଇଛି ଗଢ଼ି
ମୋର ଦୁଃଖ କି ନାହିଁ?
ବିଶାଳ ଡେଣା ପୁଚ୍ଛ ମେଲେଇ
ଯେବେ ମୁଁ ଖୁସି ହୁଏ,
ଅରିର ଲୋଭ କବଳେ ପଡ଼ି
ଭୟରେ ଥରୁଥାଏ।
ସଭିଙ୍କୁ ଦୁଃଖ ଦେଇଛି ବିହି
ସୁଖ ଭିତରେ କିଛି,
ଅଳପ ପାଇ ଯେ
ଶାନ୍ତିରେ ରୁହେ,
ଜଗତେ ସିଏ ସୁଖୀ। ■

ଅଙ୍କରାନ୍ତିପୁର, ଢେଙ୍କାନାଳ





# ରାଜେଶର ଭକ୍ତି ଓ ଅଲାରନାଥଙ୍କ ମହିମା






ଶୁଭନାରାୟଣ ଶତପଥୀ

ଅଣସର ସମୟ। ଏହି ସମୟରେ ବ୍ରହ୍ମଗିରି ଅଲାରପୁର ଗ୍ରାମରେ ଥିବା ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନର ସମଫଳ ମିଳେ ବୋଲି ଜାଣି ରାଜେଶ ଓ ତାର ମାଆ ବ୍ରହ୍ମଗିରି ବାହାରିଲେ ଦର୍ଶନ କରିବାକୁ। ରାଜେଶ ଓ ତାର ମାଆ ପୁରୀରେ ପହଞ୍ଚିଲା ବେଳକୁ ସଞ୍ଜ ନଇଁ ଆସିଲାଣି। ସେମାନେ ଦେଖିଲେ ବ୍ରହ୍ମଗିରିକୁ ଅନେକ ଗାଡ଼ି ଯାଉଛି କିନ୍ତୁ କେହି ଅଟକୁ ନାହାଁନ୍ତି। ସବୁ ଗାଡ଼ି ବହୁତ ଭିଡ଼। ଏପଟେ ସମୟ ଗଡ଼ି ଚାଲିଛି। ତେଣୁ ବ୍ରହ୍ମଗିରି ଯିବାର ଆଶା ସେମାନଙ୍କର ଧୀରେ ଧୀରେ ମଉଳି ଯାଉଥାଏ। ରାଜେଶର ମାଆ କହିଲେ, ଆଜି ପୁରୀରେ ରହିଯିବା, କାଲି ବ୍ରହ୍ମଗିରି ଯିବା। ରାଜେଶ ମାନିବାକୁ ନାରାଜ। ଆଜି ସେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବ ଓ ଖିରି ଭୋଗ ବି ପାଇବ। ମନେମନେ ଶ୍ରୀଅଲାରନାଥଙ୍କୁ କହୁଥାଏ ମୁଁ କଣ ସତରେ ଆଜି ଦର୍ଶନ କରିପାରିବିନି କି ଖିରି ଟିକେ ପାଇପାରିବିନି? ମାଆ ଫେରିବାକୁ ବାହାରିଲେ। ଠିକ୍ ଏହି ସମୟରେ ଏକ ଅଟୋରିକ୍ସା ଆସି ପହଁଚି ପଚାରିଲା ବ୍ରହ୍ମଗିରି ଯିବକି ? ରାଜେଶ ଖୁସିରେ ହଁ କହି ସଙ୍ଗେ ସଙ୍ଗେ ବସିପଡ଼ିଲା। ମାଆ ବି ବସିଲେ। ଗାଡ଼ି ଚାଲିଲା ବ୍ରହ୍ମଗିରିକୁ। ଖୁବ୍ କମ୍ ସମୟ ମଧ୍ୟରେ ରାଜେଶ ଓ ତାର ମାଆ ପହଞ୍ଚିଗଲେ ବ୍ରହ୍ମଗିରିରେ। ସେତେବେଳକୁ ରାତି ନଅଟା ହେଲାଣି। ସେଠାରେ ଦେଖନ୍ତି ତ ଦର୍ଶନ ପାଇଁ ଲମ୍ବା ଧାଡ଼ି ହୋଇଛି। ରାଜେଶ ପଚାରିଲା ଏତେ ଭିଡ଼ କ'ଣ ପାଇଁ। ଭକ୍ତମାନେ କହିଲେ ଆଜି ପରା ଏକାଦଶୀ ବେଢ଼ା। ରାଜେଶ ଓ ତାର ମାଆ ଧାଡ଼ିରେ ଦୁଇଘଣ୍ଟା ଠିଆ ହୋଇ ଶେଷରେ ମନ୍ଦିରକୁ ପ୍ରବେଶ କଲେ। ସେତେବେଳକୁ ରାତି ଏଗାରଟା। ପୂଜକ ପହୁଡ଼ ପକାଇବାକୁ ବାହାରିଲେଣି। ହଠାତ୍ କେହି ଜଣେ ରାଜେଶର ହାତକୁ ଟାଣିନେଲା। ରାଜେଶ ଦେଖିଲା ତାର ସାଙ୍ଗ ଦିନେଶ। ପଚାରିଲା, କିରେ ତୁ ଏଠି କଣ ? ଦିନେଶ କହିଲା ସବୁ କହିବି ତୁ ଆଗ ଦର୍ଶନ କରିଦେ। ରାଜେଶ ଓ ତାର ମାଆଙ୍କୁ ନେଇ ଶ୍ରୀ ଅଲାରନାଥଙ୍କ ସମ୍ନାରେ ଠିଆ କରାଇଦେଲା ଦିନେଶ। ଅଲାରନାଥଙ୍କ ଶ୍ରୀଚରଣରେ ମୁଣ୍ଡିଆ ମାରି ରାଜେଶ ଓ ତାର ମାଆ ବାହାରକୁ ବାହାରିଲେ। ତାପରେ ପହୁଡ଼ ପଡିଲା। ଦିନେଶ କହୁଥାଏ, ବୁଝିଲୁ ରାଜେଶ ମୋ ଘର ଏଇ ଅଲାରପୁର। ଆଉ ମୋ ବାପା ଅଲାରନାଥଙ୍କ ସେବକ। ରାଜେଶ ଏଥର ସବୁ ବୁଝିପାରିଲା। ଦିନେଶ ମାମୁଘରେ ରହି ପଢୁଛି ବୋଲି ରାଜେଶ ସହିତ ତାର ସାଙ୍ଗ। ରାଜେଶର ମା' ଦିନେଶ ହାତରେ ଦୁଇଶହ ଟଙ୍କା ଦେଇ କହିଲେ ତୁ ଟିକେ ରାଜେଶ ପାଇଁ ଖିରି ଆଣିଦିଅନ୍ତୁନି। ଦିନେଶ ଦେଖିଲା ଆନନ୍ଦ ବଜାରରେ ସବୁ ଦୋକାନ ବନ୍ଦ ହେଲାଣି। ଖିରି କୋଉଠୁ ମିଳିବ ? ରାଜେଶର ମନଦୁଃଖ ହେଲା। ଦିନେଶ କହିଲା, ଆସ ଆମ ଘରକୁ ଯିବା। ତୁମେମାନେ କାଲି ସକାଳେ ଯିବ। ଏତେ ରାତିରେ ଆଉ କୁଆଡେ ଯିବ ? ମୁଁ ତୋ ପାଇଁ ଖିରି ନିଶ୍ଚୟ ଆଣିବି। ପରିସ୍ଥିତି ଦେଖି ବାଧ୍ୟ ହୋଇ ରାଜେଶ ଓ ତାର ମାଆ ଦିନେଶର ଘରକୁ ଗଲେ। ଦିନେଶର ବାପା ଆଣିଥିବା ଖିରି ଖାଇ ରାତିରେ ଶୋଇ ପଡ଼ିଲେ। ସକାଳ ହେଲା। ରାଜେଶ ଉଠି ଦେଖେତ ତାଙ୍କ ପାଖରେ କେହି ନାହାଁନ୍ତି। ନା ଦିନେଶ ନା ଦିନେଶର ବାପା ମାଆ। ସେମାନେ ଏକ ମଠରେ ଶୋଇଛନ୍ତି। ଦୁହେଁ ଉଠି ଗାଧୋଇ ପାଧୋଇ ଘରକୁ ଫେରିବାକୁ ବାହାରିଲେ। ଏତିକିବେଳେ ଜଣେ ସାଧୁ ଏକ ଗରମ ଖିରି ଥିବା ଓଳି ଧରି ଆସିଲେ। କହିଲେ ଗୋଟିଏ ପିଲା ଆସିଥିଲା ଦିନେଶ ବୋଲି ତା ନାଁ କହିଲା ଏହି ଖିରି ଓଳି ଦେଇ କହିଲା ତୁମକୁ ଦେବାକୁ। ଏହାକୁ ନିଅ। ମହ ମହ ବାସୁଥାଏ ଖିରି। ରାଜେଶ ପଚାରିଲା ଆଉ ଦିନେଶ। ସାଧୁ ଜଣକ କହିଲେ ସେ ସ୍କୁଲ ଡ୍ରେସ୍ ତ ପିନ୍ଧିଥିଲା। ସ୍କୁଲକୁ ଯାଇଥିବ ବୋଧହୁଏ। ଖିରି ଓଳି ନେଇ ରାଜେଶ ଓ ତାର ମାଆ ଘରକୁ ଫେରିଲେ। ଗାଁରେ ପହଁଚି ଦେଖିଲା ଦିନେଶ ଖେଳୁଛି। ଦିନେଶକୁ ପଚାରିଲା ତୁ କେତେବେଳେ ଆସିଲୁ? ଦିନେଶ ପଚାରିଲା କେଉଁଠୁ ? ରାଜେଶ କହିଲା ଅଲାରପୁରରୁ। ଦିନେଶ କହିଲା ମୁଁ ତ ଗାଁରେ ଅଛି କୁଆଡ଼େ ଯାଇନି। ରାଜେଶ ଓ ତାର ମାଆ ବୁଝିପାରୁଥିଲେ ସବୁ। ମାଆ କହୁଥିଲେ ଏସବୁ ତୋର ଭକ୍ତି ଓ ଅଲାରନାଥଙ୍କ ମହିମା। ■

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## କୁନି ହାତରେ ତୁଳୀ





ଅନୀଷା ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ





ବୈଭବ କୁମାର ପାତ୍ର
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





କ୍ରିଷ୍ଟାଲ ପଣ୍ଡା
ତୃତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା





ମାନସ ରଞ୍ଜନ ଆଚାର୍ଯ୍ୟ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର

ସକାଳ
THE SAKALA
www.sakalaepaper.com






# ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ-ସ୍ପେନ୍ ଲଢ଼େଇ

ଟରଣ୍ଟୋ,୩।୭ (ଏଜେନ୍ସି)

ଗୋନକାଲୋ ରାମୋସଙ୍କ ଷ୍ଟପେଜ୍ ଟାଇମ୍ ଗୋଲରେ ପର୍ତ୍ତୁଗାଲ ୨-୧ ଗୋଲରେ କ୍ରୋଏସିଆକୁ ପରାସ୍ତ କରି ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ସହ ସ୍ପେନର ମୁକାବିଲା ହେବ। ଗୁରୁବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ରାଉଣ୍ଡ-୩୨ ମୁକାବିଲାରେ ସ୍ପେନ୍ ୩-୦ରେ ଅଷ୍ଟ୍ରିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ରଖିଛି। ୟୁରୋପ ମହାଦେଶର ଏହି ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ଡଲାସ ଷ୍ଟାଡିୟମ୍‌ରେ ଆସନ୍ତା ଜୁଲାଇ ୬ ତାରିଖ ସୋମବାର ରାତି ୧୨ଟା ୩୦ ମିନିଟ୍‌ରେ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ।



ଟରଣ୍ଟୋରେ ଖେଳାଯାଇଥିବା ପର୍ତ୍ତୁଗାଲ ଓ କ୍ରୋଏସିଆ ମଧ୍ୟରେ ଲଢ଼େଇ ଜୋରଦାର ହୋଇଥିଲା। ଏହି ମ୍ୟାଚ୍‌ରେ ବିଶ୍ୱର ଦୁଇ ୪୦ ବର୍ଷରୁ ଉର୍ଦ୍ଧ୍ୱ ତଥା ସୁପରଷ୍ଟାର ଖେଳାଳି ଟାଇଟଲ ଜିତିବା ଲାଗି ଶେଷ ଚେଷ୍ଟା ଚଳାଇଥିଲେ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ କ୍ରୋଏସିଆର ଲୁକା ମୋଡ୍ରିଚ୍ ଶେଷଥର ଲାଗି ବିଶ୍ୱକପ୍ ଖେଳୁଥିଲେ। ଉଭୟ ଦଳ ମଧ୍ୟରେ ଲଢ଼େଇ ଜୋରଦାର ଚାଲିଥିଲାବେଳେ ଖେଳର ୫୩ତମ ମିନିଟ୍‌ରେ ଜୋଶିପ ସାନିଚ୍‌ଙ୍କଠାରୁ ପାଶ୍ ପାଇ ଇଭାନ ପେରିସିଚ୍ ମ୍ୟାଚ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଫଳରେ କ୍ରୋଏସିଆ ୧-୦ ଗୋଲରେ ଅଗ୍ରଣୀ ନେଇଥିଲା। ଏହି ସମୟରେ ପର୍ତ୍ତୁଗାଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବଲ ଟଚ୍ କଲାମାତ୍ରେ କ୍ରୋଏସିଆ ସମର୍ଥକ ଚିଲାଇବାକୁ ଲାଗୁଥିଲେ। ଖେଳର ୬୮ତମ ମିନିଟ୍‌ରେ କ୍ରୋଏସିଆ ଗୋଲ ପୋଷ୍ଟ ଏରିଆରେ ନିକୋଲା ଭ୍ଲାସିଚ୍‌ଙ୍କ ହ୍ୟାଣ୍ଡବଲ ହୋଇଥିଲା। ଫଳରେ ପର୍ତ୍ତୁଗାଲକୁ ମିଳିଥିବା ପେନାଲ୍ଟିରୁ ରୋନାଲ୍ଡୋ ସହଜରେ ଗୋଲ ସ୍କୋର କରି ଖେଳକୁ ସମାନସ୍ତରକୁ ନେଇଆସିଥିଲେ। କିନ୍ତୁ ଖେଳର ୮୧ତମ ମିନିଟ୍‌ରେ ରାମୋସଙ୍କ ଗୋଲ ପର୍ତ୍ତୁଗାଲକୁ ବିଜୟୀ କରାଇଥିଲା। ପର୍ତ୍ତୁଗାଲ ୨-୧ରେ ଆଗୁଆ ଥିଲାବେଳେ ଷ୍ଟପେଜ୍ ଟାଇମ୍‌ରେ କ୍ରୋଏସିଆ ଆଉ ଏକ ଗୋଲ କରିଥିଲା। ଦଳ ୨-୨ରେ ଖେଳକୁ ସମାନସ୍ତରକୁ ନେଇଆସିଥିବାରୁ ଆନନ୍ଦରେ ନାଚିଥିଲେ। କିନ୍ତୁ ଭିଏଆର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରୀ) ମାରିଓ ପାଲିସିଚ୍‌ଙ୍କୁ ଅଫ୍ ସାଇଡ୍ କରିଥିଲେ। ଫଳରେ ଏହି ଗୋଲଟି ନାକଚ ହୋଇଥିଲା ଓ ପର୍ତ୍ତୁଗାଲ ୨-୧ ଗୋଲରେ ବିଜୟୀ ହୋଇ ସ୍ପେନ୍ ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚଳିତ ବିଶ୍ୱକପ୍‌ରେ ପୁଣିଥରେ ଭିଏଆର୍‌କୁ ନେଇ ବିବାଦ ସୃଷ୍ଟି ହୋଇଛି।

## ରୋନାଲ୍ଡୋଙ୍କ ଆଉ ଏକ ରେକର୍ଡ

ଟରଣ୍ଟୋ,୩।୭ (ଏଜେନ୍ସି): ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏଠାରେ ଗୁରୁବାର ଖେଳାଯାଇଥିବା କ୍ରୋଏସିଆ ବିପକ୍ଷ ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ୪୧ବର୍ଷ ୪ ମାସ ୨୭ ଦିନରେ ସେ ଏହି ମ୍ୟାଚ୍‌ରେ ପଦାର୍ପଣ କରିବା ଫଳରେ ବିଶ୍ୱକପ୍‌ର ନକ୍‌ଆଉଟ ମ୍ୟାଚ୍‌ରେ ବୟୋଜ୍ୟେଷ୍ଠ ଆଉଟଫିଲ୍ଡ (ଗୋଲକିପରଙ୍କ ବ୍ୟତୀତ) ଖେଳାଳି ହେବାର ରେକର୍ଡ କରିଛନ୍ତି। କ୍ରୋଏସିଆର ଲୁକା ମୋଡ୍ରିଚ୍ ୪୦ବର୍ଷ ୨୯୬ ଦିନ, ବୋସ୍‌ନିଆ ଓ ହର୍ଜଗୋଭିନାର ଏଡିନ୍ ଜେକୋ ୪୦ ବର୍ଷ ୧୦୬ ଦିନରେ ଚଳିତବର୍ଷ ନକ୍‌ଆଉଟରେ ଖେଳିଥିଲେ। ଅବଶ୍ୟ ଜେକୋଙ୍କ ରେକର୍ଡ ରୋନାଲ୍ଡୋ ଭାଙ୍ଗିଛନ୍ତି। ରୋନାଲ୍ଡୋ କ୍ରମାଗତ ୬ଷ୍ଠ ବିଶ୍ୱକପ୍ ଖେଳିବା ସହ ସମସ୍ତ ବିଶ୍ୱକପ୍‌ରେ ଗୋଲ ଦେବାର ରେକର୍ଡ କରିଛନ୍ତି। ଲିଓନେଲ ମେସି ମଧ୍ୟ ସର୍ବାଧିକ ୬ଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି।

## ହେଡ୍ କୋଚ୍‌ଙ୍କୁ ବିଦା କଲା ଜର୍ମାନୀ

ବର୍ଲିନ୍,୩।୭ (ଏଜେନ୍ସି): ପାରାଗୁଏଠାରୁ ରାଉଣ୍ଡ ଅଫ୍-୩୨ ମୁକାବିଲାରେ ପରାଜିତ ହେବା ପରେ ଜର୍ମାନୀ ଫୁଟବଲରେ ବ୍ୟାପକ ପରିବର୍ତ୍ତନ ହୋଇଛି। ପ୍ରଥମେ ଦଳ ହେଡ୍ କୋଚ୍ ଜୁଲିଆନ୍ ନାଗେଲସମ୍ୟାନ୍‌ଙ୍କୁ ବିଦା କରିଛି ଜର୍ମାନୀ ଫୁଟବଲ ଫେଡେରେସନ। ୩୮ ବର୍ଷୀୟ ଜୁଲିଆନ ଫେଡେରେସନର ପ୍ରସ୍ତାବକୁ ଗ୍ରହଣ କରିଥିଲେ। କିନ୍ତୁ ତାଙ୍କୁ ୨୦୨୮ ୟୁରୋପିଆନ୍ ଚାମ୍ପିଅନସିପ୍ ଯାଏ ହେଡ୍ କୋଚ୍ ଭାବେ ଚୁକ୍ତିବଦ୍ଧ କରାଯାଇଥିଲା। ସମାନ ପରିସ୍ଥିତିରେ ୨୦୨୨ ବିଶ୍ୱକପ୍ ପରେ ୨୦୨୩ରେ ମଧ୍ୟ ହେଡ୍ କୋଚ୍ ହାନ୍ସି ଫ୍ଲିକ୍ ଜର୍ମାନୀ ପ୍ରଥମ ରାଉଣ୍ଡରେ ହାରିଯିବା ପରେ ବିଦା ହୋଇଥିଲେ। ଗତ ୩ଟି ବିଶ୍ୱକପ୍ ମଧ୍ୟରୁ ଜର୍ମାନୀ ୨ଥର ପ୍ରଥମ ରାଉଣ୍ଡରେ ଓ ଏଥର ନୂଆ କରି ହୋଇଥିବା ରାଉଣ୍ଡ ଅଫ୍-୩୨ରୁ ବିଦା ହୋଇଥିଲା।

## ୮୮ ବର୍ଷ ପରେ ସ୍ୱିଜରଲାଣ୍ଡ ଜିତିଲା ନକ୍‌ଆଉଟ ମ୍ୟାଚ୍

ଭାଙ୍କୋଭର,୩।୭ (ଏଜେନ୍ସି): ଏଠାରେ ଗୁରୁବାର ରାତିରେ ଅନୁଷ୍ଠିତ ଅନ୍ୟ ଏକ ରାଉଣ୍ଡ-୩୨ ଖେଳରେ ଆଲଜେରିଆକୁ ୨-୦ ଗୋଲରେ ପରାସ୍ତ କରି ସ୍ୱିଜରଲାଣ୍ଡ ଫିଫା ବିଶ୍ୱକପ୍ ରାଉଣ୍ଡ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ବ୍ରିଲ ଏମ୍ବୋଲୋ ଓ ଡାନ୍ ଏନ୍‌ଡୋଏ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସ୍ପେନ୍ ଭଳି ଏହି ୟୁରୋପୀୟ ରାଷ୍ଟ୍ର ମଧ୍ୟ ସହଜ ବିଜୟ ହାସଲ କରିଥିଲା। ଦଳ ଖେଳକୁ ନିୟନ୍ତ୍ରଣକୁ ଆଣିବା ପରେ ସିନିୟର ଖେଳାଳିଙ୍କୁ ବଦଳାଇ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ଏହା ସତ୍ତ୍ୱେ ୧୯୩୮ ପରେ ସ୍ୱିଜରଲାଣ୍ଡ ପ୍ରଥମଥର ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଥିଲା। ପ୍ରି-କ୍ୱାର୍ଟର ଫାଇନାଲରେ ଦଳ କଲମ୍ବିଆ ଓ ଘାନା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତାକୁ ଭେଟିବ।

## ଆଜିଠାରୁ ରାଉଣ୍ଡ-୧୬ ମୁକାବିଲା

ଡଲାସ, ୩।୭ (ଏଜେନ୍ସି): ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୧୬ର ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ, ସେହି ଦଳ କ୍ୱାର୍ଟର ଫାଇନାଲରେ ଖେଳିବ। ଏଣୁ ଏହି ମ୍ୟାଚ୍ ଗୁଡ଼ିକର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ରାଉଣ୍ଡ ଅଫ୍ ୧୬ରେ ରିପୋର୍ଟ ଲେଖା ହେଲା ବେଳକୁ ୧୩ଟି ଦଳ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ରାଉଣ୍ଡ ଅଫ୍ ୩୨ରେ ବାକିଥିବା ୩ଟି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ଆଜି ରାତି ଓ ଆସନ୍ତାକାଲି ସକାଳେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ନିର୍ଣ୍ଣିତ ହେବା ପରେ କେଉଁ ଦଳ କାହା ସହ ଖେଳିବ ତାହା ଚୂଡ଼ାନ୍ତ ହେବ।

**ପ୍ରି-କ୍ୱାର୍ଟରଫାଇନାଲ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁଲାଇ ୪ | କାନାଡା-ମରୋକ୍କୋ | ହଷ୍ଟନ | ରାତି ୧୦ଟା ୩୦ |
| ଜୁଲାଇ ୪ | ଫ୍ରାନ୍ସ- ପାରାଗୁଏ | ଫିଲାଡେଲଫିଆ | ରାତି ୨ଟା ୩୦ |
| ଜୁଲାଇ ୫ | ବ୍ରାଜିଲ-ନରୱେ | ନ୍ୟୁୟର୍କ | ରାତି ୧ଟା ୩୦ |
| ଜୁଲାଇ ୬ | ଇଂଲଣ୍ଡ-ମେକ୍ସିକୋ | ମେକ୍ସିକୋ ସିଟି | ସକାଳ ୫ଟା ୩୦ |
| ଜୁଲାଇ ୬ | ପର୍ତ୍ତୁଗାଲ-ସ୍ପେନ୍ | ଡଲାସ | ରାତି ୧୨ଟା ୩୦ |
| ଜୁଲାଇ ୭ | ଆମେରିକା-ବେଲଜିୟମ | ସିଆଟଲ | ସକାଳ ୫ଟା୩୦ |
| ଜୁଲାଇ ୭ | ଆର୍ଜେଣ୍ଟିନା/କେପ୍‌ଭର୍ଡ ଅଷ୍ଟ୍ରେଲିଆ/ଇଜିପ୍ଟ | ଆଟଲାଣ୍ଟା | ରାତି ୯ଟା୩୦ |
| ଜୁଲାଇ ୭ | ସ୍ୱିଜରଲାଣ୍ଡ ବନାମ କଲମ୍ବିଆ/ଘାନା | ଭାଙ୍କୋଭର | ରାତି ୧ଟା ୩୦ |

ଏହି ରାଉଣ୍ଡରେ ୧୬ଟି ମଧ୍ୟରୁ ୧୩ଟି ଦଳ ଚୂଡ଼ାନ୍ତ ହୋଇଛି। କିନ୍ତୁ ୮ଟି ମ୍ୟାଚ୍ ମଧ୍ୟରୁ ୬ଟିରେ କିଏ କାହା ସହ ଖେଳିବ ତାହା ଚୂଡ଼ାନ୍ତ ହୋଇଛି। ଆସନ୍ତାକାଲି ହଷ୍ଟନ୍‌ରେ ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟ୍‌ରେ ଖେଳାଯିବ। ଯୁଗ୍ମ ଆୟୋଜକ କାନାଡା ଓ ମରୋକ୍କୋ ସହ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଦକ୍ଷତା, ମାନ୍ୟତା ଓ ଚଳିତ ବିଶ୍ୱକପ୍‌ରେ ପ୍ରଦର୍ଶନକୁ ଦେଖିଲେ ମରୋକ୍କୋ ଏହି ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି। ତେବେ ଲଢ଼ୁଆ ଖେଳିଥିବା କାନାଡାଠାରୁ କିଛି ଅପ୍ରତ୍ୟାଶିତ ପ୍ରଦର୍ଶନ ଆଶା କରାଯାଇ ପାରେ।

## ସ୍ପେନ୍‌ର ସହଜ ବିଜୟ



ଲସ୍ ଏଞ୍ଜେଲ୍ସ, ୩।୭ (ଏଜେନ୍ସି): ମାଇକେଲ ଓୟାରଜାବଲଙ୍କ ଡବଲ ଗୋଲ ବଳରେ ଏଠାରେ ଗୁରୁବାର ରାତିରେ ଖେଳାଯାଇଥିବା ଆଉ ଏକ ରାଉଣ୍ଡ-୩୨ ମୁକାବିଲାରେ ସ୍ପେନ୍ ୩-୧ ଗୋଲରେ ଅଷ୍ଟ୍ରିଆକୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ସହ ମୁକାବିଲା ପାଇଁ ଯୋଗ୍ୟତା ଅର୍ଜନ କରିଛି। ବିଜୟୀ ଦଳ ପକ୍ଷରୁ ପେଡ୍ରୋ ପୋରୋ ଆଉ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଏହି ମୁକାବିଲାରେ ସ୍ପେନର ଦକ୍ଷତା ଆଗରେ ଅଷ୍ଟ୍ରିଆ ସମକକ୍ଷ ହୋଇ ନ ଥିଲେ ମଧ୍ୟ ଲଢ଼େଇ କରିଥିଲା। ଖେଳର ୩୯ ଓ ୮୯ ମିନିଟ୍‌ରେ ଓୟାରଜାବଲ ଏବଂ ୬୬ତମ ମିନିଟ୍‌ରେ ପୋରୋ ଗୋଲ ସ୍କୋର କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ସ୍ପେନ୍‌ର ମିଡ୍‌ଫିଲ୍ଡର ମାର୍କ କାକୁରେଲାଙ୍କ ଖେଳ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ସେ ୨ଟି ଗୋଲ୍ କରିବାରେ ଆସିଷ୍ଟ କରିଥିଲାବେଳେ ମିଡ୍‌ଫିଲ୍ଡକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ତାଙ୍କୁ ହିଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ୨୦୧୦ ପରେ ସ୍ପେନ୍ ପ୍ରଥମଥର ଫିଫା ବିଶ୍ୱକପ୍ ନକ୍‌ଆଉଟ ମୁକାବିଲାରେ ବିଜୟୀ ହେବାରେ ସମର୍ଥ ହୋଇଛି। ପର୍ତ୍ତୁଗାଲ ସହ ଏହାର ଅସଲ ପରୀକ୍ଷା ହେବ।

### ଟିନ୍‌ଏଜ୍ ଖେଳାଳିଙ୍କ ରେକର୍ଡ

ଏହି ମ୍ୟାଚ୍‌ରେ ସ୍ପେନ୍ ଦୁଇଜଣ ଟିନ୍‌ଏଜ୍ ଖେଳାଳିଙ୍କୁ ପ୍ରଥମ ଏକାଦଶରେ ସାମିଲ କରି ରେକର୍ଡ କରିଥିଲା। ପୂର୍ବରୁ ୧୮ ବର୍ଷୀୟ ଲାମିନେ ଜମାଲ ବିଶ୍ୱକପ୍‌ରେ ଡେବ୍ୟୁ କରିସାରିଥିଲେ। ଏହି ମ୍ୟାଚ୍‌ରେ ସ୍ପେନ୍ ୧୯ ବର୍ଷୀୟ ଡିଫେଣ୍ଡର ପାଓ କୁବାର୍ସିଙ୍କୁ ଖେଳିବାର ସୁଯୋଗ ଦେଇଥିଲା। ୧୯୫୮ ସଂସ୍କରଣର ୱେଲ୍ସ ବିପକ୍ଷ କ୍ୱାର୍ଟରଫାଇନାଲରେ ବ୍ରାଜିଲ ଦୁଇ ଜଣ ଟିନ୍‌ଏଜ୍ ଖେଳାଳି ପେଲେ ଓ ଜୋଶ ଆଲଟାଫିନିଙ୍କୁ ଖେଳିବାର ସୁଯୋଗ ଦେଇଥିଲା।

## ଚତୁର୍ଥ ରାଉଣ୍ଡରେ ପେଗୁଲା

ଲଣ୍ଡନ,୩।୭ (ଏଜେନ୍ସି): ଏଠାରେ ଚାଲିଥିବା ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ଆମେରିକୀୟ ମହିଳା ତାରକା ଜେସିକା ପେଗୁଲା ଓ ଜର୍ମାନୀର ଅଭିଜ୍ଞ ପୁରୁଷ ଖେଳାଳି ଆଲେକ୍ସଜାଣ୍ଡାର୍ ଜ୍ୱେରେଭ ବିଜୟ ଅଭିଯାନ ଜାରି ରଖିଛନ୍ତି। ଚତୁର୍ଥ ସିଡ୍ ପେଗୁଲା ମହିଳା ସିଙ୍ଗଲ୍ସର ତୃତୀୟ ରାଉଣ୍ଡରେ ଶୁକ୍ରବାର ସ୍ପେନ୍‌ର ଜେସିକା ବୁଜାସ ମାନେଇରୋଙ୍କୁ ମାତ୍ର ୫୨ ମିନିଟ୍‌ରେ ୬-୧, ୬-୩ ସେଟ୍‌ରେ ପରାସ୍ତ କରି କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ୱିମ୍ବଲଡନର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପଟେ, ଜର୍ମାନୀର ଦ୍ୱିତୀୟ ସିଡ୍ ତଥା ନିକଟରେ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିବା ଆଲେକ୍ସଜାଣ୍ଡାର୍ ଜ୍ୱେରେଭ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ଫ୍ରାନ୍ସର ଭାଲେଣ୍ଟିନ ରୋୟରଙ୍କୁ ସିଧାସଳଖ ସେଟ୍‌ରେ ୬-୧, ୬-୩, ୭-୬ ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଜାପାନର ନାଓମି ଓସାକା, ସ୍ୱିଜରଲାଣ୍ଡର ବେଲିଣ୍ଡା ବେନକିକ୍ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ପୁରୁଷ ସିଙ୍ଗଲ୍ସରେ ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ମଧ୍ୟ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।




■ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ

## ଇଂଲଣ୍ଡ-ଅଷ୍ଟ୍ରେଲିଆ ଫାଇନାଲ ଟକ୍କର

ଲଣ୍ଡନ,୩।୭ (ଏଜେନ୍ସି): ନାଟାଲି ସିଭର-ବ୍ରଣ୍ଟଙ୍କ ଅଧିନାୟକୀୟ ଇନିଂସ ବଳରେ ଦକ୍ଷିଣ ଆଫ୍ରିକାକୁ ୪୦ ରନ୍‌ରେ ହରାଇ ଇଂଲଣ୍ଡ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଜୁଲାଇ ତାରିଖରେ ହେବାକୁ ଥିବା ଫାଇନାଲ ମୁକାବିଲାରେ ଇଂଲଣ୍ଡ ସହ ଅଷ୍ଟ୍ରେଲିଆର ମୁକାବିଲା ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୭ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ସର୍ବାଧିକ ୭୫ ରନ୍ କରିଥିବା ନାଟାଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ମହିଳା କ୍ରିକେଟ କ୍ୟାମ୍ପରେ ସୁଶ୍ରୀ

ଭୁବନେଶ୍ୱର,୩।୭ (ସମିସ): ବିସିସିଆଇ ପକ୍ଷରୁ ପ୍ରତିଭାବାନ ମହିଳା ଖେଳାଳିଙ୍କୁ ଚିହ୍ନଟ କରି ବେଙ୍ଗାଲୁରୁରେ ଉଚ୍ଚକୋଟୀର ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି। ଟାର୍ଗେଟେଡ୍ ମହିଳା ଶିବିର ନାମରେ ବିସିସିଆଇ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପ୍ରଶିକ୍ଷଣ ଦେବ। ଏହି ଶିବିରଟି ଅଗଷ୍ଟ ୩ରୁ ଆରମ୍ଭ ହୋଇ ୨୭ରେ ଶେଷ ହେବ। ଓଡ଼ିଶାରୁ ଜଣେ ମାତ୍ର ଖେଳାଳି ତଥା ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଏହି ଶିବିର ଲାଗି ମନୋନୀତ ହୋଇଛନ୍ତି। ଏଥିଲାଗି ତାଙ୍କୁ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ସଭାପତି ପଙ୍କଜ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ଧର୍ମଶାଳାରେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍

ଭୁବନେଶ୍ୱର,୩।୭ (ସମିସ): ଅଲ୍ ଓଡ଼ିଶା ଏବଂ ଯାଜପୁର ୟୁନାଇଟେଡ୍ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଯାଜପୁର ଜିଲ୍ଲା ଧର୍ମଶାଳାର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ପ୍ରତିଯୋଗିତା ଜୁଲାଇ ୧୭ରୁ ଆରମ୍ଭ ହୋଇ ୨୦ରେ ଶେଷ ହେବ ବୋଲି ଆୟୋଜକ ସଂଘର ସଭାପତି ତପନ କିଶୋର ଷଡଙ୍ଗୀ ଜଣାଇଛନ୍ତି।

ଏସୀୟ ବାଳକ ହ୍ୟାଣ୍ଡବଲ ଶିବିର

## ସୁପ୍ରଜିତ୍ ଓ କୋଚ୍ ଗୌରୀ ସାମିଲ

ଭୁବନେଶ୍ୱର,୩।୭ (ସମିସ): ଚଳିତମାସ ୧୩ରୁ ୨୭ ତାରିଖଯାଏ ଚୀନ୍‌ରେ ହେବାକୁ ଥିବା ୨୧ ବର୍ଷରୁ କମ୍ ବଏଜ୍ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଲାଗି ଟାଟା ନଗରଠାରେ ଏକ ଶିବିରର ଆୟୋଜନ କରାଯାଇଛି। ଓଡ଼ିଶାରୁ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ଶିବିରରେ ଜଣେ ଖେଳାଳି ସୁପ୍ରଜିତ ବେହେରାଙ୍କୁ ସ୍ଥାନ ମିଳିଛି।

ଭାରତ-ଇଂଲଣ୍ଡ ଦ୍ୱିତୀୟ ଟି-୨୦ ଆଜି

## ସୂର୍ଯ୍ୟବଂଶୀଙ୍କ ପାଇଁ ସାମ୍‌ସନ୍‌ଙ୍କ ଉପରେ ଚାପ

ମାଞ୍ଚେଷ୍ଟର,୩।୭ (ଏଜେନ୍ସି)

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଶନିବାର ଦିନ ମାଞ୍ଚେଷ୍ଟରଠାରେ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଥିବା ବେଳେ, ଏହି ଦ୍ୱିତୀୟ ମ୍ୟାଚ୍‌ରେ ସମସ୍ତଙ୍କ ନଜର ଭାରତୀୟ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନଙ୍କ ଉପରେ ରହିବ। ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ଦଳରେ ସ୍ଥାନ ପାଇବା ପାଇଁ ଅପେକ୍ଷା କରି ରହିଥିବାରୁ, ସାମସନଙ୍କୁ ଦଳରେ ସ୍ଥାନ ସୁରକ୍ଷିତ ରଖିବା ପାଇଁ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ହେବ। ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସାମସନଙ୍କ ସ୍ଥିରତା ନାହିଁ। ପ୍ରଥମ ମ୍ୟାଚ୍‌ରେ ସେ ୭ଟି ବଲ୍‌ରୁ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ। ପିଚ୍‌ରେ ବଲ୍ ସୁଇଙ୍ଗ୍ କଲେ ସେ ସଂଘର୍ଷ କରୁଥିବା ଦେଖାଯାଉଛି। ଅନ୍ୟପଟେ ଓପନର ଅଭିଷେକ ଶର୍ମା ଗତ ମ୍ୟାଚ୍ ଗୁଡ଼ିକରେ ୪୯ ଏବଂ ୫୯ ରନ୍‌ର ଚମତ୍କାର ପାଳି ଖେଳି ସାମସନଙ୍କ ଉପରେ ଚାପ ବଢ଼ାଇ ଦେଇଛନ୍ତି। କେବଳ ସାମସନ ନୁହନ୍ତି, ମଧ୍ୟକ୍ରମ ବ୍ୟାଟର ତିଲକ ବର୍ମା ମଧ୍ୟ ସ୍ଲୋ ବୋଲରଙ୍କ ବିରୋଧରେ ରନ୍ ଗତି ବଢ଼ାଇବାରେ ବିଫଳ ହେଉଛନ୍ତି। ଚଳିତ ୨୦୨୬ ବର୍ଷରେ ୧୨ଟି ମ୍ୟାଚ୍ ଖେଳି ସେ ମାତ୍ର ୧୨ଟି ଛକା ମାରିଛନ୍ତି, ଯାହା ଜଣେ ଫିନିସର ବ୍ୟାଟରଙ୍କ ପାଇଁ ବହୁତ ନିରାଶାଜନକ। ଯଦି ସାମସନ ଏହି ମ୍ୟାଚ୍‌ରେ ମଧ୍ୟ ବିଫଳ ହୁଅନ୍ତି,୧୫ ବର୍ଷୀୟ ଯୁବ ବ୍ୟାଟିଂ ପ୍ରତିଭା ସୂର୍ଯ୍ୟବଂଶୀଙ୍କୁ ବେଞ୍ଚରେ ବସାଇ ରଖିବା ଦଳୀୟ ମ୍ୟାନେଜମେଣ୍ଟ ପାଇଁ କଷ୍ଟକର ହେବ। ପ୍ରଥମ ମ୍ୟାଚ୍‌ରେ ଅଭିଷେକ ଶର୍ମା ଏବଂ ଅଧିନାୟକ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୧୮୯ ରନ୍ କରିଥିଲା। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ପିଚ୍ ସ୍ପିନରମାନଙ୍କୁ ସହାୟତା କରିଥାଏ। ଭାରତୀୟ ବୋଲିଂ ଆକ୍ରମଣରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଇଂଲଣ୍ଡ ଦଳର ହାରି ବ୍ରୁକ୍, ଫିଲ୍ ସଲ୍ଟ ଏବଂ ଟମ୍ ବାଣ୍ଟନଙ୍କ ଭଳି ବିସ୍ଫୋରକ ବ୍ୟାଟରମାନଙ୍କୁ ରୋକିବା ଭାରତୀୟ ବୋଲରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।

ସାମସନଙ୍କ ପାଇଁ ଏହି ମ୍ୟାଚ୍ ନିଜର ଯୋଗ୍ୟତା ପ୍ରମାଣିତ କରିବାର ଶେଷ ସୁଯୋଗ ହୋଇପାରେ। ଯଦି ସେ ପୁଣିଥରେ ବିଫଳ ହୁଅନ୍ତି, ତେବେ ଯୁବ ତାରକା ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବା ପ୍ରାୟ ନିଶ୍ଚିତ। ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ସିରିଜର ପରାଜୟକୁ ପଛରେ ପକାଇ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

**ଭେନ୍ୟୁ: ଓଲ୍ଡ ଟ୍ରାଫର୍ଡ, ମାଞ୍ଚେଷ୍ଟର**
**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS